ବର୍ଷ-୨୬, ସଂଖ୍ୟା-୧୩୭
ଭୁବନେଶ୍ୱର
୨୧, ମଇ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 137
Bhubaneswar
21 May, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୪୮.୨ ଡିଗ୍ରୀ ସହ ୟୁପିର ବାନ୍ଦା ବିଶ୍ୱରେ ସବୁଠାରୁ ଉତ୍ତପ୍ତ

ନୂଆଦିଲ୍ଲୀ,୨୦।୫(ମହାଭାରତ) ଭାରତର ଅନେକ ଅଂଶରେ ଏବେ ଗ୍ରୀଷ୍ମଲହରୀ ସ୍ଥିତି ଜାରି ରହିଛି। ଉତ୍ତର ଭାରତ ଓ କେନ୍ଦ୍ରୀୟ ଭାରତରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମଲହରୀ ସ୍ଥିତି ଜାରି ରହିବ ବୋଲି ଆଇଏମ୍?ଡି ( ଭାରତୀୟ ପାଣିପାଗ ବିଭାଗ) ଚେତାବନୀ ଦେଇଛି। ପାଣିପାଗ ବିଭାଗ ଦିଲ୍ଲୀ, ପଞ୍ଜାବ, ହରିୟାଣା ଏବଂ ଚଣ୍ଡିଗଡ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବାବେଳେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ବିଦର୍ଭର କିଛି ଅଂଶରେ ଗରମ ରାତି ପାଇଁ ମଧ ରେଡ ଆଲର୍ଟ ଜାରି ହୋଇଛି। ବୁଧବାର ଦିଲ୍ଲୀ ତାପମାତ୍ରା ୪୪ରୁ ୪୫ ଡିଗ୍ରି ମଧରେ ରହିଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀରେ ମଙ୍ଗଳବାର ଚଳିତ ମାସର ପ୍ରଥମ ସର୍ବାଧିକ ଉତ୍ତପ୍ତ ଦିବସ ଥିଲା। ଦିଲ୍ଲୀ ତାପମାତ୍ରା ଗତକାଲି ୪୫ ଡିଗ୍ରି ଟପିଥିଲା। ଆଜି ମଧ ଦିଲ୍ଲୀରେ ପ୍ରବଳ ଗ୍ରଷ୍ମଲହର ଅନୁଭୂତ ହୋଇଥିଲା।

ଗ୍ରୀଷ୍ମଲହରୀ ଉତ୍ତରପ୍ରଦେଶର ବାନ୍ଦାରେ ଅତି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ତାପମାତ୍ରା ଏଠାରେ ଲଗାତାର ବିପଜ୍ଜନକ ସ୍ତର ଅତିକ୍ରମ କରୁଛି ଏବଂ ଏହା ବିଶ୍ୱରେ ସବୁଠାରୁ ଉତ୍ତପ୍ତ ସ୍ଥାନରେ ପରିଣତ ହୋଇଛି। ମେ' ୧୯ ତାରିଖରେ ବାନ୍ଦା ତାପମାତ୍ରା ୪୮.୨ ଡିଗ୍ରି ଥିଲା ଏବଂ ଏହା ଏସିଆରେ ସବୁଠାର ଉତ୍ତପ୍ତ ସ୍ଥାନ ପାଲଟିଥିଲା। ଏହାର କିଛି ସପ୍ତାହ ପୂର୍ବରୁ ଏପ୍ରିଲ ୨୭ ତାରିଖରେ ବାନ୍ଦା ଜିଲ୍ଲା ୪୭.୬ ଡିଗ୍ରି ସେଲସିୟସ ସହ ବିଶ୍ୱ ଉତ୍ତପ୍ତ ତାଲିକାର ଶୀର୍ଷରେ ରହିଥିଲା। ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି ଯେ ପରିବେଶର କ୍ଷତି, ସବୁଜିମା ହଟିଯିବା , ନଦୀ ଶଯ୍ୟାରେ ଖନନ ଏବଂ କଂକ୍ରିଟ ନିର୍ମାଣ ବୃଦ୍ଧି ପାଇବା ଦ୍ୱାରା ବାନ୍ଦା ଏକ ବିପଜ୍ଜନକ ଭାବେ ଉତ୍ତପ୍ତ ଅଂଚଳ ପାଲଟିଛି। ବାନ୍ଦା ପରି ପ୍ରୟାଗରାଜରେ ମଧ ଗ୍ରୀଷ୍ମଲହରୀ ସ୍ଥିତି ଜାରି ରହିଛି। ଇତିମଧରେ ଆଇଏମ୍ଡି ଆଗ୍ରା, ଫିରୋଜାବାଦ, ଏଟାୱା ଜଲେନ, ଝାନ୍ସି, ହମିରପୁର , ମାହୋବା, ବାନ୍ଦା, ଫତେପୁର ପାଇଁ ରେଡ ଆଲର୍ଟ ଜାରି କରିଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଅନେକ ଜିଲ୍ଲାରେ ଗ୍ରୀଷ୍ମଲହରୀ ସ୍ଥିତି ଜାରି ରହିବ। ଲୋକମାନେ ଖରାରେ ବେଶୀ ସମୟ ନ ରହିବାପାଇଁ ଆଇଏମ୍ଡି କହିଛି।



## ୪୬ ଡିଗ୍ରୀ ଅତିକ୍ରମ କଲା ଝାରସୁଗୁଡା

ଭୁବନେଶ୍ୱର,୨୦।୫(ମହାଭାରତ.): ଦେଶବ୍ୟାପୀ ଗ୍ରୀଷ୍ମ ଲହରି ଜାରି ରହିଛି। ଓଡିଶା ମଧ ଏଥିରୁ ବାଦ୍ ପଡି ନାହିଁ। ତେବେ ଉପକୂଳ ଓଡିଶାରେ ଆଜି ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବା ବେଳେ ରାଜ୍ୟର ପଶ୍ଚିମ ଭାଗରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ପଶ୍ଚିମ ଓଡିଶାରେ ଅଗ୍ନିବର୍ଷା ଭଳି ପ୍ରବଳ ଖରା ହୋଇଛି। ସକାଳ ୧୦ଟା ପର ଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରାସ୍ତାଘାଟ ଶୂନଶାନ ଦେଖାଯାଇଛି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକେ ତ୍ରାହିତ୍ରାହି ଡାକୁଛନ୍ତି। ଝାରସୁଗୁଡା ସହରରେ ଆଜି ୪୬ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଚଳିତ ବର୍ଷ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ଝାରସୁଗୁଡାରେ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ସମ୍ବଲପୁର: ୪୫.୩ ହୀରାକୁଦ: ୪୫, ସୋନପୁର: ୪୩.୯ ଡିଗ୍ରି ବରଗଡ: ୪୩.୮ ଡିଗ୍ରି ଓ ଟିଟିଲାଗଡ: ୪୩. ୫ ଡିଗ୍ରି ତାପମାତ୍ର ରେକର୍ଡ କରାଯାଇଛି। ଗତକାଲି ରାଜ୍ୟରେ ୧୮ଟି ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରେକର୍ଡ କରାଯାଇଥିଲା। ୪୪.୮ ଡିଗ୍ରୀ ସେଲସିୟସ ସହ ଝାରସୁଗୁଡା ଥିଲା ସବୁଠୁ ଉତ୍ତପ୍ତ ସହର। ଆଉ ଆଜି ଏଠାରେ ତାପମାତ୍ରା ଆହୁରି ବଢ଼ି ୪୫ ଡିଗ୍ରୀ ଅତିକ୍ରମ କରିଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାପାନ କନ୍‌ସୁଲ ଜେନେରାଲ

ଭୁବନେଶ୍ୱର,୨୦।୫(ମହାଭାରତ): କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ ମିଷ୍ଟର ଇସିକାୱା ୟୋସିହିସା ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଜାପାନ ଓ ଓଡିଶା ମଧରେ ସହଭାଗୀତା ବୃଦ୍ଧି ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡିଶାର



ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପରେ ଜାପାନର ସହଯୋଗ ଏବଂ କ୍ରମବର୍ଦ୍ଧିଷ୍ଣୁ ବାଣିଜ୍ୟିକ ସମ୍ପର୍କ ପାଇଁ ଜାପାନର ଉଚ୍ଚ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଜାପାନ ଓଡିଶାରେ ଅଧିକ ନିବେଶ କରିବା ସହିତ ଓଡିଶାର ଶିଳ୍ପାୟନ ପ୍ରକ୍ରିୟାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। କନସୁଲ ଜେନେରାଲ୍ ମିଷ୍ଟର ଇସିକାୱା ଉଭୟ ଜାପାନ ଓ ଓଡିଶା ମଧରେ ଥିବା ଐତିହାସିକ କଳା, ଐତିହ୍ୟ ଓ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଓଡିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ ଜାପାନର ଏକ ରାଜ୍ୟ 'ତୋତ୍ତୋରି' ଓ ଓଡିଶା ମଧରେ ସହଭାଗୀତା ହେବ। ଏହି ଉଭୟ ରାଜ୍ୟ 'ସିଷ୍ଟର ଷ୍ଟେଟ୍ସ' ଭାବରେ କାର୍ଯ୍ୟ କରିବେ। ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ଡେଲିଗେସନ ଆଗାମୀ ଦିନରେ ପରସ୍ପର ରାଜ୍ୟକୁ ଗସ୍ତ କରିବେ। ପରବର୍ତ୍ତୀ ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତ୍ତୋରି'ର ରାଜ୍ୟପାଳ ଏହି ପାର୍ଟନରସିପ୍ ସମ୍ପର୍କରେ ଅଧିକୃତ ଘୋଷଣା କରିବେ। ଏହା ସହିତ ଓଡିଶାର ଯୁବକମାନେ କିପରି ଜାପାନରେ ଅଧିକ ନିଯୁକ୍ତି ପାଇବେ, ସେ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ ଦିନରେ ଜାପାନର ରିକ୍ରୁଟମେଣ୍ଟ ଏଜେନ୍ସି ମାନେ ଓଡିଶାରେ କାମ କରିବେ। ଓଡିଶାର ଯୁବକ ଯୁବତୀ ମାନେ ଯେପରି ଅଧିକ ସଂଖ୍ୟାରେ ଜାପାନରେ ନିଯୁକ୍ତି ପାଇପାରିବେ, ସେଦିଗରେ ଏହି ସଂସ୍ଥାମାନେ ସହଯୋଗ ଯୋଗାଇଦେବେ।

ଏହା ବ୍ୟତୀତ ଜାପାନ ଓ ଓଡିଶା ମଧରେ ବାଣିଜ୍ୟ, ପୁଞ୍ଜିନିବେଶ, ଟେକ୍ନୋଲୋଜି ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ଓଡିଶାର ବୁଦ୍ଧିଷ୍ଟ ସର୍କିଟ୍ ଓ ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହା ସହିତ ଶିକ୍ଷା କ୍ଷେତ୍ରରେ ସହଭାଗୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।

## ଲଞ୍ଚ ହେଲା 'ଉଇ କେୟାର ସାଥି'

### ଗୋଟିଏ କ୍ଲିକ୍ ରେ ପହଞ୍ଚିବ ପୋଲିସ

ଭୁବନେଶ୍ୱର୨୦।୫(ମହାଭାରତ):ଟ୍ୱିନ୍ ସିଟିରେ ମହିଳାଙ୍କ ସୁରକ୍ଷାକୁ ଆଉ ଗୋଟିଏ ଡିଜିଟାଲ୍ ଢାଲ୍। ଜରୁରୀ ସମୟରେ ପୋଲିସ ସହଯୋଗ ପାଇଁ କମିଶନରେଟ୍ ପୋଲିସ ଲଞ୍ଚ କରିଛି ନୂଆ "ଉଇ କେୟାର ସାଥି" ଆପ୍। ଏହି ଆପ୍ ମାଧ୍ୟମରେ ବିପଦରେ ପଡ଼ିଥିବା ମହିଳା କିମ୍ବା ସାଧାରଣ ଲୋକ ମାତ୍ର କିଛି ସେକେଣ୍ଡରେ ପୋଲିସକୁ ଆଲର୍ଟ ପଠାଇପାରିବେ। ଘଟଣାସ୍ଥଳର ଫଟୋ, ଭିଡିଓ କିମ୍ବା ଲାଇଭ୍ ଲୋକେସନ୍ ସିଧାସଳଖ ରଜଝଝ କଣ୍ଟ୍ରୋଲ ରୁମକୁ ପହଞ୍ଚିବାର ବ୍ୟବସ୍ଥା ଥିବାରୁ ପୋଲିସ ତୁରନ୍ତ ଆକ୍ସନ୍ ନେବା ସହଜ ହେବ। ଏହି ଆପ୍‌ର ଅଫିସିଆଲ୍ ଲଞ୍ଚ କରି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, "ପୋଲିସ ସବୁବେଳେ ଫ୍ରଣ୍ଟ ଲାଇନ୍‌ରେ ରହି ଲୋକଙ୍କ ସୁରକ୍ଷା ପାଇଁ କାମ କରିବ।" ସେ କହିଛନ୍ତି, ପୂର୍ବରୁ ପୋଲିସ ରେସ୍ପନ୍ସ ଟାଇମ୍ ୧୨ ମିନିଟ୍ ଥିବାବେଳେ ବର୍ତ୍ତମାନ ଏହାକୁ ୭ ମିନିଟ୍‌ରେ ଆଣିବାରେ ସଫଳତା ମିଳିଛି।

## ଯୁକ୍ତ ୨ରେ ପାସ୍‌ହାର ୮୫.୮୫%

ଭୁବନେଶ୍ୱର,୨୦।୫(ମହାଭାରତ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡିକର ଦ୍ୱାଦଶ ଶ୍ରେଣୀ(ଯୁକ୍ତ୨) ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ଫଳ ଗୋଟିଏ ସମୟରେ ବାହାରିଛି ଏବଂ ପାସ୍‌ହାର ୮୫.୮୫% ହୋଇଛି। ୪ଟି ଯାକ ବିଭାଗକୁ ମିଶାଇ ମୋଟ ୪ଲକ୍ଷ ୧ହଜାର ୬୨୩ ଜଣ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଲକ୍ଷ ୯୮ ହଜାର ୯୦ଜଣ ପରୀକ୍ଷା ଦେଇଥିବା ବେଳେ ୩ଲକ୍ଷ ୪୧ହଜାର ୭୮୧ଜଣ ପାସ୍ କରିଛନ୍ତି। ୨୦୨୫ରେ ପାସ୍‌ହାର ୮୨.୪୫% ଥିବା ବେଳେ ଏଥର ୩.୪୦ ପ୍ରତିଶତ ବୃଦ୍ଧି ପାଇଛି। ପ୍ରଥମ ଶ୍ରେଣୀରେ ୧ଲକ୍ଷ ୨୯ହଜାର ୧୨୪, ଦ୍ୱିତୀୟ ଶ୍ରେଣୀରେ ୭୮ହଜାର ୨୬୭ ଓ ତୃତୀୟ ଶ୍ରେଣୀରେ ୧ଲକ୍ଷ ୩୧ହଜାର ୭୪୬ଜଣ ପାସ୍ କରିଛନ୍ତି। ଆଂଶିକ ବର୍ଗ ବା କମ୍ପାର୍ଟମେଣ୍ଟାଲରେ ୨୬୪୪ ଜଣ ରହିଛନ୍ତି। ବିଜ୍ଞାନ ବିଭାଗରେ ପାସ୍‌ହାର ସର୍ବାଧିକ ୮୮.୮୨% ହୋଇଥିବା ବେଳେ ବାଣିଜ୍ୟରେ ୮୮.୦୭%, କଳାରେ ୮୪.୫୦% ଓ ଧନ୍ଦାମୂଳକରେ ୭୭.୬୨% ହୋଇଛି। ଏଥର ବି ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଉନ୍ନତ ପ୍ରଦର୍ଶନ କରିଛନ୍ତି। ମୋଟ ୬,୨୮୪ଜଣ ଛାତ୍ରଛାତ୍ରୀ ୯୦% କିମ୍ବା ତା'ଠାରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।



କଳା ବିଭାଗରେ ୨ ଲକ୍ଷ ୫୪ ହଜାର ୧୧୯ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨ଲକ୍ଷ ୧୪ହଜାର ୭୩୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ଦେଇଥିବା ୧ଲକ୍ଷ ୯ହଜାର ୬୨୦ଜଣ ଛାତ୍ରଙ୍କ ମଧ୍ୟରୁ ୮୫ହଜାର ୪୭୧ଜଣ ଏବଂ ୧ଲକ୍ଷ ୪୪ହଜାର ୪୯୯ଜଣ ଛାତ୍ରୀଙ୍କ ମଧ୍ୟରୁ ୧ଲକ୍ଷ ୨୯ହଜାର ୨୫୪ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ପାସ୍‌ହାର ୭୭.୯୭% ଓ ଛାତ୍ରୀଙ୍କର ୮୯.୪୫% ହୋଇଛି। ୫୩,୧୪୧ଜଣ ପ୍ରଥମ, ୪୯,୭୯୭ଜଣ ଦ୍ୱିତୀୟ ଓ ୧,୧୧,୩୦୮ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବିଭାଗର ୬୧୪ଜଣ ଛାତ୍ରଛାତ୍ରୀ ୯୦% କିମ୍ବା ତା'ଠାରୁ ଅଧିକ ନମ୍ବର ରଖିଛନ୍ତି। ସମ୍ବଲପୁର ଜିଲ୍ଲାର ପାସ୍‌ହାର ସର୍ବାଧିକ ୮୯.୪୮% ଓ ନବରଙ୍ଗପୁର ଜିଲ୍ଲାର ସର୍ବନିମ୍ନ ୭୭.୧୪% ହୋଇଛି। କମ୍ପାର୍ଟମେଣ୍ଟାଲ(ଆଂଶିକ ବର୍ଗ)ରେ ୪୯୨ଜଣ ରହିଛନ୍ତି।

ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ୧ଲକ୍ଷ ୧୩ହଜାର ୮୨୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧ଲକ୍ଷ ୧ହଜାର ୧୦୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୫୭,୧୧୬ ଛାତ୍ରଙ୍କ ମଧ୍ୟରୁ ୪୯,୯୨୮ ଜଣ ଓ ୫୬,୭୧୦ ଛାତ୍ରୀଙ୍କ ମଧ୍ୟରୁ ୫୧,୧୭୬ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ପାସ୍‌ହାର ୮୭.୪୧% ଓ ଛାତ୍ରୀଙ୍କ ପାସ୍‌ହାର ୯୦.୨୪% ହୋଇଛି। ୬୭,୪୫୦ଜଣ ପ୍ରଥମ, ୨୧,୭୧୭ଜଣ ଦ୍ୱିତୀୟ ଓ ୧୦,୦୪୩ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୫,୧୦୧ଜଣ ଛାତ୍ରଛାତ୍ରୀ ୯୦% କିମ୍ବା ତା'ଠାରୁ ଅଧିକ ନମ୍ବର ରଖି ରେକର୍ଡ ସୃଷ୍ଟି କରିଛନ୍ତି। ବାଲେଶ୍ୱର ଜିଲ୍ଲାର ପାସ୍‌ହାର ସର୍ବାଧିକ ୯୬.୬୩% ଓ କୋରାପୁଟ ଜିଲ୍ଲାର ସର୍ବନିମ୍ନ ୭୭.୧୪% ହୋଇଛି। ଆଂଶିକ ବର୍ଗରେ ୧,୮୯୪ଜଣ ରହିଛନ୍ତି।

ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ୨୪,୨୮୯ଜଣଙ୍କ ମଧ୍ୟରୁ ୨୧,୩୯୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୫,୨୧୮ ଛାତ୍ରଙ୍କ ମଧ୍ୟରୁ ୧୩,୧୯୦ ଜଣ ଓ ୯,୦୭୧ ଛାତ୍ରୀଙ୍କ ମଧ୍ୟରୁ ୮,୨୦୩ ଜଣ ପାସ୍ କରିଛନ୍ତି। ଛାତ୍ର ଓ ଛାତ୍ରୀଙ୍କ ପାସ୍‌ହାର ଯଥାକ୍ରମେ ୮୬.୬୭% ଓ ୯୦.୪୩% ରହିଛି। ୭,୬୦୨ଜଣ ପ୍ରଥମ, ୪,୫୦୭ଜଣ ଦ୍ୱିତୀୟ ଓ ୯,୨୪୧ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏହି ବିଭାଗରେ ୫୬୮ଜଣ ଛାତ୍ରଛାତ୍ରୀ ୯୦% କିମ୍ବା ତା'ଠାରୁ ଅଧିକ ନମ୍ବର ରଖିଛନ୍ତି। ବୌଦ୍ଧ ଜିଲ୍ଲାର ପାସ୍‌ହାର ସର୍ବାଧିକ ୧୦୦% ଓ ବଲାଙ୍ଗୀର ଜିଲ୍ଲାର ସର୍ବନିମ୍ନ ୭୭.୨୫% ହୋଇଛି। ଆଂଶିକ ବର୍ଗରେ ୧୪୩ଜଣ ପରୀକ୍ଷାର୍ଥୀ ଅଛନ୍ତି।

ଧନ୍ଦାମୂଳକ ବିଭାଗରେ ୫,୮୫୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪,୫୪୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ଦେଇଥିବା ୨,୮୪୯ ଛାତ୍ରଙ୍କ ମଧ୍ୟରୁ ୨,୦୩୭ ଜଣ ପାସ୍ କରିଛନ୍ତି। ପାସ୍ ପ୍ରତିଶତ ୭୧.୪୭% ହୋଇଛି। ସେହିପରି ୩,୦୦୭ ଛାତ୍ରୀଙ୍କ ମଧ୍ୟରୁ ୨,୫୦୯ ଜଣ ପାସ୍ କରିଛନ୍ତି ଏବଂ ପାସ୍‌ହାର ୮୩.୪୩% ହୋଇଛି। ଜଣେ ପରୀକ୍ଷାର୍ଥୀ ୯୦%ରୁ ଅଧିକ ନମ୍ବର ରଖିବାରେ ସମର୍ଥ ହୋଇଛନ୍ତି।

## ପୁରୀ ଶ୍ରୀମନ୍ଦିରର ଆପତ୍ତି ପରେ ପଞ୍ଜାବରେ ସ୍ଥଗିତ ହେଲା ରଥଯାତ୍ରା




ପୁରୀ,୨୦।୫(ମହାଭାରତ): ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନେଇ ପୁରୀ ଶ୍ରୀମନ୍ଦିର ପ୍ରଶାସନର କଡ଼ା ଆପତ୍ତି ପରେ ପଞ୍ଜାବର ଫିରୋଜପୁରରେ ଆୟୋଜିତ ହେବାକୁ ଥିବା ରଥଯାତ୍ରାକୁ ସ୍ଥଗିତ ରଖାଯାଇଛି। ମେ ୨୩ ତାରିଖରେ ସେଠାରେ ରଥଯାତ୍ରା ଆୟୋଜନ ହେବାକୁ ଥିବା ବେଳେ, ଏହାକୁ ନେଇ ପୁରୀ ଶ୍ରୀମନ୍ଦିର ପକ୍ଷରୁ ଆପତ୍ତି ଉଠାଯାଇଥିଲା।ସୂଚନା ଅନୁସାରେ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ପଞ୍ଜାବର ଫିରୋଜପୁର ଜିଲ୍ଲାପାଳ ଦୀପଶିଖା ଶର୍ମାଙ୍କୁ ଚିଠି ଲେଖି ରଥଯାତ୍ରାକୁ ନିର୍ଦ୍ଧାରିତ ପରମ୍ପରା ଓ ତିଥି ଅନୁଯାୟୀ ଆୟୋଜନ କରିବାକୁ ଅନୁରୋଧ କରିଥିଲେ। ଅନିର୍ଦ୍ଧାରିତ ତାରିଖରେ ରଥଯାତ୍ରା କରାଯିବା ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିରୋଧୀ ବୋଲି ଶ୍ରୀମନ୍ଦିର ପକ୍ଷରୁ କୁହାଯାଇଥିଲା। ଏହାପରେ ଫିରୋଜପୁର ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଥିଲା। ଜିଲ୍ଲାପାଳ ଦୀପଶିଖା ଶର୍ମା କହିଛନ୍ତି ଯେ, ଫିରୋଜପୁର ଜଗନ୍ନାଥ ମନ୍ଦିର ପ୍ରଶାସନକୁ ଡାକି ରଥଯାତ୍ରାର ସଠିକ ସମୟ ଓ ପୁରୀ ଶ୍ରୀଜଗନ୍ନାଥ ଧାମର ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ମନ୍ଦିର ପକ୍ଷରୁ ମେ ୨୩ରେ ହେବାକୁ ଥିବା ରଥଯାତ୍ରାକୁ ସ୍ଥଗିତ ରଖିବାକୁ ସମ୍ମତି ଦିଆଯାଇଛି। ଏହି ଘଟଣା ପରେ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ନୀତିକାନ୍ତିର ସୁରକ୍ଷା ନେଇ ପୁରୀ ଶ୍ରୀମନ୍ଦିର ପ୍ରଶାସନର ପଦକ୍ଷେପକୁ ଭକ୍ତମାନେ ସ୍ୱାଗତ କରିଛନ୍ତି।

## ରାଜଧାନୀରେ ପୁଣି ବୁଲିଲା ବୁଲଡୋଜର

ଭୁବନେଶ୍ୱର,୨୦।୫(ମହାଭାରତ): ଭୁବନେଶ୍ୱରର ପଟିଆ-କଳାରାହାଙ୍ଗ ଅଞ୍ଚଳରେ ବୁଧବାର ସକାଳୁ ଦେଖିବାକୁ ମିଳିଛି ହାଇଡ୍ରାମା। ସରକାରୀ ଜମିରୁ ବେଆଇନ ଜବରଦଖଲ ହଟାଇବା ପାଇଁ ଇଗଉର ବୁଲଡୋଜର ବୁଲିଛି। ଦେଖୁଦେଖୁ ଭାଙ୍ଗିଗଲା ଘର, ଦୋକାନ ଓ ବର୍ଷର ସ୍ମୃତି। ଆଉ ଉଚ୍ଛେଦ ସ୍ଥଳ ପାଲଟିଗଲା ରଣକ୍ଷେତ୍ରରେ।

କଳାରାହାଙ୍ଗ ଅଞ୍ଚଳର ପ୍ରାୟ ୬ ଏକର ଗ୍ରାମ୍ୟ ଜଙ୍ଗଲ ଜମି ଦୀର୍ଘଦିନ ଧରି ଜବରଦଖଲରେ ଥିବା ଅଭିଯୋଗ ଥିଲା। ଏହି ଜମି ଉପରେ ଗଢ଼ିଉଠିଥିବା 'ରେଗେଡି ବସ୍ତି'ରେ ଥିବା ପ୍ରାୟ ୫୦ରୁ ଅଧିକ ଘର ଓ ବ୍ୟବସାୟିକ ଦୋକାନକୁ ଭାଙ୍ଗିବା ପାଇଁ ଏକାଠି ହୋଇଥିଲେ ଇଗଉ, ଈଉଇ ଓ ଏଇ ବିଭାଗର ଟିମ୍। ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ମନିଟରିଂ କମିଟି ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା ଏହି ଅଭିଯାନ ପାଇଁ ବ୍ୟାପକ ପୋଲିସ ମୁତୟନ ମଧ କରାଯାଇଥିଲା।କିନ୍ତୁ ଉଚ୍ଛେଦ ଯେତେ ଆଗକୁ ବଢ଼ିଲା, ସେତେ ତୀବ୍ର ହେଲା ବିରୋଧ। ବସ୍ତିବାସିନ୍ଦାମାନେ ଦୋକାନ ଆଗରେ ବସି ପ୍ରତିବାଦ କରିଥିଲେ। କେତେକ ମହିଳା ହାତରେ ଦା, କଟୁରୀ ଓ ପନିକି ଧରି ଉଚ୍ଛେଦକୁ ରୋକିବାକୁ ଚେଷ୍ଟା କରିଥିଲେ। କେତେବେଳେ ପୋଲିସ ଓ ସ୍ଥାନୀୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ମଧ ସୃଷ୍ଟି ହୋଇଥିଲା।"ପିଢ଼ି ପରେ ପିଢ଼ି ଆମେ ଏଠି ରହୁଛୁ। ଏବେ ହଠାତ୍ କୁଆଡେ ଯିବୁ" ଏଭଳି ପ୍ରଶ୍ନ କରି ପ୍ରଶାସନ ସାମ୍ନାରେ ଭାବବିହ୍ୱଳ ହୋଇପଡ଼ିଥିଲେ ଅନେକ



ପରିବାର। ଏକପଟେ ସରକାରୀ ଜମି ମୁକ୍ତ କରିବାର ଅଭିଯାନ, ଅନ୍ୟପଟେ ମୁଣ୍ଡ ଉପରୁ ଛାତ ହରାଇବାର ଭୟ ଏହି ଦୁଇ ଚିତ୍ର ମଧ୍ୟରେ କଳାରାହାଙ୍ଗର ଉଚ୍ଛେଦ ଏବେ ରାଜଧାନୀର ସବୁଠୁ ବଡ଼ ଚର୍ଚ୍ଚା ପାଲଟିଛି।

## ୯୭ ପ୍ଲଟ୍, ୫ କୋଠା, ୧୭ ଏକରର ଫାର୍ମ ହାଉସ ଓ ମାର୍କେଟ କମ୍ପ୍ଲେକ୍ସ ଠାବ

ଭୁବନେଶ୍ୱର,୨୦।୫(ମହାଭରତ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ ଆର୍ ଆଣ୍ଡ ବି ସବ୍-ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଗିରଫ କରିଛି ଭିଜିଲାନ୍ସ। ବୁଧବାର ଏନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ମଙ୍ଗଳବାର ଶ୍ରୀ ଶବରଙ୍କର ୬ଟି ଠିକଣାରେ ଭିଜିଲାନ୍ସ ଚାଉ କରିଥିବା ବେଳେ ଠାବ କରିଛି ପୁଳା ପୁଳା ସମ୍ପତ୍ତି। ତାଙ୍କ ସମ୍ପତ୍ତି ମଧ୍ୟରେ ରହିଛି ୯୭ଟି ପ୍ଲଟ୍, ୬ଟି ବହୁତଳ କୋଠା, ୨ଟି ଫାର୍ମ ହାଉସ୍ ଓ ଗୋଟିଏ ମାର୍କେଟ କଂପ୍ଲେକ୍ସ। ଏହି ୯୭ଟି ପ୍ଲଟ୍‌ର ମୋଟ ଜାଗା ୮୩ ଏକର। ସେହିପରି ୧୭ ଏକର ଜାଗାରେ ତାଙ୍କର ୨ଟି ଯାକ ଫାର୍ମ ହାଉସ୍ ଅଛି। ତାଙ୍କ ମାର୍କେଟ କଂପ୍ଲେକ୍ସରେ ୮ଟି କ୍ୟାବିନ୍ ଅଛି। ଏହା ବ୍ୟତୀତ ସେ ୧୦ ଲକ୍ଷ ୭୨ ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କ ଘରୁ ୧୯ ଲକ୍ଷ ୭୮ ହଜାର ଟଙ୍କାର ନଗଦ ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଠାବ କରାଯାଇଛି। ସେହିଭଳି ତାଙ୍କର ଗୋଟିଏ ହୁଣ୍ଡାଇ କ୍ରେଟା କାର ଅଛି।

ପଚରାଉଚରା ବେଳେ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଏତେ ପରିମାଣରେ ସଂପତ୍ତି କିପରି ଠୁଳ କଲେ, ତା'ର କିଛି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏହା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହିତ ତଦନ୍ତ ଜାରି ରଖିଛି।

ଭୁବନେଶ୍ୱର ଶବର ୧୯୯୯ ମସିହାରେ ୬୦୦୦ ଟଙ୍କାରେ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୯ ଜୁଲାଇ ୧ ତାରିଖରେ କୋରାପୁଟ ଆର ଆଣ୍ଡ ବି ଡିଭିଜନ ଅଧୀନ ସୁନାବେଡା ସେକ୍ସନରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ୨୦୦୩ ମସିହା ପର୍ଯ୍ୟନ୍ତ ରହିଥିଲେ। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ସେ ନବରଙ୍ଗପୁର ଆର ଆଣ୍ଡ ବି ସେକ୍ସନରେ କାର୍ଯ୍ୟ କରିଥିଲେ। ୨୦୦୭ ରୁ ୨୦୧୩ ପର୍ଯ୍ୟନ୍ତ ସେ ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ କାର୍ଯ୍ୟ କରିଥିଲେ। ୨୦୧୩ରେ ସେ ସହାକରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ସେହି ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ ଅବସ୍ଥାପିତ ହୋଇଥିଲେ। ପରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ ଆର ଆଣ୍ଡ ବି ସବ୍-ଡିଭିଜନରେ ନିଯୁକ୍ତ ହୋଇଥିଲେ। ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ସେ ଏହି ପଦରେ ରହି କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରେ ସେ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ ଆର ଆଣ୍ଡ ବି ସବ୍-ଡିଭିଜନରେ କାର୍ଯ୍ୟ ଜାରି ରଖିଥିଲେ। ଏବେ ସେ ସେଠାରେ କାର୍ଯ୍ୟରତ ଥିବା ବେଳେ ୨୦୨୫ ଜାନୁଆରୀରୁ ଭବାନୀପାଟଣା ଆର ଆଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇ ଆସୁଛନ୍ତି।



ଗିରଫ ହେଲେ ନିର୍ବାହୀ ଯନ୍ତ୍ରୀ

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



ଖବର

# ଚଣ୍ଡୀମାତାଙ୍କୁ ପୂଜା



ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କ କ୍ରୋଧମୟ ସ୍ୱରୂପ ହେଉଛନ୍ତି ମହାଶକ୍ତି ଚଣ୍ଡୀ । 'ଚଣ୍ଡ' ବା 'ଚଡି' ଧାତୁ ସହିତ 'ଇପ୍' ବା 'ଙୀଷି' ପ୍ରତ୍ୟୟ ଯୋଗ ହୋଇ 'ଚଣ୍ଡୀ' ଶବ୍ଦର ସୃଷ୍ଟି ହୋଇଛି । ସାଧାରଣରେ ଏହି ଶବ୍ଦର ଅର୍ଥ ହେଉଛି କୋପମୟୀ, କ୍ରୁଦ୍ଧା । ବ୍ରହ୍ମସ୍ୱରୂପିଣୀ ମାତା ଦୁର୍ଗା ଶୁମ୍ଭ ଅସୁର ଏବଂ ଚଣ୍ଡ ଓ ମୁଣ୍ଡକୁ ବଧ କରିବା ଲାଗି କୋପମୟୀ ସ୍ୱରୂପ ଧାରଣ କରିଥିଲେ । ସେଥିପାଇଁ ସେ ଚଣ୍ଡୀ ନାମରେ ପରିଚିତ ହେଲେ । ଚଣ୍ଡିକା ମାତାଙ୍କ ପୂଜା କରିବା ଦ୍ୱାରା ଭକ୍ତ ସ୍ୱର୍ଗ ସୁଖ ଭୋଗ କରିଥାଏ ଏବଂ ମୋକ୍ଷ ଲାଭ କରିଥାଏ । ପ୍ରତିଦିନ ଚଣ୍ଡିକା ପୂଜା କରିବାର ପୂଣ୍ୟ ଫଳକୁ ସ୍ୱୟଂ ବ୍ରହ୍ମା ସୁଦ୍ଧା ନିର୍ଣ୍ଣୟ କରିପାରିବେ ନାହିଁ । ଚଣ୍ଡି ପୂଜା ମନୁଷ୍ୟକୁ ଲକ୍ଷ୍ମୀବନ୍ତ କରିଥାଏ । ଚଣ୍ଡୀଙ୍କୁ ପୂଜା କରି ମନୁଷ୍ୟ ମୁକ୍ତି ଲାଭ କରିଥାଏ । ନୀଳକମଳ ପୁଷ୍ପ ଅର୍ପଣ କରି ଚଣ୍ଡୀ ମାତାଙ୍କୁ ପୂଜା କରିବା ଦ୍ୱାରା ମନୁଷ୍ୟ ନାନାଲୋକ ପ୍ରାପ୍ତ କରିଥାଏ । ପଞ୍ଚଗବ୍ୟ ଦ୍ୱାରା ଚଣ୍ଡୀମାତାଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରାଇ ପୂଜା କଲେ ମନୁଷ୍ୟ ସୁରଭି ଲୋକ ପ୍ରାପ୍ତ କରିଥାଏ । ଉତ୍ତରାୟଣରେ ଚଣ୍ଡୀ ପୂଜା କଲେ ବହୁପୁତ୍ର, ପୁତ୍ରବଧୂ ଓ ଧନପ୍ରାପ୍ତ ହୋଇଥାଏ । ଚଣ୍ଡୀ ଦର୍ଶନ ଅତ୍ୟନ୍ତ ପବିତ୍ର ଅଟେ । ଅହିଂସା ଭାବ ନେଇ ଦେବୀ ପୂଜା କଲେ ଶ୍ରେଷ୍ଠ ଫଳ ମିଳିଥାଏ । ଶାରଦୀୟ ପୂଜା ଅବସରରେ ଚଣ୍ଡୀମାତାଙ୍କୁ ପୂଜା କରୁଥିବା ମନୁଷ୍ୟର ମୁକ୍ତି ସୁନିଶ୍ଚିତ । ଏପରି ମନୁଷ୍ୟ ମୃତ୍ୟୁ ପରେ ଚଣ୍ଡୀଲୋକରେ ସ୍ଥାନ ପାଏ ତଥା ଚିରକାଳ ପର୍ଯ୍ୟନ୍ତ ସୁଖ ଭୋଗ କରିଥାଏ । ଚଣ୍ଡୀମାତାଙ୍କ ମଣିମୟୀ ମୂର୍ତ୍ତି ପୂଜା କଲେ ଭକ୍ତ ପରମଗତି ଲାଭ କରିଥାଏ । ଶାସ୍ତ୍ରରେ କୁହାଯାଇଛି, ଶମ୍ଭୁ, ବିଷ୍ଣୁ, କୁବେର, ବାୟୁ, ଅଗ୍ନି, ବସୁ, ଅଶ୍ୱିନୀ କୁମାର, ବିଶ୍ୱଦେବ, ବରୁଣ, ସୂର୍ଯ୍ୟ, ଗ୍ରହ, ପିତର, ପିଶାଚ ଆଦି ମଧ୍ୟ ଚଣ୍ଡୀଙ୍କ ବିଭିନ୍ନ ସ୍ୱରୂପକୁ ପୂଜା କରିଥାନ୍ତି ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

# ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ

ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା'ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ। ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସମ୍ବନ୍ଧୀୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ। ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ



ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ ।

ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣର୍ଡ ପାଠ କରନ୍ତୁ।

ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ । କୁଣ୍ଡଳୀର ଶୁକ୍ରଙ୍କ ଖରରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ ।

# ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ



ହିନ୍ଦୁ ଧର୍ମରେ ରହିଛି ଅନେକ ପରମ୍ପରା ଏବଂ ପ୍ରଥା । ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ଅନେକ ପ୍ରଥା ଆଜି ମଧ୍ୟ ଭାରତରେ ପ୍ରଚଳିତ ହେଉଛି । ଯେମିତିକି ମନ୍ଦିରରେ ଖାଲି ପାଦରେ ପ୍ରବେଶ କରିବା ଏକ ହିନ୍ଦୁ ପ୍ରଥା । ତଥାପି, ଜାପାନୀମାନଙ୍କ ସମେତ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କୌଣସି ପବିତ୍ର ସ୍ଥାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଜୋତା କିମ୍ବା ଚପଲ କାଢ଼ି ଦିଅନ୍ତି । ଏହାର କାରଣ ହେଉଛି ମନ୍ଦିରଗୁଡ଼ିକ ପବିତ୍ର ସ୍ଥାନ ବୋଲି କୁହାଯାଏ । ତେଣୁ ଭକ୍ତମାନେ ସେମାନଙ୍କର ପବିତ୍ରତା ବଜାୟ ରଖିବା ଉଚିତ ।ଏହା ବିଶ୍ୱାସ କରାଯାଏ ଯେ ଜୋତା ବିନା ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ଆପଣ ଭଗବାନଙ୍କ ସହିତ ସହଜରେ ସଂଯୋଗ ସ୍ଥାପନ କରିପାରିବେ । ଏହା ମଧ୍ୟ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏକ ଉପାୟ । ପୌରାଣିକ କଥା ଅନୁଯାୟୀ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାମାନଙ୍କୁ ଅସମ୍ମାନ କରିବା ସହିତ ସମାନ ।ତେଣୁ, ଏହାକୁ ସର୍ବଦା ଏଡାଇବା ଉଚିତ । ଏହି କାରଣରୁ ମନ୍ଦିରରେ ପ୍ରବେଶ କରିବା ସମୟରେ ଲୋକମାନଙ୍କୁ ଚମଡ଼ା ବେଲ୍ଟ ଏବଂ ପର୍ସ କାଢ଼ିବାକୁ କୁହାଯାଏ ।ଅଧିକାଂଶ ମନ୍ଦିରର ଚଟାଣରେ ହଳଦୀ, ଚନ୍ଦନ ଏବଂ ସିନ୍ଦୁରର ଲେପ ଦିଆଯାଇଥାଏ । ଆୟୁର୍ବେଦ ଅନୁସାରେ, ଏଗୁଡ଼ିକ ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣର ଉତ୍ସ । ଯେତେବେଳେ ଆପଣ ମନ୍ଦିର ଚଟାଣରେ ଜୋତା ବିନା ପ୍ରବେଶ କରନ୍ତି, ସେତେବେଳେ ଆପଣ ଏହି ଉପାଦାନଗୁଡ଼ିକର ଲାଭ ପାଇପାରିବେ । ବିଶ୍ୱାସ ଅନୁସାରେ, ମନ୍ଦିର ଏପରି ଏକ ସ୍ଥାନ ଯାହା ମାନସିକ ଶାନ୍ତି ପ୍ରଦାନ କରେ । ତେଣୁ ଯେତେବେଳେ ଆପଣ ମନ୍ଦିରରେ ଖାଲି ପାଦରେ ପ୍ରବେଶ କରନ୍ତି, ସେତେବେଳେ ଆପଣଙ୍କ ପାଦ ଦେଇ ସକାରାତ୍ମକ ଶକ୍ତି ଆପଣଙ୍କ ଶରୀରରେ ପ୍ରବେଶ କରେ ।ଏହା ଆପଣଙ୍କ ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବାର କିଛି ମହ□ ହେଉଛି ଯେ ଏହା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ହିନ୍ଦୁ ପରମ୍ପରା । ମନ୍ଦିରକୁ ଏକ ଅତ୍ୟନ୍ତ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ । ସେଠାରେ ପ୍ରବେଶ କରିବା ଭଗବାନଙ୍କ ଘରେ ପ୍ରବେଶ କରିବା ପରି। ଦେବତାମାନଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧା ପ୍ରଦର୍ଶନ କରିବା ପାଇଁ ଏହାକୁ ପାଳନ କରାଯିବା ଉଚିତ । ତଥାପି, ଏହା ପରମ ଚେତନା ବା ବ୍ରହ୍ମଙ୍କ ସହିତ ଆପଣଙ୍କର ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିପାରିବ ।

## ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ଦଳ, ସଂଗଠନକୁ ସଶକ୍ତ କରିବା ମୂଳ ଉଦ୍ଦେଶ୍ୟ : ନୀତିନ

ଭୁବନେଶ୍ୱର,୨୦।୫ (ମହାଭାରତ): ସରକାର ଗଠନ ପାଇଁ ସଂଘର୍ଷ ଆବଶ୍ୟକ। ଅନ୍ୟପକ୍ଷରେ ସରକାର ଚଳାଇବା ପାଇଁ ସମର୍ପଣ ଆବଶ୍ୟକ। ଆମ ସମସ୍ତଙ୍କୁ ଲମ୍ବା ସମୟର ସଂଘର୍ଷ ଓ ସମର୍ପଣ ମନୋଭାବ ଆବଶ୍ୟକ। କେବଳ ଶାସନ ଓ କ୍ଷମତା ହାସଲ କରିବା ଏକମାତ୍ର ଲକ୍ଷ୍ୟ ନୁହେଁ ବରଂ ବର୍ତମାନ ଆମକୁ ସଂଘର୍ଷ ସହିତ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବାକୁ ପଡ଼ିବ। ଦେଶ ସାରା ବିଜେପି ପ୍ରତି ସକରାତ୍ମକ ଲହର ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବର୍ଷ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। "ରାଷ୍ଟ୍ର ସର୍ବୋପରି" ମନୋଭାବ ରଖି ପ୍ରଧାନମନ୍ତ୍ରୀ ମୋଦିଜୀ ନିଷ୍ଠାର ସହ କାର୍ଯ୍ୟ କରିଚାଲିଛନ୍ତି।୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି। ଅତୀତରେ ବିରୋଧୀ ଦଳ ଭୂମିକାରେ ରହି ତତ୍କାଳୀନ ସରକାରଙ୍କୁ ଗଠନାତ୍ମକ ଓ ସକରାତ୍ମକ ସହଯୋଗ କରୁଥିଲା। କିନ୍ତୁ ବର୍ତମାନ ବିରୋଧୀ ଦଳ ଗୁଡିକର ଆଚରଣ ଓ ଉଚ୍ଚାରଣ ବ୍ୟାପକ ପରିବର୍ତନ ଘଟିଛି। ନକରାତ୍ମକ ମନୋଭାବ ସ୍ପଷ୍ଟ ପରିପ୍ରକାଶ ପାଉଛି। ଭାରତୀୟ ଯୁବକ ନବସୃଜନ, ସୃଜନଶୀଳ, ରଚନାତ୍ମକ ଚିନ୍ତାଧାରା ପାଇଁ ପରିଚିତ। ଅନ୍ୟପଟେ ନକରାତ୍ମକ ମନୋଭାବ ରଖିଥିବା ବିରୋଧୀ ଦଳଗୁଡିକ ଏବେ ଜେନ୍ ଜି ନାମରେ ଯୁବବର୍ଗକୁ ପଥଭ୍ରାନ୍ତ କରୁଛନ୍ତି। ଏହା ବିକାଶର ଧାରାକୁ ପ୍ରତିରୋଧ କରୁଛି ବୋଲି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ଆୟୋଜିତ "ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ




୨୦୨୬" ରେ ଯୋଗ ଦେଇ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ କହିଛନ୍ତି। ଶ୍ରୀ ନୀତିନ ନବୀନ କହିଛନ୍ତି ଯେ, ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ନିରାକରଣ ହେଉଛି ଆମ ସମସ୍ତଙ୍କ ମୂଳ କର୍ତବ୍ୟ। ବିଶେଷ ଭାବେ "ଆତଙ୍କବାଦ, ଅନୁପ୍ରବେଶକାରୀ, ସୀମା ବିବାଦ, ତସ୍କରୀ" ଭଳି ବାହ୍ୟଶତ୍ରୁଙ୍କ ଆହ୍ୱାନକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ସଫଳତାର ସହ ମୁକାବିଲା କରୁଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଦେଶର ପଛୁଆ ଜିଲ୍ଲା ଭାବେ ପରିଗଣିତ ଅଂଚଳକୁ ଆକାଂକ୍ଷୀ ଜିଲ୍ଲା ଭାବେ ବିକାଶର ମୁଖ୍ୟ ସ୍ରୋତର ସାମିଲ କରିବାକୁ ସଫଳ ପ୍ରୟାସ କରିଛନ୍ତି। ଏବେ ନକ୍ସଲବାଦ ସମାପ୍ତପ୍ରାୟ। ଆତଙ୍କବାଦ ଉପରେ ରୋକ ଲଗାଯାଇପାରିଛି। ସେନାବାହିନୀକୁ ମୁକ୍ତ ହସ୍ତ ଦିଆଯାଇ ତାଙ୍କ ମନୋବଳକୁ ସୁଦୃଢ଼ କରାଯାଇଛି। ସେହିପରି ସାଂସ୍କୃତିକ ରାଷ୍ଟ୍ରବାଦ ସୁରକ୍ଷା ପ୍ରତି ବଡ ବିପଦକୁ ସାମ୍ନା କରିବା ଆମ ସମସ୍ତଙ୍କ ପାଇଁ ବଡ ଆହ୍ୱାନ। ଅନୁପ୍ରବେଶକାରୀ, ଧର୍ମଭିତିକ ମତାନ୍ତର, କ୍ଷେତ୍ରବାଦ୍, ସାଂସ୍କୃତିକ ଆକ୍ରମଣ କରାଯିବାର ବଡ ଚକ୍ରାନ୍ତକୁ ବିଫଳ କରିବା ହେଉଛି ଆମ ସମସ୍ତଙ୍କ ପାଇଁ ବଡ ଆହ୍ୱାନ। ସଂସ୍କୃତିକୁ ଆଧାର କରି ବିକାଶ ହେବା ଉଚିତ୍ । ଦେଶର ଉଭୟ ଆନ୍ତରୀଣ ଓ ବାହ୍ୟ ସୁରକ୍ଷା ସହ କୌଣସି ସାଲିସ କରାଯିବନାହିଁ। ପ୍ରଶିକ୍ଷଣ ହେଉଛି ଏକ ନିରନ୍ତର ପ୍ରକ୍ରିୟା। ଅଧ୍ୟୟନ ପ୍ରକ୍ରିୟା ଜାରି ରଖିବା। ଦଳ ଓ ସଂଗଠନକୁ ସଶକ୍ତ କରିବା ହେଉଛି ଆମ ସମସ୍ତଙ୍କ ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ନୀତିନ ନବୀନ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ଯେ, ବିଜେପି ହେଉଛି କାର୍ଯ୍ୟକର୍ତା ଆଧାରିତ ଜାତୀୟତାବାଦୀ ଦଳ। "ଜ୍ଞାନ ହେଉଛି ଶକ୍ତି ଏବଂ ଅଭିଜ୍ଞତା ହେଉଛି ମୂଲ୍ୟବାନ"। ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ କାର୍ଯ୍ୟକର୍ତାଙ୍କୁ ସକ୍ଷମ କରିବା ସହ ସଂଗଠନକୁ ମଧ ସଶକ୍ତ କରିବ। ଏହି ପ୍ରଶିକ୍ଷଣ ଶିବିରରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ସାମିଲ ହେବା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। ଏହି ପ୍ରଶିକ୍ଷଣ ଶିବିରରୁ ଅଧିକରୁ ଅଧିକ ଲାଭ ନେବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ଶ୍ରୀ ନିରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଆଜି ଓ ଆସନ୍ତାକାଲି ଦୁଇ ଦିନ ଧରି ଚାଲିବାକୁ ଥିବା ପ୍ରଶିକ୍ଷଣ ଶିବିରକୁ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଉଦ୍‌ଘାଟନ କରିଥିଲେ।

# ଭଞ୍ଜପୁର-ପୁରୀ ସ୍ପେଶାଲ୍ ଟ୍ରେନ୍ ଏବେ ନିୟମିତ ଏକ୍ସପ୍ରେସ୍

ଭୁବନେଶ୍ୱର,୨୦।୫ (ମହାଭାରତ): ଯାତ୍ରୀମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ୍ ଟ୍ରେନକୁ ନିୟମିତ ଏକ୍ସପ୍ରେସ୍ ଟ୍ରେନରେ ରୂପାନ୍ତରିତ



କରାଯାଇଛି। ଗାଡ଼ି ନମ୍ବର ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ୍ ଟ୍ରେନ୍ ଏବେ ଗାଡ଼ି ନମ୍ବର ୧୮୦୧୭/୧୮୦୧୮ ଭଞ୍ଜପୁର-ପୁରୀ-ଭଞ୍ଜପୁର ଏକ୍ସପ୍ରେସ୍ ଭାବରେ ପରିଚାଳିତ ହେବ। ଏହି ଦୁଇଟି ଟ୍ରେନ୍ ଯଥାକ୍ରମେ ୨୧ ମଇ ଏବଂ ୨୨ ମଇ ରୁ ସେମାନଙ୍କର ନିୟମିତ ଯାତ୍ରା ସେବା ଆରମ୍ଭ କରିବେ। ଟ୍ରେନ୍ ନମ୍ବର ୧୮୦୧୭ ଭଞ୍ଜପୁର-ପୁରୀ ଏକ୍ସପ୍ରେସ୍ ଭଞ୍ଜପୁରରୁ ରାତି ୧୧:୧୦ ମିନିଟରେ ଯାତ୍ରା ଆରମ୍ଭ କରି ପରଦିନ ସକାଳ ୫:୫୦ ମିନିଟରେ ପୁରୀରେ ପହଞ୍ଚିବ। ସେହିଭଳି , ଟ୍ରେନ୍ ନମ୍ବର ୧୮୦୧୮ ପୁରୀ-ଭଞ୍ଜପୁର ଏକ୍ସପ୍ରେସ୍ ପୁରୀରୁ ରାତି ୧୧:୫୦ ମିନିଟରେ ଯାତ୍ରା ଆରମ୍ଭ କରି ପରଦିନ ସକାଳ ୬:୫୦ ମିନିଟରେ ଭଞ୍ଜପୁରରେ ପହଞ୍ଚିବ। ଏହି ଟ୍ରେନ୍ ସେବା ସ୍ପେଶାଲ୍ ଟ୍ରେନ୍ ଭାବେ ପ୍ରଚଳନ ହେବା ପରଠାରୁ ଯାତ୍ରୀମାନଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଛି। ଯାତ୍ରୀଙ୍କ ସଂଖ୍ୟା ଓ ଚାହିଦାକୁ ଦୃଷ୍ଟିରେ ରଖି ଏହି ସେବାକୁ ନିୟମିତ କରାଯାଇଛି, ଯାହା ଫଳରେ ଯାତ୍ରୀମାନଙ୍କ ଗମନାଗମନ ରେ ଆହୁରି ସୁବିଧା ହେବ। ଏହି ନିୟମିତ ଟ୍ରେନ୍ ଓଡ଼ିଶାର ପ୍ରମୁଖ ସହର ଯଥା ବାରିପଦା , ବାଲେଶ୍ୱର, ସୋରୋ, ଭଦ୍ରକ, ଯାଜପୁର ରୋଡ୍, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍ କୁ ସଂଯୋଗ କରିବ।

# ବିରୋଧୀ ବିଧାୟକଙ୍କୁ ପ୍ରଶାସନିକ ଅବହେଳା ଅଭିଯୋଗ

ଭୁବନେଶ୍ୱର,୨୦।୫ (ମହାଭାରତ): ରାୟଗଡ଼ା ଜିଲ୍ଲାରେ ଜିଲ୍ଲା ପ୍ରଶାସନର ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ସାମ୍ବାଦିକ ସମ୍ମିଳନୀ ରେ ବର୍ଷିଛନ୍ତି ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ। ଗତ ୧୫ ତାରିଖର ରାୟଗଡ଼ା ଜିଲ୍ଲା ଯୋଜନା ବୋର୍ଡ ର ବୈଠକ କୁ ନେଇ ବିବାଦ ଆସି ରାଜଧାନୀ ଭୁବନେଶ୍ୱରରେ ପହଂଚିଛି। ଗୁରୁବାର ରାତି ୧୦ ଟା ୨୩ ମିନିଟ୍ ରେ ସରକାରୀ ଚିଠି କରି ଶୁକ୍ରବାର ଦିବା ୧୨ ଘଟିକାରେ ଜିଲ୍ଲା ଯୋଜନା ବୋର୍ଡ ର ଗୁରୁତ୍ୱ




ପୂର୍ଣ୍ଣ ବୈଠକ କରିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ। ଜନ ପ୍ରତିନିଧି ମାନେ ବୈଠକ କିଭଳି ଭାବରେ ଉପସ୍ଥିତ ନ ରହି ପାରିବେ, ସେଥିପାଇଁ ସୁଚିନ୍ତିତ ସରକାରୀ ଷଡ଼ଯନ୍ତ୍ର ହୋଇଥିବା କହିବା ସହ ଜିଲ୍ଲା ଯୋଜନା ବୋର୍ଡର ନିର୍ବାଚନ ନ ହେଇ ବୋର୍ଡ ଗଠନ ହେଇ ନଥିବା ବେଳେ ତରବରିଆ ବୈଠକର କଣ ମାନେ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। କେବଳ ଗୋଟିଏ ନୁହେଁ ବିଭିନ୍ନ ସମୟରେ ଜିଲ୍ଲାର ତିନି ବିଧାୟକଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ କରିବା ସହ ବିଧାୟକ ପାଣ୍ଠିର ଉନ୍ନତି ମୂଳକ କାର୍ଯ୍ୟରେ ମଧ ବହୁ ବିଳମ୍ବ କରାଯାଉଥିବା କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପୂର୍ବ ସରକାରରେ ବର୍ତମାନର ମୁଖ୍ୟମନ୍ତ୍ରୀ ଏଭଳି ସମସ୍ୟାର ସାମ୍ନା କରୁଥିବା ଅଭିଯୋଗ ଆଣିଥିଲେ ଓ ଏବେ ସେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମୁଁ ଏଭଳି ସମସ୍ୟାର ସାମ୍ନା କାରୁଛି କହିଛନ୍ତି ଗୁଣୁପୁର ବିଧାୟକ । ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ବିଭୁତି ଭୂଷଣ ମହାପାତ୍ର ଉପସ୍ଥିତ ରହି ମନ୍ତ୍ରୀ ତଥା ରାୟଗଡା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି । ରାୟଗଡାର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ନିଜ ଦାୟିତ୍ୱ ଭୁଲି କେବଳ ତୃତୀୟ ମହଲା ଓ ଖଣି ମାଲିକଙ୍କ ନିର୍ଦ୍ଦେଶ ପାଳନ କରୁଥିବା କହିବା ସହ ସେ ନିଜକୁ ରାଜା ଓ ରାୟଗଡାକୁ ନିଜ ରାଜ୍ୟ ଭାବିବା ଛାଡ଼ନ୍ତୁ ବୋଲି କହିଛନ୍ତି ।

# ଏମ୍ସ ଭୁବନେଶ୍ୱରରେ ଜାତୀୟ ଡେଙ୍ଗୁ ଦିବସ ପାଳିତ

ଭୁବନେଶ୍ୱର,୨୦।୫ (ମହାଭାରତ): ଜାତୀୟ ଡେଙ୍ଗୁ ଦିବସ ୨୦୨୬ ପାଳନ ଅବସରରେ, ଏମ୍ସ ଭୁବନେଶ୍ୱରର ଜେନେରାଲ ମେଡିସିନ ବିଭାଗ ପକ୍ଷରୁ ଡେଙ୍ଗୁ ଅପଡେଟ୍ ୨୦୨୬: କ୍ଲିନିକାଲ୍ ଇନସାଇଟ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଉପରେ ଜାତୀୟ ସିଏମ୍ଇ ଆୟୋଜନ ଅବସରରେ ଉପସ୍ଥିତ ଦେଶର ପ୍ରମୁଖ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଶିକ୍ଷାବିତମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏହି ଦିନିକିଆ ଆଲୋଚନାଚକ୍ରରେ ଡେଙ୍ଗୁ ନିବାରଣ, ନିର୍ଣ୍ଣୟ, ଚିକିତ୍ସା ଏବଂ ନିୟନ୍ତ୍ରଣ ରଣନୀତି ଉପରେ ବ୍ୟାପକ ବୈଜ୍ଞାନିକ ଆଲୋଚନା ହୋଇଥିଲା।

ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ଭାରତରେ ଡେଙ୍ଗୁର ବର୍ଦ୍ଧିତ ବୋଝକୁ ମୁକାବିଲା କରିବା ପାଇଁ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଗବେଷକ, ପ୍ରଶାସକ ଏବଂ ସମାଜକୁ ସାମିଲ ପୂର୍ବକ ସମନ୍ୱିତ ପଦ୍ଧତିର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ



କରିଥିଲେ।

ନିର୍ଦ୍ଦିଷ୍ଟ ଆଂଟିଭାଇରାଲ ଥେରାପିର ଅନୁପସ୍ଥିତି ଏବଂ ଗମ୍ଭୀର ରୋଗ ପ୍ରଗତି ଅପ୍ରତ୍ୟାଶିତତା ଯୋଗୁଁ ଡେଙ୍ଗୁ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଆସୁଛି। ସ୍ୱାସ୍ଥ୍ୟସେବା ବୃତିଗତଙ୍କ ମଧ୍ୟରେ ସମୟୋଚିତ ରୋଗ ନିର୍ଣ୍ଣୟ, ମାନକୀକରଣ ଚିକିତ୍ସା ପ୍ରୋଟୋକଲ୍ ଏବଂ କ୍ଷମତା ନିର୍ମାଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ। ସାର୍ବଜନୀନ ସ୍ୱାସ୍ଥ୍ୟ ସଚେତନତା ଏବଂ ଗବେଷଣା ସହିତ କ୍ଲିନିକାଲ୍ ଉତ୍କର୍ଷତାକୁ ସମନ୍ୱିତ କରିବାରେ ଏମ୍ସ ଭୁବନେଶ୍ୱର ଭଳି ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ।ଏମ୍ସ ଭୁବନେଶ୍ୱର ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡା, ଏବଂ ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ମାର୍ଗଦର୍ଶନ କରିଥିଲେ।

ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ପ୍ରଫେସର ତଥା ଆୟୋଜନ କମିଟି ଅଧକ୍ଷ ଡ. ରଶ୍ମି ରଞ୍ଜନ ମହାନ୍ତି, ଡେଙ୍ଗୁ ଚିକିତ୍ସାରେ ବିକଶିତ ହେଉଥିବା ରୋଗ ନିର୍ଣ୍ଣୟ ଏବଂ ପରିଚାଳନା ପ୍ରୋଟୋକଲ୍ ସମ୍ପର୍କରେ ଚିକିତ୍ସକମାନେ ଅବଗତ ରହିବା ପାଇଁ ଏପରି ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ। ଡେଙ୍ଗୁ ଭଳି ଭେକ୍ଟର-ବାହିତ ରୋଗର ମୁକାବିଲାରେ ରୋଗ ନିରୀକ୍ଷଣ ବ୍ୟବସ୍ଥା, ଗବେଷଣା ଏବଂ ସମ୍ପ୍ରଦାୟ-ମୁଖୀ ସ୍ୱାସ୍ଥ୍ୟସେବା ରଣନୀତିକୁ ସୁଦୃଢ଼ କରିବା ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ ଆରଏମଆରସି, ଭୁବନେଶ୍ୱର ନିର୍ଦ୍ଦେଶକ ଏବଂ ଆଇସିଏମ୍ଆର, ନୂଆଦିଲ୍ଲୀର ଏଡିଜି, ଡ. ସଂଘମିତ୍ରା ପତି। ଡେଙ୍ଗୁ ସଂକ୍ରମଣ ଦ୍ୱାରା ଉପୁଜିଥିବା ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ପ୍ରମାଣ-ଆଧାରିତ ନୀତିନିର୍ଦ୍ଧାରଣ, ଗବେଷଣା ସହଯୋଗ ଏବଂ ଜନସ୍ୱାସ୍ଥ୍ୟ ପ୍ରସ୍ତୁତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ପତି।

# ୮ ବର୍ଷ କାଳ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ପ୍ରକଳ୍ପକୁ ପକାଇ ରଖିଥିଲ କାହିଁକି

ଭୁବନେଶ୍ୱର,୨୦।୫ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁକ୍ରବାର ଦିନ ୟୁଏଇ ଗସ୍ତ ସମୟରେ ସ୍ୱାକ୍ଷରିତ ହୋଇଥିବା ପ୍ରମୁଖ ଚୁକ୍ତିନାମା ମଧ୍ୟରେ ଓଡ଼ିଶାର ଚଣ୍ଡିଖୋଲଠାରେ ପ୍ରସ୍ତାବିତ ରଣନୈତିକ ତୈଳ ସଂରକ୍ଷଣ ସୁବିଧା ସ୍ଥାନ ପାଇଛି। ଏହା କାର୍ଯ୍ୟକାରୀ ହେଲେ ଭାରତର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବ ବୋଲି କୁହାଯାଇଛି। ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭସ୍ ଲିମିଟେଡ୍ ଏବଂ ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନୀ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ଭାରତର ପେଟ୍ରୋଲିୟମ୍ ରିଜର୍ଭରେ ୩୦ ନିୟୁତ ବ୍ୟାରେଲ ପର୍ଯ୍ୟନ୍ତ ଅଶୋଧିତ ତୈଳ ସଂରକ୍ଷଣ କରାଯିବ ବୋଲି କୁହାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଗଲେ ଭାରତର ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା ବୃଦ୍ଧି ପାଇବା ସହ ଏଠାରେ ୫,୦୦୦ ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ଏବଂ ସ୍ଥାନୀୟ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି।

ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରିତାର ଅନେକ ଦିଗକୁ ନେଇ ଓଡିଶା କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରେ ଏହି ଭୂତଳ ତୈଳ ସଂରକ୍ଷଣ ପ୍ରକଳ୍ପକୁ ୨୦୧୮ ମସିହା ଜୁନ ମାସ ୨୭ ତାରିଖରେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ୮,୭୪୩ କୋଟି ଟଙ୍କାର ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା ଏବଂ ଏଠାରୁ ୪ ନିୟୁତ ମେଟ୍ରିକ୍ ଟନ୍ ଭୂତଳ ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା ସୃଷ୍ଟି କରିବାର ଲକ୍ଷ୍ୟ



ରଖାଯାଇଥିଲା। ଏହାକୁ ଆଜି ସୁଦ୍ଧା ୮ ବର୍ଷ କାଳ କ'ଣ ପାଇଁ କାର୍ଯ୍ୟକାରୀ କରାଯାଇ ନଥିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ପ୍ରଥମତଃ, ଉକ୍ତ ପ୍ରକଳ୍ପକୁ ଗତ ୨୦୧୪ ମସିହାରେ ଏସପିଆର କାର୍ଯ୍ୟକ୍ରମର ପର୍ଯ୍ୟାୟ ୨ ସମ୍ପ୍ରସାରଣର ଅଂଶ ଭାବରେ ୨୦୧୭ ରେ ଚଣ୍ଡିଖୋଲଠାରେ ପ୍ରକଳ୍ପ ନିର୍ମାଣ କରିବାକୁ ଘୋଷଣା କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ପୂର୍ବରୁ ଡଙ୍କାରୀ ପାହାଡ଼ ଅଂଚଳରେ ପ୍ରାୟ ୪୦୦ ଏକର ଜମି ଆବଂଟନ କରିସାରିଛନ୍ତି। ଏଠାରେ ଜମି ମାଲିକମାନଙ୍କୁ ବର୍ତ୍ତମାନ ସୁଦ୍ଧା ସଠିକ ଭାବେ କ୍ଷତିପୂରଣ ରାଶି ପ୍ରଦାନ କରାଯାଇନଥିବାରୁ ଏଥିଲାଗି ଜନ ଅସନ୍ତୋଷ ଲାଗି ରହିଛି। ସେ ପଟେ ଏହି ପ୍ରକଳ୍ପକୁ କାହିଁକି ଏତେ ବିଳମ୍ବ ପର୍ଯ୍ୟନ୍ତ କାହିଁକି ପକାଇ ରଖାଯାଇଥିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ୨୦୧୯ ମସିହା ନିର୍ବାଚନକୁ ଆଖି ଆଗରେ ରଖି ଏହି ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଥିଲା କି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ଯଦି ସେହି ସମୟରେ ଏହି ପ୍ରକଳ୍ପକୁ କାର୍ଯ୍ୟକରୀ କରାଯାଇଥାନ୍ତା, ଆଜି ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଓଡିଶାରେ ତୈଳ ସଙ୍କଟ ଦୂର ହୋଇ ପାରି ଥାନ୍ତା। କିନ୍ତୁ ଏହାକୁ ରାଜନୈତିକ ଅଭସନ୍ଧି ରଖି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇ ନଥିଲା। ଶ୍ରୀ ଦାସ ଦାବି କରିଛନ୍ତି, ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବା ପୂର୍ବରୁ ସ୍ଥାନୀୟ ଅଂଚଳରେ ପରିବେଶ ନିୟନ୍ତ୍ରଣ ପ୍ରତି ଆବଶ୍ୟକ ଧ୍ୟାନ ଦିଆଯିବା ସହ ସ୍ଥାନୀୟ କ୍ଷତିଗ୍ରସ୍ତ ଲୋକଙ୍କ ଜମିର ଉଚିତ ମୂଲ୍ୟ ପ୍ରଦାନ କରାଯାଉ। ଏଥିସହ ଏଠାରେ ପ୍ରକଳ୍ପ ସ୍ଥାପନ ହେଲେ ଏଠାରେ ଯେଉଁ ପରିବେଶ ପ୍ରଦୂଷଣ ହେବ।

# ଆମ ବସ୍ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର,୨୦।୫ (ମହାଭାରତ): ବକେୟା ବେତନ ଓ ଅନ୍ୟାନ୍ୟ ଦାବିକୁ ନେଇ ଆମ ବସ୍ କର୍ମଚାରୀମାନେ ସୋମବାର ପାତ୍ରପଡ଼ା ଡିପୋରେ କରିଥିବା ପ୍ରତିବାଦ କାରଣରୁ ରାଜଧାନୀ ଭୁବନେଶ୍ୱରର ସାର୍ବଜନିକ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ବସ୍ ସେବା ବନ୍ଦ ହୋଇଯାଇଥିବାରୁ ଦୈନିକ ଯାତ୍ରୀମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆନ୍ଦୋଳନ କାରଣରୁ ୪୫ଟି ରୁଟ୍‌ରେ



ଚଳାଚଳ କରୁଥିବା ପ୍ରାୟ ୧୧୭ଟି ଆମ ବସ୍ ରାସ୍ତାକୁ ବାହାରିନାହିଁ। ଭୋର ପ୍ରାୟ ୪ଟାରୁ ଧାରଣା ଦେଇଛନ୍ତି କର୍ମଚାରୀ। ଡ୍ରାଇଭର, ଗାଇଡ୍ ଓ ଅନ୍ୟାନ୍ୟ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି । ଗତ ଦୁଇ ମାସ ଧରି ବେତନ ପାଇନଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ବିକ୍ଷୋଭକାରୀମାନେ ଠିକ ସମୟରେ ବେତନ ପ୍ରଦାନ, ଇପିଏଫ୍ ଓ ଇଏସଆଇ ସୁବିଧା ଯୋଗାଇଦେବା ସହିତ ବସ୍ ଗାଇଡ୍‌ମାନଙ୍କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଦାବି କରିଛନ୍ତି। କର୍ମଚାରୀମାନଙ୍କ କହିବା ଅନୁସାରେ, ବସ୍ ଗାଇଡ୍‌ମାନଙ୍କୁ ଥର୍ଡ ପାର୍ଟି ଏଜେନ୍ସି ମାଧ୍ୟମରେ ବେତନ ଦିଆଯାଉଥିବାରୁ ପେମେଣ୍ଟରେ ବାରମ୍ବାର ବିଳମ୍ବ ହେଉଛି। ଅନେକ ରୁଟ୍‌ରେ ବସ୍ ସେବା ବନ୍ଦ ରହିଥିବାରୁ, ବିଶେଷକରି ଅଫିସ ସମୟରେ ବହୁ ସଂଖ୍ୟକ ଯାତ୍ରୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ଯାହା ଫଳରେ ରାଜଧାନୀର ସାଧାରଣ ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ, ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିଛି ଏବଂ ପରିସ୍ଥିତିକୁ ଶୀଘ୍ର ସାମାନ୍ୟ କରିବାକୁ ଚେଷ୍ଟା କରାଯାଉଛି। ତେବେ, କ୍ୟାପିଟାଲ୍ ରିଜିଅନ୍ ଅର୍ବନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଏପର୍ଯ୍ୟନ୍ତ ଏହି ପ୍ରତିବାଦକୁ ନେଇ କୌଣସି ଔପଚାରିକ ବିବୃତ୍ତି ଜାରି କରାଯାଇନାହିଁ।

# 'କଟ୍ରୌଢ଼ିଗଲି' ଗୀତରେ ଯୁଦ୍ଧର କାହାଣୀ

ଭୁବନେଶ୍ୱର,୨୦।୫ (ମହାଭାରତ): ଜାତୀୟ, ମେ ୨୦, ୨୦୨୬: କୋକ୍ ଷ୍ଟୁଡ଼ିଓ ଭାରତ ତାର ଚ୍ତୁର୍ଥ ସିଜିନର ତୃତୀୟ ପ୍ରସ୍ତୁତି ସହ ପୁଣି ଫେରିଛି। ଏଥର ଏହା ବାରାଣାସୀର ଗଳିକନ୍ଦିକୁ ଯାତ୍ରାକରି ପ୍ରସ୍ତୁତ କରିଛି କଟ୍ରୌଢ଼ିଗଲି – ଏକ ଏଭଳି ଲୋକ ଗୀତ ଯାହା ପ୍ରଥମ ଆଙ୍ଗଲୋ -ବର୍ମୀୟ ଯୁଦ୍ଧରେ ସାଧାରଣ ମଣିଷ ହରାଇଥିବା ସର୍ବସ୍ୱର ବିସ୍ତୃତ କାହାଣୀ ଦ୍ୱାରା ଅନୁପ୍ରାଣୀତ। ଏହି ଗୀତର ଆରମ୍ଭ କଟ୍ରୌଢ଼ି ଗଳିରୁ ହୁଏ, ଯେଉଁଠି ଜଣେ ମହିଳା ନିଜ ସ୍ୱାମୀଙ୍କୁ ବ୍ରିଟିଶ ସେନା ଦ୍ୱାରା ଜବରଦସ୍ତି ଧରି ନିଆଯାଉଥିବାର ଦେଖୁଛନ୍ତି। ତାଙ୍କ ସ୍ୱାମୀଙ୍କୁ ମିର୍ଜାପୁରରୁ ଟାଣି ଆଣି ଏକ ଏମିତି ଯୁଦ୍ଧ ପାଇଁ ରେଙ୍ଗୁନ (ୟାଙ୍ଗୁନ୍, ମିଆଁମାର) ପଠାଇ ଦିଆଯାଉଛି, ଯାହା ସହ ତାଙ୍କର କୌଣସି ସମ୍ପର୍କ ନଥିଲା। ସେହି ମହିଳାଙ୍କ କଣ୍ଠରେ ଦୁଃଖ, କ୍ରୋଧ ଏବଂ ହଠାତ୍ ଶୂନ୍ୟ ହୋଇଯାଇଥିବା ସଂସାରର ବୋଝ ସ୍ପଷ୍ଟ ବାରି ହୋଇ ପଡୁଛି, ଏହା ଏତେ ଆନ୍ତରିକ ଏବଂ ସ୍ଥାନୀୟ ସଂସ୍କୃତି ସହ ଜଡ଼ିତ ଯାହା କେବଳ ଏକ ଲୋକଗୀତ ମାଧ୍ୟମରେ ହିଁ ପ୍ରକାଶ କରାଯାଇପାରିବ। ସେ ଯାହା ଅନୁଭବ କରୁଛନ୍ତି, ତାହା ଦିନେ ହଜାର ହଜାର ସାଧାରଣ ପରିବାର ଅନୁଭବ କରିଥିଲେ – ଏମିତି ଏକ କ୍ଷତି ଯାହା କେବେ ଇତିହାସ ବହିରେ ସ୍ଥାନ ପାଇଲାନି, କିନ୍ତୁ ବନାରସ ଭଳି ସହର ଗୁଡ଼ିକର ସଂକୀର୍ଣ୍ଣ ଗଳିରେ ଏହା ବର୍ଷ ବର୍ଷ ଧରି ନିରବରେ ବଞ୍ଚି ରହିଲା। ଏହି ଭାବପୂର୍ଣ୍ଣ କାହାଣୀକୁ ଶ୍ରୋତାମାନଙ୍କ ନିକଟକୁ ଆଣିବା ପାଇଁ ତିନୋଟି ଭିନ୍ନ ଶୈଳୀର କଣ୍ଠକୁ ଏକାଠି କରାଯାଇଛି। ରେଖା ଭରଦ୍ୱାଜ ଯାହାଙ୍କ କଣ୍ଠ ଦୀର୍ଘଦିନ ଧରି ପ୍ରତୀକ୍ଷାଏବଂ ପ୍ରତିବାଦର ଗଭୀରତାକୁ ପ୍ରକାଶ କରିଆସିଛି, ସେ ନିଜର ଭାବ ପ୍ରବଣ ଅଧିକାର ସହିତ ଏହି ଗୀତକୁ ଏକ ଦୃଢ଼ଭିତ୍ତିଭୂମି ଦେଇଛନ୍ତି। ଉତ୍ପଳ ଉଦୀତ ଏହି ପ୍ରସ୍ତୁତିରେ ଏକ ପାରମ୍ପରିକ ମାଟିର ସ୍ୱାଦ ଭରିଛନ୍ତି, ଯାହାଗୀତର ମୂଳଶୈଳୀକୁ କ୍ଷୁଣ୍ଣ ନ କରି ତାକୁ ସନ୍ତୁଳିତ ରଖିଛି। ଅନ୍ୟପଟେ ଖ୍ୱାବ୍ ଏହି ଗୀତରେ ଏକ ଶାନ୍ତ ଉତ୍ତେଜନାର ସୂତା ଭଳି ବୁଣି ହୋଇଯାଇଛନ୍ତି, ଯାହା ଦୁଃଖର ଭାବକୁ ଭାଙ୍ଗିବାକୁ ନ ଦେଇ ତାର ସ୍ଥିତିକୁ ବଜାୟ ରଖିବାରେ ସାହାଯ୍ୟ କରିଛି।

# ନାବାଳିକା ଚେତାଶୂନ୍ୟ ଘଟଣା : ପୀଡିତା ପରିବାରକୁ ଭେଟିଲା ବିଜେଡି

ଭୁବନେଶ୍ୱର,୨୦।୫ (ମହାଭାରତ): ମୟୂରଭଞ୍ଜ ଜିଲ୍ଲାରେ ନ୍ୟାୟ ପାଇଁ ଜଣେ ନାବାଳିକା (୧୦ମ ଉତ୍ତୀର୍ଣ୍ଣ ଛାତ୍ରୀ) ମୋରଡା ଥାନାରେ ଥାନାଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲା । କିନ୍ତୁ ଧାନାଧିକାରୀଙ୍କ ଧମକ ସହ୍ୟ ନକରିପାରି ଚେତାଶୂନ୍ୟ ହୋଇଯାଇଥିଲେ ପୀଡିତା, ଯାହାକୁ ବିଜେଡି କଡା ନିନ୍ଦା କରିଛି। ରବିବାର ବିଜେଡିର ଏକ ପ୍ରତିନିଧି ଦଳ ପୀଡିତାଙ୍କୁ ନ୍ୟାୟ ଦେବା ଓ ଦାୟିତ୍ୱହୀନ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ପ୍ରଥମେ ପିଆରଏମ ମେଡିକାଲରେ ପହଞ୍ଚି ପୀଡିତା ଓ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ନ୍ୟାୟ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲା ବିଜେଡି ଟିମ୍। ମୋରଡା ଥାନା ଅଞ୍ଚଳର ଜୈନିକ ଯୁବକ ଅଭିଯୋଗ କାରିଣୀ ନାବାଳିକା ଛାତ୍ରୀଙ୍କୁ କିଛିଦିନ ହେବ ରାସ୍ତା ଘାଟରେ ପ୍ରେମ ନିବେଦନ କରିବା ସହିତ ଅଭଦ୍ରୋଚିତ ଅସଦାଚରଣ କରୁଥିଲେ । ଏଥିରେ ଅତିଷ୍ଠ ହୋଇ ନ୍ୟାୟ ପାଇଁ ନାବାଳିକା ତାଙ୍କ ବାପା ଓ ମା'ଙ୍କ ସହିତ ଶନିବାର ସନ୍ଧ୍ୟାରେ ମୋରଡା ଥାନାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଥାନାଅଧିକାରୀ ଅଭିଯୋଗ ନରଖି



ସେମାନଙ୍କୁ ଏପଟସେପଟ କଥା କହି ଫେରାଇ ଦେଇଥିଲେ। ଫଳରେ ବାପା, ମା' ଓ ପୀଡିତା ବେତନଟୀ ଏସଡିପିଓଙ୍କୁ ମୋବାଇଲ ଫୋନ ଯୋଗେ ସମସ୍ତ ଘଟଣା ଜଣାଇଥିଲେ । ପୁନର୍ବାର ଥାନାଧାକାରୀଙ୍କୁ ଭେଟି ଏତଲା ଦେବାକୁ ଏସଡିପିଓ କହିଥିଲେ। କିନ୍ତୁ ଏହାକୁ ନେଇ ଥାନାଅଧିକାରୀ ପୂର୍ବାପେକ୍ଷା ଅଧି କ ପ୍ରତିକ୍ରିୟାଶୀଳ ହୋଇ ମହିଳା ଅଧିକାରୀ ଅନୁପସ୍ଥିତିରେ ବୟାନ ସଂଗ୍ରହ ପାଇଁ ଡାକି ଅଭିଯୁକ୍ତଙ୍କ ସମ୍ମୁଖରେ ପୀଡିତାଙ୍କୁ ଧମକ ଦେଇଥିଲେ। ପୀଡିତାଙ୍କୁ ୭ବର୍ଷ କାରାଦଣ୍ଡ ହେବ ବୋଲି ଧମକ ଦେଇ ଡରାଇଥିଲେ । ଏହାପରେ ପୀଡିତା କାନ୍ଦି କାନ୍ଦି ବାହାରକୁ ଆସି ବାପା ମା'ଙ୍କ ପାଖରେ ପହଞ୍ଚି ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ପରେ ପୀଡିତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

ଅନ୍ୟପଟେ ଏତଲାରେ ଦର୍ଶାଯାଇଛି ଯେ, ଅଭିଯୁକ୍ତ ଯୁବକ ଜଣଙ୍କ ଶାସକ ଦଳର ଚିତ୍ରଡା କାର୍ଯ୍ୟାଳୟର କର୍ମଚାରୀ ହୋଇଥିବାରୁ ତାଙ୍କୁ ସୁରକ୍ଷା ଦେବାକୁ ଯାଇ ଥାନାଅଧିକାରୀ ମାମଲା ରୁଜୁ କରୁନାହାନ୍ତି । ଥାନାଧିକାରୀ ସୁମିତ ସୋରେନଙ୍କ ଏଭଳି ଆଚରଣ ବିରୋଧରେ ପ୍ରଶ୍ନ ଉଠାଇଛନ୍ତି ବିଜେଡି ପ୍ରତିନିଧି ଦଳ। ରାଜ୍ୟ ସରକାର ନାବାଳିକାଙ୍କ ସୁରକ୍ଷା ପାଇଁ ସମସ୍ତ ଥାନାରେ ନାବାଳିକାଙ୍କୁ ଡାକି 'ଜୁଭେଣ୍ଟିନା' ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରୁଥିବା ବେଳେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଜଣେ ନାବାଳିକାଙ୍କ କ୍ଷେତ୍ରରେ ବିନା ମହିଳା ପୁଲିସ ଉପସ୍ଥିତିରେ ବୟାନ ସଂଗ୍ରହ ନାମରେ ହଇରାଣ ହରକତ କରି ଧମକ ଦେବା ତଦନ୍ତ ସାପେକ୍ଷ । ଏମିତିକି ନ୍ୟାୟ ଆଶାରେ ୧୫ବର୍ଷର ଛାତ୍ରୀ ଥାନାକୁ ଆସିଥିବା ବେଳେ ୭ବର୍ଷ କାରାଦଣ୍ଡାଦେଶ ଧମକ ଦେବା ଫଳରେ ସେ ୪ ଘଣ୍ଟା ସଂଜ୍ଞାହୀନ ଭାବେ ପ୍ରଥମେ ବାରମାଇଲ ଓ ପରେ ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଏ ସମ୍ପର୍କରେ ବିଜେଡି ପ୍ରତିନିଧି ଦଳ ପୀଡିତା ପରିବାରଙ୍କୁ ସଙ୍ଗରେ ନେଇ ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ଦିପକ କୁମାର ଗୋଚ୍ଛାୟତଙ୍କୁ ଭେଟି ମୋରଡା ଥାନା ଅଧିକାରୀଙ୍କୁ ଅପସାରଣ ଓ କଡା କାର୍ଯ୍ୟାନୁଷ୍ଠାନ ସହନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

## ସ୍ୱାଭାବିକ ବର୍ଷା ହେବ

ମୌସୁମୀ ଶୀଘ୍ର ଆସିଲେ ମଧ୍ୟ ସ୍ୱାଭାବିକ ବର୍ଷା ହେବ ବୋଲି କୁହାଯାଇପାରିବ ନାହିଁ। ଅନେକ ସମୟରେ ଦୁର୍ବଳ ମୌସୁମୀ ଯୋଗୁ ଏହା ଠିକ ସମୟରେ ଆସିଲେ ମଧ୍ୟ ଭଲ ବର୍ଷା ନହେବାର ନଜିର ରହିଛି। ପାଣିପାଗ ବିଶେଷଜ୍ଞ ଏବଂ ଆଇଏମଡିର ଆକଳନ ଅନୁଯାୟୀ ଚଳିତ ବର୍ଷ ଏଲନିନୋ ପ୍ରଭାବରୁ ଭାରତରେ ସ୍ୱଳ୍ପବୃଷ୍ଟିର ଆଶଙ୍କା ରହିଛି। ସ୍ଥଳ ବିଶେଷରେ ମରୁଡ଼ିର ଆଶଙ୍କା ମଧ୍ୟ ରହିଛି। ଏଲନିନୋର ପ୍ରଭାବ ଭାରତରେ ସର୍ବାଧିକ ରହିବ। ଫଳରେ ଭାରତ ଭଳି ଏକ କୃଷି ପ୍ରଧାନ ଦେଶର ଅର୍ଥନୀତି ପ୍ରଭାବିତ ହୋଇପାରେ। ଏଥିପାଇଁ ଆଗୁଆ ମୁକାବିଲା ଲାଗି ପ୍ରସ୍ତୁତିର ଆବଶ୍ୟକତା ରହିଛି। ଓଡ଼ିଶା ଭଳି ଏକ ରାଜ୍ୟରେ ଏହାର ଅଧିକ ଆବଶ୍ୟକତା ରହିଛି। ଏଥିପାଇଁ ଉପଯୁକ୍ତ ଜଳ ପରିଚାଳନାର ଆବଶ୍ୟକତା ରହିଛି। ଓଡ଼ିଶା ଭଳି ଏକ ଉପକୂଳବର୍ତ୍ତୀ ରାଜ୍ୟରେ ଜଳସଙ୍କଟ ନିଶ୍ଚିତଭାବେ ଏକ ମନୁଷ୍ୟକୃତ ସଙ୍କଟ କହିଲେ ଭୁଲ ହେବ ନାହିଁ। ଏଠାରେ ପ୍ରଚୁର ବର୍ଷ ହେଉଥିଲେ ମଧ୍ୟ ବର୍ଷା ଜଳର ସଞ୍ଚୟ ଏବଂ ସଦୁପଯୋଗ ଲାଗି କିଛି ଯୋଜନା କରାଯାଉନଥିବାରୁ ଆଜି ରାଜ୍ୟରେ ପାନୀୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଅନେକ ଗ୍ରାମରେ ଲୋକେ ପାଣିବିନା ତହଳ ବିକଳ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମଋତୁରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି ନଦୀ କୂଳରେ ବସବାସ କରୁଥିବା ଲୋକେ ମଧ୍ୟ ପାଣି ସଂଗ୍ରହ କରିବାକୁ ମାଇଲ ମାଇଲ ବାଟ ଚାଲୁଛନ୍ତି। ଖରାଦିନେ ନଦୀ ଶୁଖି ଯାଉଛି। ତେଣୁ ପାଣି ସମସ୍ୟା ଉତ୍କଟ ହେଉଛି। ଚାଷ ପାଇଁ ଜଳ ଯୋଗାଣ ଦୂରର କଥା ପିଇବାକୁ ବା ଦୈନିନ୍ଦିନ ଆବଶ୍ୟକତା ପୂରଣ ପାଇଁ ଲୋକେ ପାଣିମୁନ୍ଦେ ପାଉ ନାହାଁନ୍ତି। ଅନେକ ସ୍ଥାନରେ ଲୋକେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ଖରାଦିନେ କେନାଲରେ ମଧ୍ୟ ଜଳ ଯୋଗାଣ ହେଉନି। ଉପକୂଳ ଅଞ୍ଚଳ କଥା ଯଦି ଏପରି, ପାହାଡ଼ିଆ ଅଞ୍ଚଳର ସ୍ଥିତି କେତେ ଖରାପ ହୋଇଥିବ ଏଥିରୁ ସହଜେ ଅନୁମେୟ। ଏହି ସମସ୍ୟା ଏବେ ନୁହେଁ, ଅନେକ ବର୍ଷ ହେବ ଦେଖିବାକୁ ମିଳୁଛି। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ତଳମୁଣ୍ଡରେ ରହୁଥିବା ଲୋକଙ୍କ ଅବସ୍ଥା ମଧ୍ୟ ସଙ୍ଗୀନ। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ବ୍ୟାରେଜ ନିର୍ମାଣ କରିବା ଫଳରେ ହୀରାକୁଦକୁ ଜଳ ପ୍ରବାହ କମିଛି। ତେଣୁ ଖରାଦିନେ ତଳମୁଣ୍ଡକୁ ପାଣି ଆସୁନି ଏବଂ ଲୋକେ ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ଲାଗି ପ୍ରତିବର୍ଷ ବଜେଟରେ ବିପୁଳ ଅର୍ଥ ବରାଦ ହେଉଛି। କିନ୍ତୁ ଏହାର ସଦୁପଯୋଗ ହେଉନଥିବାରୁ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁନି। କିଛି ବର୍ଷ ତଳେ ସରକାର ମୋ ପୋଖରୀ ଯୋଜନା ଆରମ୍ଭ କରିଥିଲେ। ଲକ୍ଷ୍ୟ ଥିଲା ଯେ, ଗ୍ରାମାଞ୍ଚଳରେ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ପୋଖରୀ ଖୋଳାଯିବ ଏବଂ ବର୍ଷା ଦିନେ ଏହିସବୁ ପୋଖରୀରେ ଜଳ ସଞ୍ଚୟ କରାଯିବ ଯାହା ଖରାଦିନେ କାମରେ ଆସିବ। ଯୋଜନା ଓ ଚିନ୍ତାଧାରା ଉନ୍ନତ ଥିଲା। କିନ୍ତୁ ଏହାର କାର୍ଯ୍ୟକାରୀତା ଠିକ ଭାବେ ହୋଇନପାରିବାରୁ ଯୋଜନା କେବଳ କାଗଜପତ୍ରରେ ରହିଗଲା। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ୫୦ରୁ ଅଧିକ ବ୍ୟାରେଜ ନିର୍ମାଣ କରି ଜଳ ସଞ୍ଚୟ କରୁଛନ୍ତି ଏବଂ ଏହା ଉଭୟ କୃଷି ଏବଂ ଶିଳ୍ପ କ୍ଷେତ୍ରକୁ ଜଳଯୋଗାଣରେ ବ୍ୟବହୃତ ହେଉଛି। ଓଡ଼ିଶା ସରକାର ଏହାକୁ ବିରୋଧ କରୁଛନ୍ତି। କିନ୍ତୁ ଓଡ଼ିଶାକୁ ବ୍ୟାରେଜ ନିର୍ମାଣ କରିବାକୁ କିଏ ମନା କରୁଛି ? ଛତିଶଗଡ଼ ଭଳି ଓଡ଼ିଶା ସରକାର ମଧ୍ୟ ମହାନଦୀ ଓ ଏହାର ଶାଖା ନଦୀ ସମେତ ଅନ୍ୟାନ୍ୟ ସବୁ ଛୋଟ ବଡ଼ ନଦୀରେ ଯଦି ଏଭଳି ବ୍ୟାରେଜ ନିର୍ମାଣ କରିପାରନ୍ତେ ତେବେ ରାଜ୍ୟରେ ଜଳସଙ୍କଟ ଅନେକାଂଶରେ ଦୂର ହୋଇପାରନ୍ତା।

# ଫତୁରାନନ୍ଦଙ୍କ ଚରିତ୍ରର ଅଜ୍ଞାତ ଦିଗ

॥ ରଘୁନାଥ ମହାପାତ୍ର ॥

"ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ।

ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା ହାସ୍ୟ ବ୍ୟଙ୍ଗ ଲେଖକ ଫତୁରାନନ୍ଦଙ୍କୁ ସାହିତ୍ୟ ରସପିପାସୁ ପାଠକମାନେ ଭଲ ଭାବରେ ଜାଣନ୍ତି ଚିହ୍ନନ୍ତି। ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାକୁ ପଢ଼ିବା ପାଇଁ ସମସ୍ତେ ଉତ୍କଣ୍ଠିତ ହୋଇ ରହିଥାନ୍ତି। ପତ୍ରିକାଟିଏ ହାତରେ ପଡ଼ିଲେ ପ୍ରଥମେ ସୂଚୀପତ୍ରରେ ଖୋଜନ୍ତି ଫତୁରାନନ୍ଦଙ୍କ ନାଁ। ସେଇ ନାଁଟି ମିଳିଗଲା ପରେ ପତ୍ରିକାର ପୃଷ୍ଠା ଓଲଟାଇ ଲେଖାଟିକୁ ଅଣନିଃଶ୍ୱାସୀ ହୋଇ ପଢ଼ି ପକାନ୍ତି। ଏହା ହିଁ ତାଙ୍କ ଲେଖାର ଆକର୍ଷଣ। ବ୍ୟଙ୍ଗ ଲେଖକ ହିସାବରେ ସେ ହିନ୍ଦୀ ଲେଖକ ହରି ଶଙ୍କର ପରସାୟୀଙ୍କ ସମସାମୟିକ ଏବଂ ତାଙ୍କରି ପରି ପ୍ରତିଭାବାନ। ହିନ୍ଦୀ ସାହିତ୍ୟରେ ପରସାୟୀଙ୍କର ଯେଉଁ ପ୍ରତିଷ୍ଠା ରହିଛି ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦଙ୍କର ତା'ଠାରୁ ଅଧିକ ପ୍ରତିଷ୍ଠା ରହିଛି। ୧୯୬୬ ମସିହାରେ ମୁଁ ପ୍ରଥମେ ଫତୁରାନନ୍ଦ ସହିତ ତାଙ୍କ ଝାଞ୍ଜିରୀମଙ୍ଗଳା ବାସଗୃହରେ ସାକ୍ଷାତ କରିଥିଲି। ସେହି ଦିନ ଠାରୁ ତାଙ୍କ ସହିତ ମୋର ବନ୍ଧୁତା ଏପରି ଘନିଷ୍ଠ ହୋଇଗଲା ଯେ ତାଙ୍କ ମୃତ୍ୟୁ ତା ୬-୧୧-୧୯୯୫ ପର୍ଯ୍ୟନ୍ତ ତାହା ଅବିଚ୍ଛିନ୍ନ ହୋଇ ରହିଥିଲା। ପ୍ରତିଦିନେ ଦୁଇଦିନେ ସଂଧ୍ୟାବେଳେ ମୁଁ ଡଗର ପ୍ରେସକୁ ଯାଇ ତାଙ୍କ ସହିତ ସାକ୍ଷାତ କରୁଥିଲି ଏବଂ ପ୍ରେସର ଭଲ ମନ୍ଦ ବିଷୟରେ ଆଲୋଚନା କରୁଥିଲି। ଦୀର୍ଘଦିନ ତାଙ୍କ ସହିତ ଘନିଷ୍ଠତା ରହିବା ଫଳରେ ତାଙ୍କ ବ୍ୟକ୍ତି ଚରିତ୍ରର କେତୋଟି ଦିଗ ମୁଁ ଦେଖିପାରିଥିଲି ଯାହା ଅନ୍ୟମାନେ ଦେଖିପାରି ନାହାନ୍ତି। ମୁଁ ସେହି ବିଷୟରେ କିଛି ଲେଖି ପାଠକମାନଙ୍କୁ ଜଣାଇବା ପାଇଁ ଚାହୁଁଛି। ୧. ଫତୁରାନନ୍ଦଙ୍କ ବନ୍ଧୁ ବତ୍ସଳତା, ୨. ଫତୁରାନନ୍ଦଙ୍କ ବଦାନ୍ୟତା, ୩. ଅନ୍ୟକୁ ସାହାଯ୍ୟ କରିବାର ଉଦାରତା, ୪. ଗରିବ ଛାତ୍ରଙ୍କୁ ଅର୍ଥଦାନ କରି ପଢ଼ାଇବାର ପ୍ରେରଣାଦାତା, ୫. ପଶୁ ପକ୍ଷୀ ମାନଙ୍କ ପ୍ରତି ତାଙ୍କର ନିବିଡ଼ ଶ୍ରଦ୍ଧା, ୬. ସାହିତ୍ୟ ସ୍ରଷ୍ଟାଙ୍କୁ ପ୍ରୋତ୍ସାହନ ଏହିପରି ଅନେକ ଗୁଡ଼ିଏ ସାତ୍ତ୍ୱିକଗୁଣ ତାଙ୍କ ଠାରେ ପରିଲକ୍ଷିତ ହୁଏ ଯାହା ଅନ୍ୟ ଲୋକମାନଙ୍କ ଠାରେ ଦେଖିବାକୁ ମିଳେ ନାହିଁ। ସାହିତ୍ୟ ସର୍ଜନା ଆରମ୍ଭ କରିବା ଦିନରୁ ସେ ଗେରୁଆ ଲୁଙ୍ଗି ଓ ଗେରୁଆ ସାର୍ଟ ପିନ୍ଧୁଥିଲେ। ଛାତି ଉପରେ ଗେରୁଆ ରଙ୍ଗର ଚାଦର ଘୋଡେଇ ହେଉଥିଲେ। ତାଙ୍କ ଚେହେରା ଜଣେ ସନ୍ନ୍ୟାସୀ ପରି ଦେଖାଯାଉଥିଲା। ସେ ପିଲାଦିନରୁ ଯୋଗ ଓ ବ୍ୟାୟାମ କରୁଥିବାରୁ ତାଙ୍କ ଶରୀର ଖୁବ୍ ହୃଷ୍ଟପୁଷ୍ଟ ଥିଲା। ତାଙ୍କୁ ଦେଖିଲାମାତ୍ରେ ଯେ କୌଣସି ଲୋକ ତାଙ୍କୁ ଜଣେ ସନ୍ନ୍ୟାସୀ ଛଡ଼ା ଅନ୍ୟ କିଛି ଭାବିବ ନାହିଁ। ଫତୁରାନନ୍ଦ ତାଙ୍କର ଆତ୍ମଜୀବନୀ 'ମୋଫୁଟା ଡଙ୍ଗାର କାହାଣୀ' ଲେଖିଛନ୍ତି ସେଥିରେ ନିଜ ବିଷୟରେ ଯାହା ଲେଖି ନାହାନ୍ତି ମୁଁ ସେହି ବିଷୟ ଗୁଡ଼ିକ ଉଲ୍ଲେଖ କରିବାକୁ ଚାହେଁ।

ତାଙ୍କର ବନ୍ଧୁ ବତ୍ସଳତା : ଫତୁରାନନ୍ଦଙ୍କ ବ୍ୟକ୍ତିତ୍ୱରେ ଏକ ଚୁମ୍ବକ ଶକ୍ତି ଥିଲା। ଯେ କୌଣସି ଲୋକ ତାଙ୍କ ପାଖକୁ ଆସି ଦୁଇ ଚାରିପଦ କଥା ହେବ ସେ ଅଜଣା ହେଉ ଅଶୁଣା ହେଉ ତାପରେ ସେ ହୋଇଯିବ ଫତୁରାନନ୍ଦଙ୍କ ବନ୍ଧୁ। କେବଳ ବନ୍ଧୁ ନୁହେଁ ଘନିଷ୍ଠ ବନ୍ଧୁ। ଏହି ସମ୍ପର୍କରେ ମୁଁ କେତେଜଣ ବିଶିଷ୍ଟ ଲେଖକଙ୍କ ନାମ ଉଲ୍ଲେଖ କରୁଛି ପ୍ରଥମ ହେଲେ ଓଡ଼ିଶାର ପ୍ରଥିତଯଶା କବି ଡଃ ଗୋପାଳ ଚନ୍ଦ୍ର ମିଶ୍ର। ସେ ବରାବର ଡଗର ପ୍ରେସକୁ ଆସନ୍ତି ଏବଂ ଫତୁରାନନ୍ଦଙ୍କୁ ରାମନା ବୋଲି ସମ୍ବୋଧନ କରନ୍ତି। ରାସ୍ତା ଉପରୁ ସେ ରାମନା ରାମନା ଡାକଛାଡ଼ି ଡଗର ପ୍ରେସ ଭିତରକୁ ପଶନ୍ତି। ଫତୁରାନନ୍ଦ ନଦେଖି ପାରିଲେ ମଧ କଣ୍ଠ ଶବ୍ଦରୁ ଜାଣି ପାରନ୍ତି ଗୋପାଳ ମିଶ୍ର ଆସିଗଲେ ତେଣୁ ସେ ହସି ହସି କହନ୍ତି 'କହ ନୂଆବୋଉ ଭଉଣୀ ତୁମର ଅଛକି ଆଉ ?' ପାଇଲି ପାଇଲି ରାମନା ଭଉଣୀ ଗୋଟିଏ ପାଇଲି ତମେ ଦେଖିବନି ନେଇ ଆସିବି ଏଠିକି ? ଆରେ ମୋର କ'ଣ ଆଖି ଅଛି ଦେଖିବି ? ତମେ ଦେଖ ତା ପାଇଁ ପୁଣି କବିତା ଲେଖ। ଗୋପାଳ ମିଶ୍ର ଠୋ ଠୋ ହୋଇ ହସନ୍ତି। କହନ୍ତି ରାମନା ଆଉ ଗୋଟିଏ ବଢ଼ିଆ କବିତା ଲେଖିଛି କାଲି ସଂଧ୍ୟାବେଳକୁ ଆଣିବି ଆଜି ବଜାରରେ କାମ ଅଛି ଶୀଘ୍ର ପଳାଉଛି। ଏହି ଗୋପାଳ ମିଶ୍ର ଥିଲେ ସୁଲେଖକ କବି ରେଭେନ୍ସା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ। ଫତୁରାନନ୍ଦଙ୍କ ସହିତ ତାଙ୍କର ଆତ୍ମୀୟତା ବହୁତ ଭଲ ଥିଲା। ଆଉ ଜଣେ ହେଲେ ଜେନାକବି ମୁରାରୀ ମୋହନ ଜେନା। ଫତୁରାନନ୍ଦଙ୍କ ସାନଭାଇ ଡଃ ଶ୍ୟାମସୁନ୍ଦର ମିଶ୍ରଙ୍କ ସହପାଠୀ। ଘର ତାଙ୍କର ଭଗତପୁର ଗ୍ରାମରେ। ଝାଞ୍ଜିରୀମଙ୍ଗଳା ଓ ଭଗତପୁର ଲଗାଲଗି ହୋଇ ଦୁଇଟି ସାହି। ଶ୍ୟାମସୁନ୍ଦର ମିଶ୍ର ଟିକିଏ ନରମ ସ୍ୱଭାବର କିନ୍ତୁ ମୁରାରୀ ମୋହନ ଟିକିଏ ଉଗ୍ର ସ୍ୱଭାବର। ଫତୁରାନନ୍ଦଙ୍କୁ ସେ ରାମ କକେଇ ବୋଲି ଡାକନ୍ତି। ତାଙ୍କ କବିତା ଡଗରରେ ନ ବାହାରିଲେ ସେ ଦୋଷାରୋପ କରନ୍ତି ଫତୁରାନନ୍ଦଙ୍କ ଉପରେ। ମଝିରେ ମଝିରେ ତାଙ୍କ କବିତା ବାହାରେ। କବିତା ଉପରେ ସେ ନାନା ଦିଗରୁ ଆଲୋଚନା କରନ୍ତି ଏବଂ ତାଙ୍କ କବିତାର ଶ୍ରେଷ୍ଠତା ପ୍ରତିପାଦନ କରନ୍ତି। ତାଙ୍କ ଲେଖା ଯେ କେବଳ ଡଗରରେ ପ୍ରକାଶ ପାଏ ତାହା ନୁହେଁ ଓଡ଼ିଶା ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ କବିତା ପ୍ରକାଶିତ ହୁଏ। ସେ ଜଣେ ଦକ୍ଷ ସାହିତ୍ୟ ସଂଗଠକ। ଉତ୍କଳ ସାହିତ୍ୟ ସମାଜର ସେ କେତେ ବର୍ଷ ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରିଥିଲେ। ଫତୁରାନନ୍ଦ ଯେଉଁ ସରସ ସାହିତ୍ୟ ସମିତି ଗଢ଼ିଥିଲେ ସେଥିରେ ମଧ ସେ ସଂପାଦକ ଥିଲେ। ରଜ ଉତ୍ସବ କିପରି ଜାକ ଜମକରେ ପାଳିତ ହେବ ସେଥିପାଇଁ ସେ ଭାରି ତତ୍ପର ହେଉଥିଲେ। ସରସ ସାହିତ୍ୟ ସମିତି ରଜ ଉତ୍ସବରେ ଗବେଷକ ସଚ୍ଚିଦାନନ୍ଦ ମିଶ୍ର ପ୍ରବନ୍ଧ ପଢ଼ିଲାବେଳେ ମୁରାରୀ ବାବୁ ଟିକା ଟିପ୍ପଣୀ ଦେଉଥିଲେ ଯାହାଫଳରେ ଦୁଇଜଣଙ୍କ ଭିତରେ କଳି ଗୋଳ ଲାଗୁଥିଲା ଯାହାକୁ ଫତୁରାନନ୍ଦ ସମାଧାନ କରୁଥିଲେ। ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ। ଫତୁରାନନ୍ଦଙ୍କ ସହିତ ତାଙ୍କର ଦୀର୍ଘ ଜୀବନ ଧରି ଦେଖା ସାକ୍ଷାତ ହୋଇ ପାରିଲା ନାହିଁ। ମଝିରେ ମଝିରେ ଗୋଟିଏ ହାସ୍ୟରସାତ୍ମକ ଗଳ୍ପ କିମ୍ବା କବିତା ଡଗରକୁ ପଠାନ୍ତି। ତାହା ଡଗରରେ ପ୍ରକାଶ ପାଏ ସେ କିନ୍ତୁ ବ୍ୟକ୍ତିଗତ ଭାବେ ଆସି ପାରନ୍ତି ନାହିଁ। ଅନେକ ବର୍ଷ ପରେ ଚାକିରୀରୁ ଅବସର ଗ୍ରହଣ କରି ସେ ଆସି କଟକରେ ରହିଲେ। ବକ୍ସି ବଜାର ବଡ଼େଇ ସାହିରେ ତାଙ୍କର ଭଡ଼ାଘର। ସେଇଠୁ ଦିନେ ସେ ଗୋଟିଏ ରିକ୍ସା କରି ଡଗର ପ୍ରେସ୍ ଖୋଜି ପିଠାପୁର ଠାରେ ଆସି ପହଞ୍ଚିଲେ। ସେତେବେଳେ ସମୟ ଅପରାହ୍ନ ପାଞ୍ଚଟା ହେବ। ଛାଇ ଲେଉଟାଣି ବେଳ। ମୁଁ ଅଫିସ ଘରେ ହାତ ନଥିବା ଗୋଟିଏ ଚେୟାରରେ ବସିଥାଏ। ପୁଲିନବାବୁ ରିକ୍ସାରୁ ଓହ୍ଲେଇ ପ୍ରେସ ପିଣ୍ଡା ଉପରକୁ ଉଠିଲେ ଏବଂ ପଚାରିଲେ ଏଇଟା ଡଗର ପ୍ରେସ ତ ? ମୁଁ ସଂକ୍ଷିପ୍ତ ଉତ୍ତର ଦେଲି ହଁ। ରାମବାବୁ ଅଛନ୍ତି ? ଆଜ୍ଞା ଅଛନ୍ତି। ଆଲମାରୀ ପଛପଟରେ ବସିଥିବା ଫତୁରାନନ୍ଦ ମତେ ପଚାରିଲେ କିଏ କି ? ମୁଁ କହିଲି ମୁଁ ଚିହ୍ନି ନାହିଁ। କେବେତ ଆଗରୁ ଦେଖି ନାହିଁ। ପୁଲିନ ବାବୁ ଅଫିସ ଭିତରକୁ ପଶୁ ପଶୁ କହିଲେ ମୁଁ ପୁଲିନ। ପୁଲିନ ବିହାରୀ ରାୟ। ହଠାତ ଫତୁରାନନ୍ଦ ତାଙ୍କ ବସିବା ସ୍ଥାନରୁ ଉଠି ଆସିଲେ ପୁଲିନ ପୁଲିନ ବୋଲି କହି କୁଣ୍ଢାଇ ପକାଇଲେ। ପୁଲିନବାବୁ ଆଖିରୁ ଦୁଇଟୋପା ଆନନ୍ଦ ଅଶ୍ରୁ ଝରି ପଡ଼ିଲା। ପ୍ରାୟ ପଚିଶ ତିରିଶ ବର୍ଷ ପରେ ଦୁଇ ବନ୍ଧୁଙ୍କର ଦେଖା ସାକ୍ଷାତ। ସେ ମିଳନ ଏତେ ଆନନ୍ଦ ଦାୟକ ତାହା ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ। ସେଦିନ ଦୁଇବନ୍ଧୁ ବହୁତ ସମୟ ଧରି ଖୁସି ଆଳାପ କଲେ ହସା ହସି ଅତୀତର ମଧୁର ସ୍ମୃତିକୁ ରୋମନ୍ଥନ କଲେ ସତେ ଯେପରି ମେଡ଼ିକାଲର ଦୁଇଟି ତରୁଣ ଛାତ୍ର ଆନନ୍ଦବିଭୋର ହୋଇ ଆଳାପ କରୁଛନ୍ତି। ଏହି ସାକ୍ଷାତପରେ ପୁଲିନ ବାବୁ ମଝିରେ ମଝିରେ ଡଗରକୁ ଆସି ଫତୁରାନନ୍ଦଙ୍କୁ ସାକ୍ଷାତ କରୁଥିଲେ। ହଠାତ୍ ତାଙ୍କର ଆସିବା ବନ୍ଦ ହୋଇଗଲା ଖବର ବି କିଛି ମିଳିଲା ନାହିଁ। ସେତେବେଳେ ଡଗର ପ୍ରେସରେ ଫୋନ ବି ନଥାଏ କାହା ସହିତ କଥାବାର୍ତ୍ତା କରିବା ପାଇଁ। ଦିନେ ତାଙ୍କର ପୁଅ ଡାକ୍ତର ଫାଲଗୁନି ରାୟ ଡଗରକୁ ଆସି ଫତୁରାନନ୍ଦଙ୍କୁ ଖବର ଦେଲେ ଯେ ବାପାଙ୍କ ଦେହ ଭାରି ଅସୁସ୍ଥ। ଆପଣଙ୍କୁ ଦେଖିବା ପାଇଁ ଖୋଜୁଛନ୍ତି। ଏହି ଖବର ଶୁଣିବାପରେ ଫତୁରାନନ୍ଦଙ୍କ ମୁହଁ ବିଷର୍ଣ୍ଣ ହୋଇଗଲା। ପରଦିନ ଉପର ଓଳି ମତେ କହିଲେ ଗୋଟିଏ ରିକ୍ସା ଡାକ ପୁଲିନକୁ ଦେଖିବାକୁ ଯିବା। ମୁଁ ଗୋଟିଏ ରିକ୍ସା ଡାକି ଆଣିଲି ସାଙ୍ଗ ହୋଇ ବକ୍ସି ବଜାର ବଢ଼େଇ ସାହି ଗଲୁ। ପୁଲିନ ବାବୁଙ୍କ ଭଡ଼ାଘର ଭିତରକୁ ପ୍ରବେଶ କଲୁ। ସେତିକିବେଳେ ପୁଲିନବାବୁ ରୋଗଶଯ୍ୟାରେ ନିସ୍ତେଜ ହୋଇପଡ଼ିଥାନ୍ତି। ତାଙ୍କ ଉପରେ ଧଳା ଚାଦରଟିଏ ଘୋଡେଇ ଦିଆଯାଇଥାଏ। କାନ୍ଥ କଡ଼କୁ ଗୋଟିଏ ଲମ୍ବା ବେଞ୍ଚ ପଡ଼ିଥାଏ ମୁଁ ସେଇଠି ବସିଲି। ଫତୁରାନନ୍ଦ ତାଙ୍କ ପାଦପାଖରେ ଥିବା ଗୋଟିଏ ଚେୟାର ଉପରେ ଯାଇ ବସିଲେ। ତାଙ୍କ ପୁଅ ବାପାଙ୍କୁ ଯେତେ ଡାକିଲେ ତାଙ୍କର କୌଣସି ଉତ୍ତର ମିଳିଲା ନାହିଁ। ଛାତି ଉପରେ ଘୋଡ଼ା ହୋଇଥିବା ଧଳା ଚାଦରଟି ଖାଲି ଉଠୁଥାଏ ପଡୁଥାଏ। ନିଃଶ୍ୱାସ ଘନ ଘନ ଯାଉଥାଏ। ତାଙ୍କ ପୁଅ କହିଲେ ମଉସା ଆପଣ ଡାକନ୍ତୁ କାଳେ ଆପଣଙ୍କ ପାଟି ବାରି ପାରିବେ। ଫତୁରାନନ୍ଦ ଧୀର କଣ୍ଠରେ ଡାକିଲେ ପୁଲିନ.....ପୁଲିନ ଏଇ ଦେଖ ମୁଁ ରାମ ଆସିଛି। ଅଣ୍ଡାଳି ଅଣ୍ଡାଳି ତାଙ୍କ ଶରୀର ଉପରେ ହାତ ପକାଇଲେ। ସେ ଡାକରେ କି ଅମୃତ ସ୍ପର୍ଶ ଥିଲା କେଜାଣି ପୁଲିନ ବାବୁଙ୍କ ନିଷ୍ପ୍ରଭ ଆଖି ଦୁଇଟି ମୁହୂର୍ତ୍ତକ ପାଇଁ ଖୋଲିଗଲା। ଫତୁରାନନ୍ଦଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହିବାକୁ ଲାଗିଲା। କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ପୁଲିନ ବୋଲି ଆଉ ଡାକି ପାରିଲେ ନାହିଁ। ମୁଁ ସେତେବେଳେ ଲକ୍ଷ୍ୟ କରୁଥିଲି ଦୁଇଜଣଙ୍କ ବନ୍ଧୁତ୍ୱର ନିବିଡ଼ତା ଆହା କି ହୃଦୟ ବିଦାରକ ସେହି ଦୃଶ୍ୟ। ମୋ ଆଖିରୁ ମଧ୍ୟ ଲୁହ ଝରି ପଡ଼ିଲା। ସେଠାରୁ ଉଠି ମୁଁ ବାହାରକୁ ଚାଲି ଆସିଲି।

# ଜଳବାୟୁ ପ୍ରଦୂଷଣ ଓ ବେକାରୀ ସମସ୍ୟା

॥ ଅଜୟ କୁମାର ବେହେରା ॥

ଜାପାନ ଶିଳ୍ପପତିଙ୍କୁ ଓଡ଼ିଶା ଆଣିବା ପୂର୍ବରୁ ଭାବନ୍ତୁ। ଶିଳ୍ପ ପାଇଁ ଭିତ୍ତିଭୂମି ପାଇଁ ସ୍ଥାନ, ସ୍ଥାନକୁ ରାସ୍ତା ପଥ, ଶିଳ୍ପକୁ କଞ୍ଚାମାଲ, ଜଳ, ବିଦ୍ୟୁତ ଯୋଗାଇବାକୁ ପଡ଼ିବ। ଶିଳ୍ପ ଜାତ ଦ୍ରବ୍ୟକୁ କଞ୍ଚାମାଲର ଉତ୍ସ ଖଣି। ଖଣିରୁ ଉତ୍ତୋଳନ ଦ୍ରବ୍ୟ ଯାହା ମିଳିବ ତାହା ସେ ଶିଳ୍ପରେ ପୂର୍ଣ୍ଣ ଲାଗିବ ନା ତାର ଅଂଶ ତାଙ୍କ ଦେଶକୁ ଆଳ କରି ରପ୍ତାନୀ କରିବେ। ପୁଣି ଉତ୍ପାଦିତ ଶିଳ୍ପଜାତ ଦ୍ରବ୍ୟକୁ ପୂର୍ଣ୍ଣ ଭାରତ ଭୂଖଣ୍ଡରେ ବିକ୍ରୟ ବ୍ୟବସ୍ଥା ରଖିବେ ନା ଉତ୍ପାଦିତ ବସ୍ତୁର ଅର୍ଦ୍ଧ ପ୍ରସ୍ତୁତକୁ ପୁଣି ତାଙ୍କ ଦେଶକୁ ପଠାଇ ସେଠାରୁ ଦରକାରୀ ଷ୍ଟିଲର ପୁଣି ଆମ ଦେଶକୁ ବିକ୍ରୟ କରିବେ। ଯେମିତି କମ୍ପାନୀମାନେ ଆମ ଦେଶରୁ ଲୁଣ ଧଳାକୁ ବନ୍ଦ କରି ତାଙ୍କ ଦେଶରୁ ଲୁଣ ଆଣି ଆମକୁ ବାଧ୍ୟକରି ବିକ୍ରୟ କଲେ ଆମ ମାଟିଆ ଲୁଣକୁ ସଫାକରି ବିକ୍ରୟ କରି ଧନ୍ଦା ଚାଳନା କରୁଥିଲେ। ପୁଣି ଏ ସମୟ ଅଟୋମେଟିକ ମେସିନ ବହୁ ଶ୍ରମିକଙ୍କର ବୃତ୍ତି ରଦ୍ଧ କରୁଛି। ଏପରି ଅଟୋମେଟିକ ମେସିନର ଅପରେଟର ଏ ପର୍ଯ୍ୟନ୍ତ ଆମ ଦେଶରେ ବହୁତ ତିଆରି ନାହାଁନ୍ତି ଯାହା ସେମାନଙ୍କର ଦେଶର ବା ଅନ୍ୟ ରାଜ୍ୟରୁ ଏପରି ବିଶେଷଜ୍ଞ ଆସି ଆମ ରାଜ୍ୟରେ ଶିଳ୍ପ ସଞ୍ଚାଳନ କରିବେ ଫଳରେ ସ୍ଥାନୀୟ ଲୋକେ ଠିକ କର୍ମ ନିଯୁକ୍ତି ପାଇବେ ବି ? ଅନେକ ସଂସ୍ଥା ଠିକ ଶ୍ରମିକ ବା କର୍ମଚାରୀ କିଛି ବର୍ଷ ପାଇଁ ରଖି ତାଙ୍କୁ ଛଟେଇ କରୁଛନ୍ତି। ଯୌବନକାଳର ରୋଜଗାର ବାଧା କି କଷ୍ଟକର ଅନୁଭବୀ ହିଁ ଜାଣି ପାରିବେ। ଏପରି ଅସ୍ଥାୟୀ ମୁତୟନ କରିବେ କି ? ଲୁହା କାରଖାନାକୁ ହାର୍ଡ଼କୋକ ବା ସଫ୍ଟକୋକ କୋଇଲା ନହେଲେ ଲୁହା ତରଳା ଚୁଲ୍ଲୀ ଚାଲି ପାରିବ ନାହିଁ। ଲୁହା ଯେତେ ତାପରେ ତରଳେ ବା ପଥରକୁ ଗୁଣ୍ଡକରି ତାକୁ ଚୁଲ୍ଲୀରେ ତରଳାଇ ଲୁହାପିଣ୍ଡ କାଢ଼ିବାବେଳେ ଯେ ଉତ୍ତାପ ବିକିରଣ ହେବ ତାହା ଯେଉଁଠି କାରଖାନା ହେବ ସବୁ ଋତୁରେ ବହୁଥିବା ପବନରେ ବିଭିନ୍ନ ଦିଗକୁ ଯିବ ନାହିଁ। ସ୍ଥାନ ଗରମରୁ ସ୍ଥାନର ପାଣିପାଗ ଉପରେ ପ୍ରକୃତି ଉପରେ ପ୍ରଭାବ ପଡ଼ିବ କି ନାହିଁ ? ଓଡ଼ିଶାର ସ୍ୱାଧିନତା ପୂର୍ବରୁ ଯେ ଜଳ ବାୟୁ ଥିଲା ଏବେ ସେପରି କାହିଁକି ନାହିଁ ? ପୂର୍ବେ ଲୋକେ ଏତେ ପ୍ରକାର ରୋଗ ଭୋଗୁଥିଲେ କି ? ପ୍ରଦୂଷିତ ବାୟୁମଣ୍ଡଳ ଓ ତାପବୃଦ୍ଧି କେତେ ହିଂସା ଚିନ୍ତା ଲୋକଙ୍କୁ ଘାରୁଛି। ଏତେ ପୋଲିସ ଥିଲେ କି ? ଏତେ ଥାନା ଥିଲା କି ? କେତେ ବୃକ୍ଷ ଏବେଳରେ ଶିଳ୍ପ ନାମରେ ରାସ୍ତା ନିର୍ମାଣରେ କ୍ଷୟ ଶିଳ୍ପକୁ ରାସ୍ତା, ରେଲରାସ୍ତା ପାଇଁ କେତେ ଶସ୍ୟ କ୍ଷେତ୍ର କ୍ଷୟ ଏକଥା କଣ ବିଜ୍ଞମାନେ ଜାଣି ପାରୁନାହାଁନ୍ତି ? ଏକଦା ଗଡ଼ଜାତ ମୟୂରଭଞ୍ଜ ରାଜ୍ୟରେ ବାଦାମ ପାହାଡ଼ରେ ଲୁହା ଖଣିର ସନ୍ଧାନ ମିଳିଥିଲା। ତାହା ଟାଟା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ହେବା ପାଇଁ ସ୍ଥାନ ଖୋଜାରେ କଣ ମୟୂରଭଞ୍ଜର ବଡ଼ ସହର ବାରିପଦା ରାଜାଙ୍କ ରାଜଧାନୀ ପାଖରେ ହୋଇପାରି ନଥାନ୍ତା। ରାଜ୍ୟରେ କଣ ଶ୍ରମିକ ନା ସ୍ଥାନ ଅଭାବ ଥିଲା ତେବେ ବିହାର, ସିଂହଭୂମର ବର୍ଗମକର ଜାମସେଦପୁରକୁ କାହିଁକି ସ୍ଥାନାନ୍ତର ହୋଇଥିଲା ? ଏବେ ବିହାରର ଭଙ୍ଗ ହୋଇ ଏବେ ଝାରଖଣ୍ଡ ରାଜ୍ୟରେ ଏବେ ଆସିଗଲାଣି। ଝାରଖଣ୍ଡ ଅର୍ଥ ବନାଞ୍ଚଳ ରାଜ୍ୟ ଯେଉଁଠି ବହୁତ ବୃକ୍ଷଲତା ଭରି ରହିଥିଲା। ଏହି କାରଖାନା ପରେ ଅନ୍ୟକ ଆନୁସଙ୍ଗିକ କାରଣରୁ ବହୁ ଜଙ୍ଗଲ ପଦା ବହୁ ପଶୁପକ୍ଷୀ ବିଲୁପ୍ତ। ଲୋକଙ୍କୁ ଅର୍ଥ ମିଳିବ ମାତ୍ର ଖାଇବା ପଦାର୍ଥ ଅନ୍ନ ଧାନ୍ୟ ପନିପରିବା ମହରଗ ହୋଇଯିବା ନିଶ୍ଚିନ୍ତ।

ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମ୍ବନ୍ଧରେ ରହିଛି। ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ। ଏହି କାରଣ ସହିତ କେନ୍ଦ୍ରାପଡ଼, ଜଗତସିଂହପୁରରେ ନିର୍ମାଣକୁ ଜାପାନ ଶିଳ୍ପପତିଙ୍କୁ ଅଣାଯିବା ଯଦି ଭବିଷ୍ୟତକୁ ଏ ଅଞ୍ଚଳ ଜଳବାୟୁକୁ କ୍ଷତି ନହେବ ତାହା ଚିନ୍ତା କରାଯାଉ। ଜାପାନୀ ଦ୍ରବ୍ୟ ଆମ ଦେଶରେ ଅନେକ ଯହିଁରେ ବ୍ୟାଟ୍ରୀ ଆଇସି, ମୋବାଇଲ ଫୋନ, ଇଲେକ୍ଟ୍ରନିକ ଖେଳନା ବ୍ୟବହାର ପ୍ରତି ଘରେ ଜଳୁଥିବା ବଲବ୍ ଏମିତି ଜିନିଷ ଏକ ପ୍ରକାର ଛୋଟ ଛୋଟ ଶିଳ୍ପରେ ପ୍ରସ୍ତୁତ ପୁଣି ଏମାନଙ୍କର ଛୋଟ ଶିଳ୍ପମାନେ ପରସ୍ପର ସହଯୋଗ ଏହାକୁ ନିର୍ମାଣ କରି ଅନେକ ଲୋକଙ୍କୁ ବୃତ୍ତିରେ ରଖି ପାରୁଛନ୍ତି। ସେ ଦେଶ ୧୯୪୫ ପରେ ସମୃଦ୍ଧ ହୋଇଛି। କେବଳ ପରସ୍ପର ସହଯୋଗ ତାଙ୍କର ମୂଳ ପୁଞ୍ଜିକୁ କାରିଗରୀ ଜ୍ଞାନ କୌଶଳ ତାଙ୍କର ଦୁଇ ପ୍ରୟୋଗାତ୍ମକ ବିଦ୍ୟା ଆମର କୌଳିକ ବୃତ୍ତି ରଦ୍ଧ କରି ସମସ୍ତଙ୍କୁ ବେକାର କରାଯାଇଛି। ଶିକ୍ଷା ଖାଲି ଚାକିରୀ ପାଇଁ ଉଦ୍ଦିଷ୍ଟ। ନୂଆ ଛାଞ୍ଚରେ ଲୋକଙ୍କୁ ସେ ଦେଶ ପରି ଶିକ୍ଷା, କାରିଗରୀ ଜ୍ଞାନରେ ଦେଲେ ଶୀଘ୍ର ବେକାରୀ ହଟନ୍ତା। ଲୋକେ ସହଜରେ ଚଳି ପାରନ୍ତେ ନିଜ ଭିଟାମାଟି ଛାଡ଼ି ସ୍ଥାନାନ୍ତର ପସନ୍ଦ କରନ୍ତେ ନାହିଁ ପାରିବାରିକ ଜୀବନ ସୁଖପ୍ରଦ ହୁଅନ୍ତା। ଚାଷଜମି ଠିକ ଚାଷ ହୁଅନ୍ତା। ସରକାର ଯାନ୍ତ୍ରିକ ଦ୍ୱିଚକ୍ର ତ୍ରିଚକ୍ର ବାହାର କରି ଦ୍ୱିଚକ୍ର ସାଇକେଲକୁ ଆସ୍ତେ ଆସ୍ତେ ବନ୍ଦ କରି ଦେଲେ ତ୍ରିଚକ୍ର ରିକ୍ସା ସହରରେ କାଁ ଭାଁ ଟ୍ରାକ୍ଟର ଟ୍ରଲି ଲଗାଇ ମାଲବୁହା ଚାଲିଲାଣି। ଶଗଡ଼ ଅଦୃଶ୍ୟ, ହଳ ପାଇଁ ହଳ ଲଙ୍ଗଳ ମଇର ଦରକାର ନାହିଁ ଏଣୁ ବଳଦ ଆଉ ଦୃଶ୍ୟ ନୁହଁନ୍ତି। ଏସବୁ ପାଇଁ ପ୍ରଗତିର ବିରୁଦ୍ଧ ଆମେ ଚାହୁଁନା ଗ୍ରାମାଞ୍ଚଳ ମଟରସାଇକେଲ ସ୍କୁଟି ଅଟୋରିକ୍ସା ଟ୍ରାକ୍ଟର ପାୱାର ଟିଲର ପରି ଯାନ ମରାମତି ଶିକ୍ଷା ଦେଇ ଲୋକଙ୍କୁ ଏଥିରେ ବ୍ରତୀ କଲେ କଣ ବେକାରୀ ହଟିବ ନାହିଁ। ସମସ୍ତେ ଲୁଗା ଯାମା ପ୍ୟାଣ୍ଟ ପିନ୍ଧୁଛନ୍ତି। ଗାମୁଛା ବ୍ୟବହାର କରୁଛନ୍ତି ଏସବୁ ପ୍ରସ୍ତୁତି ନୂଆ ରୂପରେ କଣ ଗ୍ରାମରେ କରାଯାଇ ପାରିବ ନାହିଁ। କମାର କାମର ସଂସ୍କାରରେ ଗ୍ୟାସ ବିଦ୍ୟୁତର ଝଳେଇ କାମରେ କାରିଗର ସଂକ୍ଷିପ୍ତ ତାଲିମ ଦେଇ ଗ୍ରାମାଞ୍ଚଳର ଗୃହ ଉପକରଣ କଣ ପ୍ରସ୍ତୁତ କରି ହେବନାହିଁ? ଏମିତି ଅନେକ ଶିଳ୍ପ ମଧ୍ୟରେ କୃଷି ଜାତ ଦ୍ରବ୍ୟର ପ୍ରକ୍ରିୟାକରଣ। ଏହା ଗ୍ରାମେ ଗ୍ରାମେ କଣ ହୋଇପାରିବ ନାହିଁ? ଏହାଦ୍ୱାରା ସରକାର କଣ ଟିକସ ପାଇବେ ନାହିଁ। ଶ୍ରମିକ ସମସ୍ୟା ତୁଟିବ ବେକାରୀ ସମସ୍ୟା ତୁଟିଯିବ ଏହା ଚିନ୍ତାଶୀଳମାନେ ଭାବନ୍ତୁ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସଫଳ ହାସ୍ୟ ସାହିତ୍ୟିକ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ସାମସମୟିକ ଓଡ଼ିଆ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ଦୁଃଖୀ ଥିଲେ ହେଁ ଅନ୍ତରର ବେଦନାକୁ ଚାପି ସତେ ଯେପରି ଅନ୍ୟମାନଙ୍କୁ ହସାଇବାକୁ ଶପଥ ନେଇଥିଲେ ଏବଂ ସୃଷ୍ଟି କରିଥିଲେ ବହୁ ବ୍ୟଙ୍ଗ ସାହିତ୍ୟ। ତାଙ୍କର ପ୍ରକୃତ ନାମ ରାମଚନ୍ଦ୍ର ମିଶ୍ର। ଡାକ୍ତରୀ ପଢୁଥିବା ବେଳେ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିଲେ। ରୋଗ କବଳରୁ ମୁକ୍ତି ମିଳୁ ମିଳୁ ହରାଇଥିଲେ ଦୃଷ୍ଟି ଶକ୍ତି ଏବଂ ଆଜୀବନ ଅବିବାହିତ ରହି ପାଳଟିଥିଲେ ସାହିତ୍ୟ ସେବକ। ଏକ ସମୟରେ ସାହିତ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନଥିଲା। ସାହିତ୍ୟ ନାମ ଶୁଣିଲେ ବିତୃଷ୍ଣା ଆସିଯାଉଥିଲା। ସାହିତ୍ୟକୁ ଏକ ଅଲୋଡ଼ା, ଅଦରକାରୀ ବିଷୟ ଭାବୁଥିଲେ। ହେଲେ ଜୀବନର ମଧ ଭାଗରେ ସାହିତ୍ୟ ହିଁ ହୋଇଥିଲା, ତାଙ୍କର ଏକମାତ୍ର ଅବଲମ୍ବନ, ଯାହା କାଏମ ରହିଥିଲା ଜୀବନର ଶେଷ ଭାଗ ପର୍ଯ୍ୟନ୍ତ। ଫତୁରାନନ୍ଦଙ୍କ ଆତ୍ମଚରିତ ହେଉଛି 'ମୋ ଫୁଟା ଡଙ୍ଗାର କାହାଣୀ'। ଏଥିରେ ସେ ଲେଖିଛନ୍ତି, ସ୍କୁଲରେ ପଢୁଥିବା ବେଳେ ଶିକ୍ଷକଙ୍କ ବାଧବାଧକତାରେ ସେ ପଢ଼ିଥିବା ପ୍ରଥମ ସାହିତ୍ୟ ପୁସ୍ତକଟି ଥିଲା ଫକୀର ମୋହନ ସେନାପତିଙ୍କର ଛଅ ମାଣ ଆଠଗୁଣ୍ଠ। ତାହା ପୂର୍ବରୁ ରାମାୟଣ, ମହାଭାରତ, ତଅପୋଇ, ନୃସିଂହ ପୁରାଣ, ହରିବଂଶ, ଲକ୍ଷ୍ମୀପୂଜା ପଢ଼ିଥିଲେ। ଧର୍ମ ପୁସ୍ତକ ପଢ଼ିଲେ ଉତ୍ତମ ଭୋଜନ ମିଳୁଥିବାରୁ ସେ ଏସବୁ ବାରମ୍ବାର ପଢୁଥିଲେ। ଶ୍ରୀକୃଷ୍ଣ, ହନୁମାନ, ଭୀମ, ଅର୍ଜ୍ଜୁନ ଥିଲେ ତାଙ୍କର ଅତି ପ୍ରିୟ ପୌରାଣିକ ଚରିତ୍ର। ସ୍କୁଲରେ ପଢ଼ିବା ବେଳେ ସେ ଏକ ଗପ ଲେଖିଥିଲେ। ତାହା ସ୍କୁଲ ପତ୍ରିକା ଛାତ୍ରବନ୍ଧୁରେ ପ୍ରକାଶିତ ହୋଇଥିଲା। ମେଡ଼ିକାଲ ପଢ଼ା ସାରି ବ୍ୟାଧିଗ୍ରସ୍ତ ହୋଇ ଘରେ ବସିବା ବେଳେ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା। ପ୍ରଥମେ ଲେଖିଥିଲେ କବି ଲଢ଼େଇ ନାମକ ପଦ୍ୟ। ସେଇଟି ପ୍ରକାଶିତ ହୋଇଥିଲା ଡଗରରେ। ମେଡ଼ିକାଲରେ ପଢ଼ିବା ବେଳେ ଜଣେ ବନ୍ଧୁ ତାଙ୍କୁ ଫତୁରାନନ୍ଦ ନାମ ଦେଇଥିଲେ। କାଳେ ଜୀବନର ପ୍ରଥମ ପଦ୍ୟ ସମାଲୋଚିତ ହେବ, ଏହି ଭୟରେ ଲେଖକ ଭାବେ ଫତୁରାନନ୍ଦ ନାମଟିକୁ ବ୍ୟବହାର କରିଥିଲେ। ପଦ୍ୟଟି ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ରାମଚନ୍ଦ୍ର ମିଶ୍ର ଫତୁରାନନ୍ଦ ନାମରେ ଲେଖକୀୟ ପରିଚିତି ଲାଭ କରିଥିଲେ। ଡଗର ମୁଦ୍ରଣାଳୟ ଓ ପତ୍ରିକା ସହ ସଂପର୍କ ତଥା କାନ୍ତିକବି ଲକ୍ଷ୍ମୀକାନ୍ତଙ୍କ ପ୍ରେରଣା ତାଙ୍କୁ ବଡ଼ ଲେଖକରେ ପରିଣତ କରିଥିଲା। ଲେଖକ ଜୀବନର ଆଦ୍ୟ ଭାଗରେ ସେ ଅରୁଚିକର ହାସ୍ୟ ପରିବେଷଣ କରି ଭାଣ୍ଡକବି ଭାବେ ଆଖ୍ୟାୟିତ ହୋଇଥିଲେ। ତେବେ ନିତମ୍ବ ବଂଶୀ କବିତାର ପ୍ରକାଶନ ପରେ ନିଜ ଲେଖାରୁ ରୁଚିହୀନତାକୁ ବାଦ ଦେଇଥିଲେ। ଏହି କବିତାରେ ରାଧା, କୃଷ୍ଣଙ୍କୁ ପଚାରୁଛନ୍ତି ହାତ ବଂଶୀ ବହୁତ ଶୁଣିଲିଣି। ବଡ଼ କପଟିଆ ତୁମେ। ନିତମ୍ବ ବଂଶୀ ଦିନେ ହେଲେ ଶୁଣାଇ ନାହଁ। ନ ଶୁଣାଇଲେ ଆଉ କଥା ହେବିନି। ତହୁଁ କୃଷ୍ଣ କହୁଛନ୍ତି ଥୟ ଧର ଆଜି ଅବଶ୍ୟ ଶୁଣାଇବି। ଏହା କହି ସେ ବାୟୁ ସୃଷ୍ଟିକାରୀ ବରା, ପିଆଜି, ପକୁଡ଼ି ଆଦି ପେଟ ପୁରା ଖାଇଲେ। କିଛି ସମୟ ପରେ ବିଭିନ୍ନ ଧ୍ୱନିଯୁକ୍ତ ଅଧୋବାୟୁମାନ ବାହାରିଲା। ଏହି କବିତାକୁ ଯିଏ ବି ପଢ଼ିବ, ହସିବା ସ୍ୱାଭାବିକ। ତେବେ, ଏ ଭଳି କବିତା ନ ଲେଖିବା ପାଇଁ ଦିନେ ହସି ହସି ତାଙ୍କୁ ଉପଦେଶ ଦେଇଥିଲେ ଲକ୍ଷ୍ମୀନାରାୟଣ ସାହୁ। ତାହା ପରଠାରୁ ସେ ରୁଚିହୀନ ବର୍ଜନ କରିଥିଲେ। ୧୯୧୫ ଜୁନ ୧ ତାରିଖରେ କଟକ ଝାଞ୍ଜିରିମଙ୍ଗଳାରେ ଜନ୍ମ ହୋଇଥିଲେ ଫତୁରାନନ୍ଦ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

## କୁରୁଣ୍ଟି–ଖଲର୍ଦ୍ଦା ରାସ୍ତାରେ ୧୧ କେଭି ବିଦ୍ୟୁତ ଖୁଣ୍ଟ ଓ ତାର ସଂଯୋଗକୁ ନେଇ ଅଭିଯୋଗ



ବାରଙ୍ଗ, (ମହାଭାରତ) : ପୂର୍ତ୍ତ ବିଭାଗର ରାସ୍ତା ଏବଂ ଗୃହ ବିଭାଜନ-୨, କଟକ ଅଧୀନରେ ଥିବା କୁରୁଣ୍ଟି–ଖଲର୍ଦ୍ଦା ରାସ୍ତା କଡ଼େର ଟିପିସିଓଡିଏଲ୍ (ଷଚଉଡଙଡଖ) ପକ୍ଷରୁ ବିଲଡର ଓ ବ୍ୟବସାୟିକ ସଂସ୍ଥା ସ୍ଥାପିତ ୧୧ କେଭି ଖୁଣ୍ଟ ଓ ରାସ୍ତାରେ ୧୧ କେଭି ତାର କ୍ରସିଂ ତାର ସଂଯୋଗକୁ ନେଇ ସ୍ଥାନୀୟ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି ।କିଛି ବିଲଡର ନିଜ ବ୍ୟବସାୟିକ ସ୍ୱାର୍ଥ ପାଇଁ ସେହି ଗ୍ରାମ ଲୋକଙ୍କ ସହିତ ସେହି ରାସ୍ତାରେ ପ୍ରତିଦିନ ଯାତାୟତ କରୁଥିବା ହଜାର ହଜାର ଲୋକଙ୍କ ଜୀବନ ସହିତ ଖେଳିବାକୁ ପଛାଉ ନାହାନ୍ତି। ବିଲଡର କୁରୁଣ୍ଟି ଖଲର୍ଦ୍ଦା ରାସ୍ତା ଅବରୋଧ ଯୋଗୁଁ ରାସ୍ତା ସମ୍ପ୍ରସାରଣରେ ବାଧା ଉପୁଜୁଥିବା ନେଇ ମଧ ଗଣ ମାଧ୍ୟମରେ ପ୍ରକାଶ ପରେ ଏବେ ୧୧ କେଭି ବିଦ୍ୟୁତ ଲାଇନ ଖୁଣ୍ଟ ପଡ଼ିଥିବା ବାବଦରେ ଅଭିଯୋଗ ହୋଇଛି । ଏହାକୁ ପୂର୍ତ୍ତ ବିଭାଗର ରାସ୍ତା ଏବଂ ଗୃହ ବିଭାଜନ କିପରି ଅନୁମତି ପ୍ରଦାନ କରୁଛି ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କଡ଼େର ଖୁଣ୍ଟ ପଡ଼ିଥିବା ଯୋଗୁଁ କୁରୁଣ୍ଟି–ଖଲର୍ଦ୍ଦା ରାସ୍ତା କାର୍ଯ୍ୟ ଓ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପ୍ରଭାବିତ ହୋଇଛି ଏବଂ ରାସ୍ତା ଉପରେ ଚଳାଚଳରେ ମଧ ସୁରକ୍ଷା ସମସ୍ୟା ସୃଷ୍ଟି ହେଉଛି । ପୂର୍ତ୍ତ ବିଭାଗ ରାସ୍ତା ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ, ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୂର୍ତ୍ତ ବିଭାଗର ରାସ୍ତା ଏବଂ ଗୃହ ବିଭାଜନ-୨, କଟକ ରାସ୍ତା ପାଇଁ ସଂରକ୍ଷିତ ସୀମାଭିତରେ ଏପରି ଭାବରେ ୧୧ କେଭି ଲାଇନ ଓ ଖୁଣ୍ଟ ପ୍ରତିଷ୍ଠା କରାଯିବା ଭବିଷ୍ୟତରେ ରାସ୍ତା ପ୍ରଶସ୍ତିକରଣ କାମକୁ ବାଧାଗ୍ରସ୍ତ ଆହୁରି ଅନେକ କରିପାରେ । ଏହା ସହ ଉଚ୍ଚ ଭୋଲେଟଜ୍ ତାର ରାସ୍ତା ଉପରେ କ୍ରସିଂ ହୋଇଥିବାରୁ ଦୁର୍ଘଟଣା ଆଶଙ୍କାକୁ ମଧ ନେଇ ଚିନ୍ତା ବ୍ୟକ୍ତ କରାଯାଇଛି। ଆଇନଗତ ଭାବେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ସୀମା ଭିତରେ ଯେକୌଣସି ୟୁଟିଲିଟି ସଂସ୍ଥା ପକ୍ଷରୁ ବିଦ୍ୟୁତ୍ ଖୁଣ୍ଟ କିମ୍ବା ଲାଇନ ସ୍ଥାପନ ପୂର୍ବରୁ ସମ୍ପୃକ୍ତ ବିଭାଗର ଅନୁମତି ଆବଶ୍ୟକ ହୋଇଥାଏ ଯାହା ନିଆଯାଇ ନାହିଁ ବୋଲି ପୂର୍ତ୍ତବିଭାଗ ସ୍ପଷ୍ଟ କରଣ ଦେଇଛି । ଷଚଉଡଙଡଖ ଗ୍ରାମାଞ୍ଚଳରେ ମନଇଚ୍ଛା ରାସ୍ତା କଡ଼େର ଏପରି ଖୁଣ୍ଟ ପକାଇ ଦେବା ଫଳରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ବହୁତ୍ ବାଧାପ୍ରାପ୍ତ ହେଉଛି ବୋଲି ପୂର୍ତ୍ତ ବିଭାଗର ରାସ୍ତା ଏବଂ ଗୃହ ବିଭାଜନ-୨ ତରଫରୁ କୁହାଯାଉଛି । ସେହିପରି ଗ୍ରାମାଞ୍ଚଳରେ ସଡ଼କ ସୁରକ୍ଷା ଓ ଭବିଷ୍ୟତ ରାସ୍ତା ର ଆଧୁନିକରଣ ବିକାଶକୁ ଧ୍ୟାନରେ ରଖି ନିୟମ ମାନି କାମ କରିବା ନିହାତି ଦରକାର ବୋଲି ଅଞ୍ଚଳର ବୁଦ୍ଧିଜୀବି ମତ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ତଦନ୍ତ ସହ ଆବଶ୍ୟକ ଦୃଢ଼ ପଦକ୍ଷେପ ଦାବି କରିଛନ୍ତି ।

## ଫାଇନାନ୍ସ କର୍ମଚାରୀଙ୍କ ଗୁଣ୍ଡାଗିରି, ଫଟାଇଲେ ମୁଣ୍ଡ



କପ୍ତିପଦା, (ମହାଭାରତ) : ଫାଇନାନ୍ସ କର୍ମଚାରୀଙ୍କ ଗୁଣ୍ଡାଗିରି। କିସ୍ତି ଟଙ୍କା ମାଗିଲେ, ଟଙ୍କା ବଦଳରେ ରସିଦ ଦେବାକୁ ନାରାଜ ହେଲେ। ଗାଡି ମାଲିକ ରସିଦ ମାଗିବାରୁ ଉତକ୍ଷିପ୍ତ ହୋଇ ବିଅର ବୋତଲ ମାରି ମୁଣ୍ଡ ଫଟାଇଲେ। ଏଭଳି ଘଟଣା ଘଟିଛି ଉଦଳା କଲେଜ ନିକଟରେ। ଖୁଣ୍ଟା ଥାନା ନହରା ଅଞ୍ଚଳର ଯୁବକ ସଂଜିତ ବେହେରା ଏବଂ ତାଙ୍କ ଭାଇ ରଂଜିତ ବେହେରା ଏକ ବାଇକ ନେଇ ଉଦଳା ଆସିଥିଲେ। ତେଲ ଟାଙ୍କି ରୁ ବାହାରି ଉଦଳା ବଜାର ଅଭିମୁଖେ ଆସୁଥିବା ବେଳେ ହାଇସ୍କୁଲ ଛକ ନିକଟରେ ତାଙ୍କୁ ଫାଇନାନ୍ସ କର୍ମଚାରୀ ଅଟକାଇଥିଲେ ଏବଂ ବକେୟା ଥିବା ୭ ଗୋଟି କିସ୍ତି ଦେବାକୁ କହିଥିଲେ। ତୁରନ୍ତ ରଂଜିତ ଟଙ୍କା ଦେଇ ନ ପାରିବାରୁ ଗାଡିଟିକୁ ଫାଇନାନ୍ସ କର୍ମଚାରୀ ମାନେ ଗାଡିଟିକୁ କାର୍ଯ୍ୟାଳୟ ନେଇଯାଇଥିଲେ। ଏବଂ କିଛି ସମୟ ପରେ ଗାଡି ମାଲିକ ସଂଜିତ ଏବଂ ରଂଜିତ ଉଭୟ ଫାଇନାନ୍ସ କର୍ମଚାରୀମାନେ ଉଦଳା କଲେଜ ପଡିଆରେ ଥିବାରୁ ତାଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ ପହଂଚିବା ପରେ ସମସ୍ତ ବକେୟା କିସ୍ତି ଟଙ୍କା ଦେବେ ଏବଂ ପ୍ରତି ବଦଳରେ ରସିଦ ମାଗିଥିଲେ। ହେଲେ ରସିଦ ଦେବାକୁ ଫାଇନାନ୍ସ କର୍ମଚାରୀ ଅରାଜି ହେବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଯେଉଁଥିରେ ଫାଇନାନ୍ସ ର ୬ ରୁ ୮ ଜଣ ଯୁବକ ମିଳିତ ଭାବେ ରଂଜିତଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିବା ସହିତ ବିଅର ବୋତଲରେ ମାରି ତାଙ୍କ ମୁଣ୍ଡ ଫଟାଇଥିଲେ। ତା ପରେ ବାଉଁଶ ବତାରେ ନିର୍ଘାତ ମାଡ଼ ମାରିଥିଲେ। ରଂଜିତ ଙ୍କ ଭାଇ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଛି।

## ବିପୁଳ ଗଚ୍ଛିତ ଚୋରା ବାଲି ଓ ଜେସିବି ଜବତ

କପ୍ତିପଦା, (ମହାଭାରତ) : ବେଆଇନ ଭାବେ ଚୋରା ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିଲେ, ଖବର ପାଇ ଘଟଣାସ୍ଥଳରେ ଖଣି ବିଭାଗ, ତହସିଲ ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଟ୍ରାକ୍ଟର ଖସି ଯାଇଥିବା ବେଳେ ଜେସିବି ହୋଇଛି ଜବତ। ଉଦଳା ଥାନା ଗଡା ନଦୀରୁ ବେଆଇନ ବାଲି ଉତ୍ତୋଳନ ଚାଲିଥିବା ବେଳେ ଖଣି ବିଭାଗ ପୋଲିସ ସହିତ



ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ବେଆଇନ ବାଲି ଉତ୍ତୋଳନ କରୁଥିବା ଜେସିବି କୁ ଜବତ କରିବା ସହିତ ଚୋରା ବାଲି ଉତ୍ତୋଳନ କରି ରଖିଥିବା ଗଚ୍ଛିତ ବାଲିକୁ ଜବତ କରିଛି। ଆଶ୍ଚର୍ଯ୍ୟ ର କଥା ଚଢ଼ାଉ ସମୟରେ ଚୋରା ବାଲି ମାଫିଆମାନେ କାଗଜପତ୍ର ଦେବେ ବୋଲି କହି ୫ ଘଣ୍ଟା ବିତାଇ ଦେଇଥିଲେ ଆଉ ମାଫିଆଙ୍କ କଥାକୁ ଭରସା କରି କାଗଜପତ୍ର ଅପେକ୍ଷାରେ ସେଠାରେ ପ୍ରଶାସନ ଜଗି ବସିଥିଲା। ଶେଷରେ ଜେସିବି ଏବଂ ଗଚ୍ଛିତ ବାଲିକୁ ଜବତ କରିଛି ଖଣି ବିଭାଗ, ତହସିଲ ଓ ପୋଲିସ।

## ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ବୋର୍ଡ ପରୀକ୍ଷାରେ ନୀଳକଣ୍ଠନଗର ସରସତୀ ବିଦ୍ୟାମନ୍ଦିରର ୧୦୦% ଫଳାଫଳ

ନୀଳକଣ୍ଠନଗର, (ମହାଭାରତ) : ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ବୋର୍ଡ ପରୀକ୍ଷାରେ ନୀଳକଣ୍ଠନଗର ସରସତୀ ବିଦ୍ୟାମନ୍ଦିରର ୧୦୦% ଫଳାଫଳ ସହ ୯୦ % ଉର୍ଦ୍ଧ୍ୱ ବିଜ୍ଞାନରେ ୨୦୪ ଓ ବାଣିଜ୍ୟରେ ୪୧ ଚଳିତବର୍ଷ ସିଏଚଏସଇ ବୋର୍ଡ ଦ୍ୱାରା ପ୍ରକାଶିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳାଫଳରେ ନୀଳକଣ୍ଠନଗର ସରସତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରରେ ରେକର୍ଡ ସଫଳତା ହାସଲ କରିଛନ୍ତି । ଯୁକ୍ତ୨ ବିଜ୍ଞାନ ବିଭାଗରେ କ୍ରମାଗତ ଭାବେ ୧୮ ବର୍ଷ ଏବଂ ଯୁକ୍ତ୨ ବାଣିଜ୍ୟ ବିଭାଗରେ କ୍ରମାଗତ ଭାବେ ୧୫ ବର୍ଷ ଧରି ୧୦୦% ଫଳାଫଳ ରଖିଥିବ। ଏହି ଉଚ୍ଚ ମଧମିକ ବିଦ୍ୟାଳୟ ଚଳିତ ବର୍ଷ ମଧ ୧୦୦% ଫଳାଫଳ ସହ ଯୁକ୍ତ୨ ବିଜ୍ଞାନ ବିଭାଗରେ ମୋଟ ୫୭୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୦% ରୁ ଉର୍ଦ୍ଧ୍ୱରେ ୨୦୪ ଜଣ, ୬୦%ରୁ ଉର୍ଦ୍ଧ୍ୱରେ ୫୬୪ ଜଣ ଉତ୍ତୀର୍ଣ୍ଣ ହୋଇ



ରାଜ୍ୟରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି । ବିଦ୍ୟାଳୟର ପ୍ରଥମ ୫ ଜଣଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ଶାନ୍ତନୁ କୁମାର ସାହୁ ମୋଟ ୫୯୩ ମାର୍କ(୯୮.୮୩%), ଦ୍ୱିତୀୟ ସ୍ଥାନରେ ଅନିମେଶ ପାତ୍ର ମୋଟ ୫୯୨ ମାର୍କ( ୯୮.୬୭%), ୩ୟ ସ୍ଥାନରେ ଅପର୍ଣ୍ଣା ଆଚାର୍ଯ୍ୟ ମୋଟ ୫୯୧ ମାର୍କ(୯୮.୫୦%), ୪ର୍ଥ ସ୍ଥାନରେ ପି. ସ୍ମୃତିମୟୀ ପାତ୍ର ମୋଟ ୫୯୦ ମାର୍କ(୯୮.୩୩%), ୫ମ ସ୍ଥାନରେ ଚେତନ। କିରଣ ଦାଶ ଓ ଏସ୍. ନିହାର ରଂଜନ ପାତ୍ର ମୋଟ ୫୮୭ମାର୍କ(୯୮.୮୩%), ସେହିପରି ଯୁକ୍ତ ୨ ବାଣିଜ୍ୟ ବିଭାଗର ଦେଇଥିବା ମୋଟ ୧୭୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୦% ରୁ ଉର୍ଦ୍ଧ୍ୱରେ ୪୧ ଜଣ ଏବଂ ୬୦%ରୁ ଉର୍ଦ୍ଧ ୧୫୭ ଜଣ ଉତ୍ତୀର୍ଣ୍ଣ ହୋଇ ରାଜ୍ୟରେ ରେକର୍ଡ ସୃଷ୍ଟି କରିଛନ୍ତି । ପ୍ରଥମ ୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧ମ ସ୍ଥାନରେ କେ. ହଂସିକା ପାତ୍ର ମୋଟ ୫୯୨ (୯୮.୬୭%), ୨ୟ ସ୍ଥାନରେ ଇଶଶ୍ୱିନ କାର୍ତ୍ତିକ ସୁବୁଦ୍ଧି ମୋଟ ୫୯୦ (୯୮.୩୩%), ୩ୟ ସ୍ଥାନରେ ପ୍ରତୀକ୍ଷା ପଟ୍ଟନାୟକ ମୋଟ ୫୮୩ (୯୭.୧୭%), ୪ର୍ଥ ସ୍ଥାନରେ ଶ୍ୱେତା ସ୍ନିଗ୍ଧା ସାହୁ ମୋଟ ୫୮୨ (୯୭%) ଏବଂ ୫ମ ସ୍ଥାନରେ ତ୍ରିସ୍ନାଧ ପ୍ରହରାଜ ମୋଟ ୫୮୧ (୯୬.୮୩%) ମାର୍କ ରଖି ବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ରାଜ୍ୟସ୍ତରୀୟ ସଫଳତାରେ ପରିଚାଳନ। ସମିତିର ସମସ୍ତ ସଦସ୍ୟ ତଥା ଯୁକ୍ତ ୨ ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଯୁକ୍ତ ୩ ଅଧ୍ୟକ୍ଷ ଡଃ. ସୁବ୍ରତ ପାଣିଗ୍ରାହୀ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ଶିଶୁ ବିଦ୍ୟାମନ୍ଦିର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଆଜି ଉପାନ୍ତ ଜିଲ୍ଲା ଗଜପତିର ଦୁର୍ଗମ ଅଞ୍ଚଳ ଡୁମ୍ବାଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଉପସ୍ଥିତ ଜନସାଧାରଣଙ୍କୁ ବିକଳ୍ପ ବିବାଦ ସମାଧାନ ପ୍ରଣାଳୀରେ ମାମଲାର ସମାଧାନ, ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟ ପ୍ରଣାଳୀ, ଡ଼ି.କେ.ବସୁ ବନାମ ପଶ୍ଚିମବଙ୍ଗ ରାଜ୍ୟ ସରକାର ମାମଲାରେ ଆସିଥିବା ବିଭିନ୍ନ ନିର୍ଦ୍ଦେଶାବଳୀ ତଥା ବାଲ୍ୟ ବିବାହକୁ ନେଇ ସଚେତନ କରିବା ସହ ବିଭିନ୍ନ ଆଇନ କାନୁନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସାଇବର କ୍ରାଇମ ତଥା ସରକାରଙ୍କର ବିଭିନ୍ନ ଯୋଜନା ସମ୍ବନ୍ଧରେ ସମସ୍ତଙ୍କୁ ସୂଚନା ଦେଇଥିଲେ।

## ବ୍ଲକସ୍ତରୀୟ ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ




ଲାଞ୍ଜିଗଡ଼,(ମହାଭାରତ) : ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ,ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ ସେଠୀ,ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ ପ୍ରମୁଖ ମଞ୍ଚାସୀନ ଥିଲେ।ଏହି ଅବସରରେ ବ୍ଲକ ସାମାଜିକ ସମୀକ୍ଷକ ବିମଳ ବାଗଙ୍କ ଉପସ୍ଥିତିରେ ଭିଆରପିମାନେ ଆର୍ଥିକ ବର୍ଷ ୨୦୨୫-୨୬ର ୧ଏପ୍ରିଲ ୨୦୨୫ ରୁ ୩୦ ସେପ୍ଟେମ୍ବର ୨୦୨୫ ଏବଂ ସମଗ୍ର ଶିକ୍ଷା ଅଭିଯାନ ୨୦୨୪-୨୫ ଓ ୨୦୨୫-୨୬ ର ସମୀକ୍ଷା କରାଯାଇଥିବା ସମସ୍ତ ତଥ୍ୟ ଗୁଡ଼ିକ ଉପସ୍ଥାପନ କରିଥିବାବେଳେ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତର ସରପଞ୍ଚ,ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ, ଆଇଟିଡିଏ, କେକେଡିଏ, ପ୍ରଦାନ, ସେବଜଗତ ସଂସ୍ଥା ତଥା ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ମାନେ ସେଗୁଡିକ ସହିତ ମେଳ କରିଥିଲେ।

## ସମସ୍ୟା ଘରରେ ଆରଏମସି ଅଫିସ

ସମସ୍ୟା ଘରରେ ଆରଏମସି ଅଫିସ

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଆରଏମସି ଅଫିସ ସମସ୍ୟା ଘେର ରେ ଥିବା ଦେଖିବାକୁ ମିଳିଛି। ଏଠାରେ ଆରଏମସି ସମ୍ପାଦକ ପଦବୀ ଖାଲି ପଡ଼ିଛି। ଏହାର ଦାୟିତ୍ୱ ଅଫିସର ସିନିୟର୍ କିରାଣୀ ମୋନଜ ପାଣିଗ୍ରାହୀ ଦାୟିତ୍ୱ ନେଇଛନ୍ତି। ଏଠାରେ କାର୍ଯ୍ୟ ରତ କର୍ମଚାରୀ ଦୀର୍ଘ ଦିନ ହେଲା ବଦଳି ହୋଇ ନାହାନ୍ତି। ସରକାର ଙ୍କ ନିୟମ କାର୍ଯ୍ୟ କରି ହଉ ନାହିଁ। ତିନି ବର୍ଷ ହେଲେ ବଦଳି ହେବ। କଥା କିନ୍ତୁ ଏଠାରେ ଦୀର୍ଘ ବର୍ଷ ହେଲା ବଦଳି ହଉ ନାହାନ୍ତି। ସ୍ଥାୟୀ ଆରଏମସି ଏସଇସି ନିଯୁକ୍ତି ଦେବା ସହ ଦୀର୍ଘ ଦିନ କାର୍ଯ୍ୟରତ କର୍ମଚାରୀ ଙ୍କ ବଦଳି ହଉ ନାହିଁ। ଲୋକଙ୍କ ସରକାର ରେ ଏପରି ଲୋକେ ଗୁହାରି କରିବେ କାହାକୁ ବୋଲି ପ୍ରଶ୍ନବାଚି ସୃଷ୍ଟି କରିଛି।

## ବେଆଇନ ଭାବରେ ଗଚ୍ଛିତ ଥିବା ମହୁଲ ଗୋଦାମ ଉପରେ ଚଢାଉ, ୨୫୦ କ୍ୱିଣ୍ଟାଲରୁ ଅଧିକ ମହୁଲ ଜବତ



କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବଜାର ଅଞ୍ଚଳରେ ଆଜି ସକାଳୁ ଏକ ବଡ଼ ଅବକାରୀ ଚଢାଉ ଘଟଣା ସାମ୍ନାକୁ ଆସିଛି। ଠାକୁରମୁଣ୍ଡା ବଜାରରେ ସର୍ବେଶ୍ୱର ଜେନାଙ୍କ ନାମରେ ଚାଲୁଥିବା ଏକ ବେଆଇନ ମହୁଲ ଗୋଦାମ ଉପରେ ରାଜ୍ୟ ସ୍ୱତନ୍ତ୍ର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିବା ବେଳେ ୨୫୦ କ୍ୱିଣ୍ଟାଲରୁ ଅଧିକ ମହୁଲ ଫୁଲ ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଗୋପନ ଖବର ଆଧାରରେ ରାଜ୍ୟ ସ୍ୱତନ୍ତ୍ର ଅବକାରୀ ବିଭାଗର ଏକ ବିଶେଷ ଟିମ୍ ଆଜି ପ୍ରଭାତରୁ ଠାକୁରମୁଣ୍ଡା ବଜାର ଅଞ୍ଚଳରେ ଚଢାଉ ଆରମ୍ଭ କରିଥିଲେ। ଚଢାଉ ସମୟରେ ଗୋଦାମ ମାଲିକଙ୍କୁ ସଞ୍ଚିତ ମହୁଲ ଫୁଲ ସମ୍ବନ୍ଧୀୟ ବୈଧ ନଥିପତ୍ର ଦେଖାଇବାକୁ କୁହାଯାଇଥିଲା। କିନ୍ତୁ ସେ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିବା ସହିତ ଚଢାଉରେ ଅଧିକାରୀମାନଙ୍କୁ ସହଯୋଗ ନକରିଥିବା ଅଭିଯୋଗ ହୋଇଛି। ଏହାପରେ ବିଭାଗୀୟ ଅଧିକାରୀମାନେ ଘର ଭିତରେ ଥିବା ଗୋଦାମକୁ ଖୋଲି ତଦନ୍ତ କରିଥିଲେ। ସେଠାରେ ବିପୁଳ ପରିମାଣରେ ମହୁଲ ଫୁଲ ଗଚ୍ଛିତ ରହିଥିବା ଦେଖି ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୨୫୯ କ୍ୱିଣ୍ଟାଲରୁ ଅଧିକ ମହୁଲ ଫୁଲ ସେଠାରୁ ଜବତ କରାଯାଇଛି। ଖବର ଲେଖାଯାଉଥିବା ସମୟ ପର୍ଯ୍ୟନ୍ତ ଚଢାଉ ଓ ଜବତ ପ୍ରକ୍ରିୟା ଜାରି ରହିଥିଲା। ଏହି ଚଢାଉରେ ରାଜ୍ୟ ସ୍ୱତନ୍ତ୍ର ଅବକାରୀ ଦଳର ଉପ-ଅଧୀକ୍ଷକ ରସନ ଇଶୁ ହାଁସଦାଙ୍କ ନେତୃତ୍ୱରେ ହିରାଜକ ପତି, ଅମିତ ବିଶ୍ୱାଳ, କଣ୍ଡ ଓରାମ, ଅଜୟ ବେହେରା ସହିତ ଠାକୁରମୁଣ୍ଡା ଅବକାରୀ ବିଭାଗର ଅଧିକାରୀଣୀ ଭାରତୀ ନାଏକ ଏବଂ ଏଏସଆଇ ଲକ୍ଷ୍ମଣ ନାୟକ ପ୍ରମୁଖ ସାମିଲ ଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏତେ ବଡ଼ ପରିମାଣରେ ବେଆଇନ ଭାବେ ମହୁଲ ଫୁଲ ଗଚ୍ଛିତ ରହିଥିବା ସତ୍ତ୍ୱେ ସ୍ଥାନୀୟ ଅବକାରୀ ବିଭାଗ କିପରି ଏହାର ଖବର ପାଇନଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ସାଧାରଣ ଲୋକଙ୍କ ମଧ୍ୟରେ ଏହି ଘଟଣା ଅବକାରୀ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ସନ୍ଦେହ ସୃଷ୍ଟି କରିଛି। ତଦନ୍ତ ଶେଷରେ ଘଟଣାର ସଠିକ ତଥ୍ୟ ଓ ଦାୟୀଙ୍କ ବିରୋଧରେ କଣ ପଦକ୍ଷେପ ନିଆଯିବ, ସେଥିପାଇଁ ସମସ୍ତଙ୍କ ନଜର ରହିଛି।

## ଶିଶୁ ଅନନ୍ତ ମହାବିଦ୍ୟାଳୟର ଯୁକ୍ତ୨ ପରୀକ୍ଷା ଫଳରେ ରେକର୍ଡ

ବାଲିପାଟଣା, (ମହାଭାରତ): ବାଲିପାଟଣା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର +୨ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବାଲିପାଟଣା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶିଶୁ ଅନନ୍ତ ମହାବିଦ୍ୟାଳୟ ପୁଣି ଥରେ ନିଜର ଶ୍ରେଷ୍ଠତା ପ୍ରତିପାଦିତ କରିଛି। ବିଗତ ବର୍ଷଗୁଡ଼ିକ ଭଳି ଚଳିତ ବର୍ଷ ମଧ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଭୂତପୂର୍ବ ସଫଳତା ହାସଲ କରି ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି । ମହାବିଦ୍ୟାଳୟର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପରୀକ୍ଷାର୍ଥୀମାନେ ଚମତ୍କାର ପ୍ରଦର୍ଶନ କରି ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଚଳିତ ବର୍ଷ କଲେଜ ପକ୍ଷରୁ ମୋଟ ୪୮୭ ପରୀକ୍ଷାର୍ଥୀ ଯୁକ୍ତ୨ରେ ପରୀକ୍ଷା ଦେଇଥିବା ବେଳେ ୪୨୧ ଜଣ କୃତକାର୍ଯ୍ୟ ହୋଇଛନ୍ତି , ପାସ୍ ହାର ୮୬.୪୫ ରହିଛି । ବିଜ୍ଞାନ ବିଭାଗରେ ସୁନୀଲ ସାହୁ ୫୩୬ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲକ୍ଷ୍ମୀପ୍ରିୟା ପ୍ରଧାନ(୫୩୧) ରଖି ଦ୍ୱିତୀୟ, ସ୍ୱସ୍ତିକ ପ୍ରିୟଦର୍ଶନ ବେହେରା(୫୨୧) ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବାଣିଜ୍ୟରେ ରଶ୍ମିତା ନନ୍ଦି ୫୩୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶୁଭମ୍ ପ୍ରଧାନ(୫୦୪) ଦ୍ୱିତୀୟ ,ସ୍ୱୟଂଶ୍ରୀ ଶୁଭସନ୍ଧ୍ୟା(୪୯୨) ତୃତୀୟ ସ୍ଥାନ ଅଧିକାର କରିଛନ୍ତି । କଳାରେ କୀର୍ତ୍ତିମୟୀ ବେହେରା ୫୨୪ ରଖି ପ୍ରଥମ ସ୍ଥାନ ଅଧିକ କରିଥିବା ବେଳେ ସାଗରିକା ବେହେରା (୫୧୮) ଦ୍ୱିତୀୟ, ସୁହାଶିନୀ ପରିଡ଼ା(୫୧୬) ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଲେଜର ଏହି ସଫଳତା ସ୍ଥାନୀୟ ଅଞ୍ଚଳରେ ଏକ ଉତ୍ସାହର ପରିବେଶ ସୃଷ୍ଟି କରିଛି।

## ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ସମିତିର ପ୍ରଥମ ସାଧାରଣ ବୈଠକ

ନବରଙ୍ଗପୁର, (ମହାଭାରତ) : ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧକ୍ଷତାରେ ଭାରତ ସମ୍ବିଧାନ ଦ୍ୱାରା ପ୍ରଣୀତ ଧାରା ୨୭୫(୧) ଅନୁଯାୟୀ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ସମିତି ର ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ମାନ୍ୟବର ବିଧାୟକ ଡ଼ାବୁ ଗାଁ ମନୋହର ରନ୍ଧାରୀ, ସାଂସଦ ପ୍ରତିନିଧି ବାଙ୍କ ବିହାରୀ ବିଷୋୟୀ,ନବରଙ୍ଗପୁର ବିଧାୟକ ପ୍ରତିନିଧି ଏ ସୁରେଶ ଶାସ୍ତ୍ରୀ,ଝରିଗାଁ ବିଧାୟକ ପ୍ରତିନିଧି ଗୋବିନ୍ଦ ଜୈନ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଉପସ୍ଥିତ ଥିଲେ ।ପ୍ରକଳ୍ପ ପ୍ରଶାସକ , ସ୍ୱମ୍ଭନିତ ଜନଜାତି ଉନ୍ନୟନ ସଂସ୍ଥା ରାଜୀବ ସାହୁ ସ୍ୱାଗତ ଭାଷଣ ସହ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଚଳିତ ବର୍ଷ



ପାଇଁ ଫଳପ୍ରଦ କାର୍ଯ୍ୟକାରୀ ଯୋଜନା ପ୍ରଦାନ କରିବାକୁ କହିଥିଲେ ।ଜିଲ୍ଲାରେ ଆଦିବାସୀ ଅଧୁଷିତ ଅଞ୍ଚଳରେ ମୁଖ୍ୟତଃ ୪ ଟି ବିଷୟ ଶିକ୍ଷା,ଜୀବିକା,କୃଷି, ଗମନାଗମନର ଉନ୍ନତି ପାଇଁ ବିଭିନ୍ନ ଯୋଜନା ଦ୍ୱାରା ତ୍ୱରିତ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା ହୋଇଥିଲା ।ପଞ୍ଚବାର୍ଷିକ ସମ୍ଭାବ୍ୟ ଯୋଜନା( ୨୦୨୬-୨୭ ରୁ ୨୦୩୧-୩୨) ଏବଂ ଚଳିତ ବାର୍ଷିକ ଯୋଜନା( ୨୦୨୬-୨୭ ) ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ନିଜର ନିଜର କାର୍ଯ୍ୟକାରୀ ଯୋଜନା ଶୀଘ୍ର ପ୍ରଦାନ କରିବାକୁ ଅଧକ୍ଷ କହିଥିଲେ ।ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଆଦିବାସୀ ଅଧୁଷିତ ଅଞ୍ଚଳର ଲୋକଙ୍କ ଜୀବନଧାରଣ ର ଆଖିଦୃଶିଆ ଉନ୍ନତି ପାଇଁ ସଠିକ୍ ଓ ଦୀର୍ଘକାଳୀନ ପ୍ରକଳ୍ପ ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ। ଶିକ୍ଷା ଭିତ୍ତିଭୂମିରେ ହଷ୍ଟେଲ ଗୃହ, ଶ୍ରେଣୀ ଗୃହ ଓ କର୍ମଚାରୀ ବାସଗୃହ, ଜୀବିକା ରେ କୃଷି ପର୍ଯ୍ୟବେସିତ ପ୍ରକ୍ରିୟାକରଣ ୟୁନିଟ୍, କୃଷି ରେ କ୍ଷୁଦ୍ର ଜଳସେଚନ ପାଇଁ ଚେକଡ୍ୟାମ,ରାସ୍ତା ସଂଯୋଗୀକରଣ ରେ କଲ୍‌ଭର୍ଟ ଓ ଗ୍ରାମ୍ୟ ରାସ୍ତା ଉପରେ ଗୁରୁତ୍ୱ ଦିଆଯାଇ ଆଲୋଚନା ହୋଇଥିଲା। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଏଥିପାଇଁ ୧୮ କୋଟି ଟଙ୍କା ର ଅନୁଦାନ ବ୍ୟବସ୍ଥା ରହିଛି ବୋଲି ପି ଏ, ଆଇ ଟି ଡି ଏ କହିଥିଲେ ।ବୈଠକ ରେ ଜିଲ୍ଲାରେ ଗୁଡ଼ ପ୍ରକ୍ରିୟାକରଣ ୟୁନିଟ୍,କ୍ଷୀର ଶୀତଳିକରଣ କେନ୍ଦ୍ର,ପୋଷାକ ତିଆରି ୟୁନିଟ୍ ଏଭଳି ଅନେକ ଜୀବିକା ନିର୍ବାହ ୟୁନିଟ୍ ପାଇଁ ପଦକ୍ଷେପ ନେବାକୁ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା। ଆଲୋଚନା ମଧ୍ୟରେ ମାନ୍ୟବର ବିଧାୟକ ଡାବୁ ଗାଁ ଆବାସିକ ବିଦ୍ୟାଳୟ ରେ ଖାଦ୍ୟର ମାନ ଉନ୍ନତ କରିବା, ଚେକଡ୍ୟାମ ଦ୍ୱାରା ମକାଚାଷ ର ଉନ୍ନତି,ପାନୀୟ ଜଳ ଯୋଗାଣ ରେ ତ୍ୱରିତ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ ।ବୈଠକ ରେ ବିଭାଗୀୟ ଅଧିକାରୀ,ଆଇ ଟି ଡି ଏ ବିଭାଗ ରେ କର୍ମଚାରୀ ଉପସ୍ଥିତ ଥିଲେ।


# ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା




## ପରିଚୟ ହରାଇଲାଣି ଭଟିମୁଣ୍ଡାର କଂସା, ପିତ୍ତଳ ଶିଳ୍ପ

### ଦିନେ ଥିଲେ ୫ ହଜାର କାରିଗର, ଏବେ ୧୦୦ରେ ସୀମିତ

କଟକ: ପରିଚୟ ହରାଇବାକୁ ବସିଲାଣି ଟାଙ୍ଗୀ ବ୍ଲକ୍ ଭଟିମୁଣ୍ଡାର ପ୍ରସିଦ୍ଧ କଂସା, ପିତ୍ତଳ ହସ୍ତଶିଳ୍ପ। ସରକାରୀ ପ୍ରୋତ୍ସାହନର ଅଭାବ ସହିତ ଏହି ହସ୍ତଶିଳ୍ପ ପ୍ରତି ଆନ୍ତରିକତାର ଅଭାବ ସ୍ପଷ୍ଟ ଦେଖାଯାଉଛି। ଯେଉଁଥିପାଇଁ ଏକଦା ଏଠାରେ ୫ ହଜାର ଲୋକ ହସ୍ତଶିଳ୍ପରେ ନିୟୋଜିତ ଥିବାବେଳେ ଏବେ ଏହି ସଂଖ୍ୟା ପାଖାପାଖି ୧୦୦କୁ ଖସିଆସିଛି। କେବଳ ସେତିକି ନୁହେଁ, ବଜାରରେ ଫାଇବର୍, ଷ୍ଟିଲ୍, ଆଲୁମିନିୟମ୍, କାଚ ସାମଗ୍ରୀଗୁଡ଼ିକ ଖୁବ୍ କମ୍ ଦରରେ ମିଳିଯାଉଥିବାରୁ କଂସା, ପିତ୍ତଳରେ



ତିଆରି ବାସନକୁସନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳିଛି। ତିନୋଟି ରାଜସ୍ୱ ଗ୍ରାମ ଗାଁରବା, ସାରଙ୍ଗା, ଭଟିମୁଣ୍ଡାକୁ ନେଇ ଭଟିମୁଣ୍ଡା ପଞ୍ଚାୟତ ଗଠନ ହୋଇଥିଲା। ଏଠାକାର ୭ ହଜାର ଲୋକଙ୍କ ଭିତରୁ ପାଖାପାଖି ୮୦ ପ୍ରତିଶତ କଂସାରୀ। ସେମାନେ ହାତରେ କଂସାର ବିଭିନ୍ନ ବାସନକୁସନ ଗରା, ହଣ୍ଡା, ତସଲା, ଡାଳ, ଥାଳି ଇତ୍ୟାଦି ତିଆରି କରି ବଜାରରେ ବିକ୍ରି କରିଥାନ୍ତି। ଭଟିମୁଣ୍ଡାର କଂସାରୀମାନଙ୍କୁ ପୁରୀ ଶ୍ରୀମନ୍ଦିର ପକ୍ଷରୁ ମହାପ୍ରଭୁଙ୍କ ଘଣ୍ଟ ସେବା ପାଇଁ ସ୍ୱତନ୍ତ୍ର ଭାବେ ନିୟୋଜନ କରାଯାଇଥାଏ। ପୁରୀ ସ୍ୱବଲିପିରେ ମଧ୍ୟ ଏହା ଉଲ୍ଲେଖ ରହିଛି। ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଘଣ୍ଟସେବାରେ ଏମାନେ ନିୟୋଜିତ ହୋଇଥାନ୍ତି। ଏସବୁ ସତ୍ତ୍ୱେ ଏହି କଂସାରୀମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି।କଂସା ଓ ପିତ୍ତଳ ସାମଗ୍ରୀ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ପ୍ରାୟତଃ କୋଲକାତା କିମ୍ବା କଟକରୁ ମିଳିଥାଏ। କିନ୍ତୁ କଞ୍ଚାମାଲ ଅଣାଯିବା ସମୟରେ ସେମାନଙ୍କୁ ବହୁ ଜୁଲୁମ ସହିବାକୁ ପଡୁଥିବା ଅଭିଯୋଗ ହୋଇଛି।ସେହିପରି କାଠ ଚୁଲିରେ କଞ୍ଚାମାଲ୍ ତରଳାଯାଇ ମିଶ୍ରଣ କରାଯିବା ଓ ପରେ ହାତରେ ବାଡ଼େଇ ବାଡ଼େଇ ବାସନକୁସନର ଆକୃତି ଦିଆଯାଉଥିବାରୁ ସେହି ସାମଗ୍ରୀର ମୂଲ୍ୟ ବହୁତ ଅଧିକ ହୋଇଥାଏ। କଂସା କିଲୋଗ୍ରାମ୍ ପିଛା ପାଖାପାଖି ୨୮୦୦ ଟଙ୍କା ଥିବା ବେଳେ ପିତ୍ତଳ ପାଖାପାଖି ୧୫୦୦ ଟଙ୍କା। ହେଲେ ଏହା ତୁଳନାରେ ଷ୍ଟିଲ, ଫାଇବର୍ ବାସନର ଦାମ୍ ଢେର କମ୍। ଏଣୁ ଲୋକମାନେ ଏହାକୁ କିଣିବାକୁ ଆଗ୍ରହ ଦେଖାଉ ନାହାନ୍ତି।

## ଅଭିନବ ଉପାୟରେ ଯୁବକଙ୍କୁ ଠକେଇ ଉଦ୍ୟମ

କପ୍ତିପଦା -(ମହାଭାରତ ):କପ୍ତିପଦା - ପ୍ରଥମେ ଯୁବକଙ୍କୁ କଲ୍ ଓ ପରେ ୟୁପିଆଇ ସ୍କାନର ପଠାଇ ଟଙ୍କା ମାଗିବାର ଅଭିନବ ଉଦ୍ୟମ ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳର ସତ୍ୟବାନ ନାୟକଙ୍କ ପାଖକୁ ଗତକାଲି ଏକ ଅଜଣା କଲ୍ ଆସିଥିଲା। ଯାହାକି ଉଦଳା ଥାନା ଅଧିକାରୀଙ୍କ ପରିଚୟ ଦେଇ ଜଣେ କନେଷ୍ଟବଲ୍ ଙ୍କ ଦୁର୍ଘଟଣା ହୋଇଛି ଓ ପାଞ୍ଚ ହଜାର ଟଙ୍କା ସ୍କାନରରେ ପଠାଇବା ପାଇଁ କହିଥିଲେ। ତେବେ ଯୁବକ ଜଣଙ୍କ ଅଜଣା ଫୋନ କଲ୍ କୁ ସନ୍ଦେହ କରିବାରୁ ସେ ଏ ନେଇ ଉଦଳା ଥାନା ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନା ଅଧିକାରୀ ଯୁବକଙ୍କ ପାଖକୁ ଆସିଥିବା ଅଜଣା ନମ୍ବରକୁ ତଦନ୍ତ କରୁଛନ୍ତି।

## ବିଭିନ୍ନ ସମସ୍ୟାକୁ ନେଇ ଜେଏମ୍ଏମ୍ ର ଦାବିପତ୍ର



କପ୍ତିପଦା -(ମହାଭାରତ ): କପ୍ତିପଦା - ଉଦଳା ବ୍ଲକ ର ବିଭିନ୍ନ ସମସ୍ୟାକୁ ନେଇ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ଦାବିପତ୍ର। ବିଶେଷ କରି ଉଦଳା ବ୍ଲକରେ ଭତ୍ତା, ଗ୍ରାମାଞ୍ଚଳରେ ବିଶୁଦ୍ଧ ପିଇବା ପାଣି, ଆବାସ ଯୋଜନାର ସହାୟତା ରାଶି ବୃଦ୍ଧି, ସାଧାରଣ ଲୋକଙ୍କ ପାଇଁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ବିଲ୍ ଛାଡ, ଭିମତାଳି ପଞ୍ଚାୟତର ଅଠଣଗାଁ ଛକ ଠାରୁ ବିଶୋଳ ପଞ୍ଚାୟତର ବେଲଡିହା ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପ୍ରମୁଖ ଦାବିକୁ ନେଇ ବିଡିଓଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନର ଚେତାବନୀ ଦେଇଛି ଜେଏମ୍ଏମ୍। ଜେଏମ୍ଏମ୍ ର ଜିଲ୍ଲା ଉପ ସଭାପତି ରାଜା ହେମ୍ବ୍ରମ, ଶିରୀଶ ଟୁଡୁ, ସିଙ୍ଗରାୟ ଟୁଡୁ, ରାମଚନ୍ଦ୍ର ସିଂ, ଯୋଗେନ୍ଦ୍ର କର, ନାରାୟଣ ବାସ୍କେ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ସମସ୍ୟା ଘରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଅଟେ ।ଏଠାରେ ଜିଲ୍ଲାରେ ବିକାଶ ସକାଶେ ସରକାର ପାଣି ଭଳି ଅର୍ଥ ଖର୍ଚ୍ଚ ହଉଛି। କିନ୍ତୁ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବିପ ଜସ୍ତ ହୋଇ ପଡିଛି। ମୁଖ କାରଣ ଡାକ୍ତର ଅଭାବ ଯାହା ଦ୍ୱାରା ଜିଲ୍ଲା ବାସୀ ସ୍ୱାସ୍ଥ୍ୟ ସେବା ର ସମ୍ମୁଖୀନ ହେଉଛନ୍ତି। ନୂତନ ସରକାର ଆସିବ ପରେ ସୁଧୁରିବ ବୋଲି ସରକାରକୁ ପରିବର୍ତନ କରିଲେ କିନ୍ତୁ କିଛି ପରିବର୍ତ୍ତନ ନାହିଁ ରୋଗୀ ଅସୁବିଧା ସମ୍ମୁଖୀନ ହଉଛନ୍ତି। ଏଠାରେ ସ୍ଥାୟୀ ମୁଖ୍ୟ ଚିକିତ୍ସା ଅଧିକାରୀ ନାହାନ୍ତିୟ ଏଠାରେ ଥିବା ଡ଼ାକ୍ତର ଦୀର୍ଘ ଦିନ ବଦଳି ନାହିଁ , ଓ ଘୋର ଇ କ୍ଲିନ୍ କ କରି ରୋଗୀ ଦେଖିବାରେ ବେସ୍ତ୍। ଜିଲ୍ଲାକୁ ନୂତନ ଡାକ୍ତର ସହ ଦୀର୍ଘ ଦିନ ଥିବା ଡ଼ାକ୍ତର ବଦଳି ହେବା ଆବଶ୍ୟକ ତା ରହିଛି। ସ୍ଥାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସଧିକାରୀ ନିଯୁକ୍ତି ଦେଲେ ସ୍ୱାସ୍ଥ୍ୟ ସେବୟ ର ଉନ୍ନତି ଆସିବ ଲୋକଙ୍କ ସରକାର ରେ ଏପରି ହୁଏ ତେବେ ଲୋକେ ଗୁହାରି କରିବେ କାହାକୁ ବୋଲି ସାଧାରଣ ରେ ପ୍ରଶ୍ନ ୟଚି ସୃଷ୍ଟି କରିଛି।

## ଗାରାବନ୍ଧ ପ୍ରାଥମିକ ଚିତ୍ସାଳୟ ଅଚାନକ ଗ୍ରସ୍ତ କଲେ ବିଧାୟକ




ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଗାରବନ୍ଧ ପ୍ରାଥମିକ ଚିକିତ୍ସାଳୟ କୁ ଅଚାନକ ବିଧାୟକ ରୁପେସ ପାଣିଗ୍ରାହି ଗ୍ରସ୍ତ କଲେ , ଚଳିତ ସପ୍ତାହରେ ଜଣେ ରୋଗୀ ଆସି ଫେରିବା ଓ ଚିକିତ୍ସାଳୟ ଚାବି ପଡ଼ିବା ଘଟଣା ଜାଣିବା ପରେ ଆଜି ବିଧାୟକ ଅଚାନକ ଆସି ପହଞ୍ଚିଥିଲେ, ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ କି ଏହି ଚିକିତ୍ସାଳୟ ଠିକ୍ ସମୟ ରେ ଖୋଲା ଯାଉନାହିଁ, ଏହି ଅ□ଳ ବାସି ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି, ତେଣୁ ସ୍ଥାନୀୟ ଲୋକେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଟି ୨୪ ଘଣ୍ଟା ଖୋଲିବା ପାଇଁ ଦାବି ରଖିଛନ୍ତି, ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଡିଲେ ବିଭାଗୀୟ ଅଧିକାରୀ ଓ ବିଭିଗୀୟ ମନ୍ତ୍ରୀ ଙ୍କୁ ଅବଗତ କରାଇ ୨୪ ଘଣ୍ଟିଆ ଖଲିବା ପାଇଁ ଓ ଆବଶ୍ୟକ ଥିବା କର୍ମଚାରୀ ନିଯୁକ୍ତି କରିବା ପାଇଁ ନିବେଦନ କରିବେ ବୋଲି ଜଣାଇଛନ୍ତି ।ଏହି ଗ୍ରସ୍ତ ସମୟରେ ବିଧାୟକ ସମେତ ଗୋଷାଣୀ ବ୍ଲକ ଅଧକ୍ଷ ଏନ୍ ବିରରାଜୁ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ରଇପୁର କ୍ଲଷ୍ଟରର ସାଧନ କେନ୍ଦ୍ର ସଂଯୋଜକଙ୍କ ଧମକ ଟଙ୍କା ଦେଲେ କାମ ହେବ

ବାଲିଚନ୍ଦ୍ରପୁର,(ମହାଭାରତ) ବଡ଼ଚଣା ଶିକ୍ଷାମଣ୍ଡଳ ଅନ୍ତର୍ଗତ ରଇପୁର କ୍ଲଷ୍ଟର ଅଧିନରେ ୪ ଗୋଟି ଉଚ୍ଚ ବିଦ୍ୟାଳୟ, ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪ ଗୋଟି, ପ୍ରଥମ ରୁ ପଂଚମ ପର୍ଯ୍ୟନ୍ତ ୬ ଗୋଟି ସମୁଦାୟ ୧୪ଟି ବିଦ୍ୟାଳୟକୁ ନେଇ ଏହି କ୍ଲଷ୍ଟର ଗଠିତ। ଏହି ୧୪ଟି ବିଦ୍ୟାଳୟକୁ ନେଇ ଗଠିତ କ୍ଲଷ୍ଟରର ସାଧନ କେନ୍ଦ୍ର ସଂଯୋଜକ ଭାବେ ହିମାଂଶୁ କୁମାର ଜେନା କାର୍ଯ୍ୟରତ ଅଛନ୍ତି।

## ପଞ୍ଚାୟତରେ କିଡନୀ ରୋଗ ଆତଙ୍କ

### ଗତବର୍ଷ ମରିଥିଲେ ୭ ଜଣ, ବର୍ତ୍ତମାନ ୯୭ ଚିକିତ୍ସାଧୀନ




ଛତ୍ରପୁର: ଗଞ୍ଜାମଜିଲ୍ଲା ଛତ୍ରପୁର ବ୍ଲକ୍ର କାଳିପଲ୍ଲୀ ପଞ୍ଚାୟତରେ ଗତ ୧୫ ବର୍ଷ ଭିତରେ କିଡ୍ନିଜନିତ ରୋଗ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପଞ୍ଚାୟତ ନିକଟରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆର୍ଇଏଲ୍) କମ୍ପାନିର ମୋନାଜାଇଟ୍ ପ୍ଲାଣ୍ଟ ଯୋଗୁଁ ପାଣି ଦୂଷିତ ହେଉଥିବାରୁ ଏହାକୁ ପିଇ ଲୋକେ କିଡନୀ ରୋଗରେ ପଡୁଥିବା ଅଭିଯୋଗ ହେଉଥିଲେ ବି ଏଯାବ୍ ସ୍ୱାସ୍ଥ୍ୟ ବିଭାଗ ନିରବ ରହିଛି ।ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ପୂର୍ବତନ ସରପଞ୍ଚ ପଦ୍ମଚରଣ ସାହୁଙ୍କ ଭାଇ ବସନ୍ତ କୁମାର ସାହୁଙ୍କ ସମେତ ୭ ଜଣ ପ୍ରାଣ ହରାଇଥିଲେୟ ବର୍ତ୍ତମାନ କାଳିପଲ୍ଲୀ, ବଡ଼ପୁଟି, ହରିପୁର ଓ ବନ୍ଦରଗାଁ ଅଞ୍ଚଳରୁ ମୋଟ ୯୭ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଆସୁଛନ୍ତି। ତେବେ ବିଗତ କିଛିବର୍ଷ ମଧ୍ୟରେ କିଡ୍ନି ରୋଗ ପଞ୍ଚାୟତର ୪୦ ଜଣଙ୍କ ଜୀବନ ନେଇଥିବା ବେସରକାରୀ ତଥ୍ୟ କହୁଛି। ଗୋଟିଏ ପଞ୍ଚାୟତରୁ ଏତେସଂଖ୍ୟକ ଲୋକ କିଡ୍ନି ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଆଇଆର୍ଇଏଲ୍ କର୍ତ୍ତୃପକ୍ଷ ଖାମଖିଆଲ ନୀତି ଆପଣାଉଥିବା ଗ୍ରାମବାସୀ କହିଛନ୍ତି। କାଳିପଲ୍ଲୀ, ବାସନାପୁଟି, ଉପୁଲାପୁଟି, ହରିପୁର, ବନ୍ଦର, ରେକତୁର, ବଡ଼ପୁଟି, ଭାଗିନେପଟ, ଲକ୍ଷ୍ମୀପୁର, ଏସ୍.ପାଇକପଡ଼ା, ଇ.ପାଇକପଡ଼ା ଓ ପଲିପଦର ଏଭଳି ୧୨ଟି ଗାଁକୁ ନେଇ କାଳିପଲ୍ଲୀ ପଞ୍ଚାୟତ ଗଠିତ। ଏହି ସମସ୍ତ ଗ୍ରାମରେ ବର୍ତ୍ତମାନ କିଡ୍ନି ରୋଗୀ ଥିବା ବେଳେ କାଳିପଲ୍ଲୀ ଓ ବଡ଼ପୁଟିରେ ଏହି ସଂଖ୍ୟା ଅଧିକ। ବାରମ୍ବାର ଅଭିଯୋଗ ପରେ ରୋଗର କାରଣ ଖୋଜିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗ୍ରାମକୁ ଆସୁଛି ।ସ୍ୱାସ୍ଥ୍ୟ ପରୀକ୍ଷା କରି ପାଣି ନମୁନା ମଧ୍ୟ ସଂଗ୍ରହ କରୁଛି। କିନ୍ତୁ କେଉଁ କାରଣରୁ ଏହି ରୋଗ ବ୍ୟାପୁଛି ତାହାର ମୂଳ କାରଣ ଖୋଜି ପାଇପାରୁନି ।ଅନ୍ୟପକ୍ଷରେ ଆଇଆର୍ଇଏଲ୍ ପକ୍ଷରୁ ପ୍ରତି ଗ୍ରାମର ଜଣେ ଜଣେ ଲୋକଙ୍କ ୨୦ ପ୍ରକାର ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କମ୍ପାନି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରି ମାସରେ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଇଆର୍ଇଏଲ୍ ପକ୍ଷରୁ ସ୍କ୍ରିନିଂ ପାଇଁ ଯୋଜନା ଆରମ୍ଭ ହୋଇଥିଲା। ହେଲେ ମାତ୍ର ଗୋଟିଏ ଦିନ ସ୍କ୍ରିନିଂ ହୋଇଥିବା ବେଳେ ହଠାତ ବନ୍ଦ କରି ଦିଆଯାଇଥିଲା। କିଡ୍ନି ରୋଗ ବ୍ୟାପୁଥିବାରୁ ଲୋକେ ରହିବାକୁ ବି ସୁରକ୍ଷିତ ମଣୁନାହାନ୍ତି। ଆଇଆର୍ଇଏଲ୍ କର୍ତ୍ତୃପକ୍ଷ ସ୍କ୍ରିନିଂ ନାଁରେ ଭୁଆଁ ବୁଲାଉଥିବା ଲୋକେ କହିଛନ୍ତି। କମ୍ପାନି କର୍ତ୍ତୃପକ୍ଷଙ୍କ ଚାପରେ ସ୍ୱାସ୍ଥ୍ୟ ବିଭାଗ ସଠିକ୍ ରିପୋର୍ଟ ପଦାକୁ ଆଣୁନି ବୋଲି ମଧ୍ୟ ଅଭିଯୋଗ ହୋଇଛି ।ଅନ୍ୟପକ୍ଷରେ ଏହି ପଞ୍ଚାୟତ ସ୍ୱାସ୍ଥ୍ୟସେବା ସମେତ ଅନ୍ୟ ମୌଳିକ ସୁବିଧାରୁ ବି ବଞ୍ଚିତ ହୋଇ ରହିଛ। ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନଥିବାରୁ ସାମାନ୍ୟ ରୋଗର ଚିକିତ୍ସା ପାଇଁ ବ୍ରହ୍ମପୁର ଓ ଛତ୍ରପୁର ଆସୁଛନ୍ତି। ଜମି ନେଇ ଶିଳ୍ପପତିମାନେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଉ ନଥିବା ଅଭିଯୋଗ ହେଉଛି। ପଞ୍ଚାୟତର ୬୦ରୁ ୭୦ ବର୍ଷ ବୟସ ମଧ୍ୟରେ ଥିବା ୨୦୦ ହିତାଧିକାରୀ ଭତ୍ତା ପାଇପାରୁ ନାହାନ୍ତିୟ ରାସନକାର୍ଡ଼ରୁ ବି ଶତାଧିକ ହିତାଧିକାରୀ ବଞ୍ଚିତ ହୋଇ ରହିଛନ୍ତି। ପଞ୍ଚାୟତର ବିକାଶ ପାଇଁ ଅନୁଦାନ ବି ଆସୁନି।

## ଆସୁଛି ସୁନାମି , ମକଡ୍ରିଲ ମାଧ୍ୟମ ରେ ସଚେତନତା ଅନୁଷ୍ଠିତ

ଅସ୍ତରଙ୍ଗ( ମହାଭାରତ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ତିନି ଗୋଟି ସ୍ଥାନରେ ଆଜି ସୁନାମୀ ମକଡ୍ରିଲ ପୁରୀ ଜିଲ୍ଲା ପ୍ରଶାସନ, ଅସ୍ତରଙ୍ଗ ପଞ୍ଚାୟତ ସମିତି ତରଫରୁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କତୃପକ୍ଷ ଙ୍କ ସହଯୋଗ ରେ ଅନୁଷ୍ଠିତ ହୋଇଯାଇଛି, ଅସ୍ତରଙ୍ଗ ବ୍ଲକ କେଉଟଜଙ୍ଗା ବର୍ତ୍ତମାନ ଭାରତ ସରକାର ଙ୍କ ସୁନାମୀ ଅଁଞ୍ଚଳ ମାନ୍ୟତା ପାଇବା ପରେ ଅସ୍ତରଙ୍ଗ ବଙ୍ଗୋପସାଗର ଉପକୂଳ ରେ ଅନ୍ୟ ସୁନାମୀ ପ୍ରବଣ ଅଞ୍ଚଳ କୁ ସଚେତନତା କରିବା ପାଇଁ ସରକାର ଙ୍କ ପଦକ୍ଷେପ, ଅସ୍ତରଙ୍ଗ ବ୍ଲକ ନଟରା, ବେଳଙ୍ଗ, ବଡ଼ସିରେଇ ଏହି ତିନି ଗୋଟି ଅଞ୍ଚଳ ସମ୍ପୂର୍ଣ୍ଣ ସମୁଦ୍ର ବଙ୍ଗୋପସାଗର ନିକଟରେ ଥିବାରୁ ଏଠି ସଦାସର୍ବଦା ବାତ୍ୟା, ମହାବାତ୍ୟା, ପ୍ରାକୃତିକ ଦୁର୍ବିପାକ ସହ ସୁନାମୀ ର ଭୟ ରହିଛି, ହଟାତ ବଙ୍ଗୋପସାଗର ରେ ଭୂମିକମ୍ପ ଆସିଲେ ସମୁଦ୍ର ଜୁଆର ଏହି ଉପକୂଳ ଅଞ୍ଚଳ କୁ ଗ୍ରାସ କରିଦେବ ଯାହାକୁ ବୈଜ୍ଞାନିକ ଙ୍କ ଭାଷା ରେ କୁହାଯାଇଛି ସୁନାମୀ, ଏହି ସୁନାମୀ କେତେବେଳେ କେଉଁ ମୁହୂର୍ତ୍ତ ରେ ଆସେ ତାହାକୁ ଆକଳନ କରିବା ଅସମ୍ଭବ ସେଥିପାଇଁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କତୃପକ୍ଷ ଙ୍କ ତରଫରୁ ପ୍ରତ୍ୟକବର୍ଷ ଅସ୍ତରଙ୍ଗ ଅଞ୍ଚଳ ରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ, ସୁନାମୀ ଆସିବା ପୂର୍ବରୁ ସାଇରନ ବାଜିବ ସାଇରନ ବାଜିଲେ ଗ୍ରାମବାସୀ ମାନେ ନିଜ ନିଜ ର ଆସବାବପତ୍ର, ପଶୁଜନ୍ତୁ ଙ୍କ ସମେତ ସମସ୍ତେ ଦୌଡ଼ିବେ ଆଉ ସେହି ଅଞ୍ଚଳ ରୁ ତିନି କିଲୋମିଟର ପର୍ଯ୍ୟନ୍ତ ସେମାନଙ୍କୁ ଏହି ପରିସ୍ଥିତି ରେ ଦୌଡ଼ି ଯିବାକୁ ହେବ, ତିନି କିଲୋମିଟର ରେ ଯେଉଁ ଉଚ୍ଚ କୋଠା, ବିଦ୍ୟାଳୟ ରହିଛି ସେଠି ତାଙ୍କୁ ଆଶ୍ରୟ ନେବାକୁ ପଡିବ, ଏହି ଦୁର୍ବିପାକ ସମୟ ରେ ଅଗ୍ନିର୍ନିବାପକ ବାହିନୀ ଙ୍କର ଗୋଟେ ସ୍ୱତନ୍ତ୍ର ଭୂମିକା ରହିଛି, ସେମାନେ ଆଲର୍ଟ ହେଲେ ସାଧାରଣ ଲୋକ ଙ୍କୁ ସୁରକ୍ଷିତ ଭାବେ ସୁରକ୍ଷିତ ସ୍ଥାନରେ ପହଞ୍ଚେଇବା କୁ ସାହାଯ୍ୟ କରିବେ, ଯେଉଁ ରୋଗୀ ବାର୍ଦ୍ଧକ୍ୟ ଅବସ୍ଥା ବା ଚାଲିବାକୁ ସମ୍ପୂର୍ଣ୍ଣ ଅକ୍ଷମ ଅଛନ୍ତି ସେମାନଙ୍କୁ ଉଦ୍ଧାର କରିବା, ଗଛ ଭାଙ୍ଗିଥିଲେ ଗଛ ତୁରନ୍ତ କାଟି ଯାତାୟାତ କୁ ସଫଳ କରିବା, ତା ସହ ସିଡ଼ି ଦ୍ୱାରା କିପରି ଲୋକ ମାନଙ୍କୁ ଉଦ୍ଧାର କରି ଉଚ୍ଚ ସ୍ଥାନକୁ ନେବା ସମସ୍ତ କାର୍ଯ୍ୟ ଏହି ମାନେ ପରିଚାଳନା କରିବେ, ଏହି କାର୍ଯ୍ୟକ୍ରମ ର ଡେମୋ ଚିତ୍ର ଏହି ଅଞ୍ଚଳ ରେ ଅଭିନୟ ମାଧ୍ୟମ ରେ କାର୍ଯ୍ୟକ୍ଷମ କରାଇବା ସହ ଆଜି ଏହି ତିନି ଗୋଟି ସ୍ଥାନର ନିର୍ଦ୍ଧାରିତ ସୁରକ୍ଷିତ ସ୍ଥାନରେ ଆୟୋଜିତ କରେଇ ଲୋକ ମାନଙ୍କୁ ସୁରକ୍ଷା ଉପରେ ସଚେତନତା କରାଯାଇଛି,।

## ସଡ଼କ, ସ୍ୱାସ୍ଥ୍ୟ, ପାନୀୟ ଜଳରୁ ବଞ୍ଚିତ ତଲାରିମାହା ପଞ୍ଚାୟତ



ଘୁ.ଉଦୟଗିର: :କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ତଲାରିମାହା ପଞ୍ଚାୟତର ଅନେକ ଗ୍ରାମକୁ ପକ୍କାସଡ଼କ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତଓ ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଆଜି ଯାଏଁ ଅପହ□ ରହିଛି। ୧୧ ଗୋଟି ୱାର୍ଡ, ୧୪ ଗୋଟି ରାଜସ୍ୱ ଗ୍ରାମ ଓ ୩୪ ଗୋଟି ପଡା ଗ୍ରାମକୁ ନେଇ ତଲାରିମାହା ଗ୍ରାମପଞ୍ଚାୟତ ଗଠିତ। ଏହାର ଜନସଂଖ୍ୟା ୩୫୦୦ରୁ ଊର୍ଦ୍ଧ୍ୱ । ଗଟାମାହା, ଭଞ୍ଜପଦର, ସାକା, ଦଦଡ଼ମାହା, ଡାଡ଼ିସାହି, ପଧାନପଡା, ଡୁଗୁଡ଼ି-କ, ଡୁଗୁଡ଼ି-ଖ, କାସିରିଖୋଲ, ରେଢ଼ାସିଙ୍ଗି, କରିକାଡୁ ଏବଂ ପିତାଦେଇ ଗ୍ରାମକୁ ବସୁଧା ଯୋଜନାରେ ଜଳଯୋଗାଣ ହୋଇପାରିନାହିଁ। ପଞ୍ଚାୟତର ପିତାଦେଇ ଏକ ଦୁର୍ଗମ ଗ୍ରାମ ହୋଇଥିବା ବେଳେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଉକ୍ତ ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନାହିଁ, ବିଦ୍ୟୁତ ସ୍ୱାସ୍ଥ୍ୟ, ଶିକ୍ଷା ସେବା, ମୋବାଇଲ୍ ନେଟୱାର୍କ ଏବଂ ପାନୀୟଜଳ ରୁ ଗ୍ରାମବାସୀ ମାନେ ବଞ୍ଚିତ ଅଛନ୍ତି ।ତଲାରିମାହା ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ତଲାରିମାହା ଠାରେ ଏକ ନୂତନ ସବ୍ ସେଣ୍ଟର୍ ନିର୍ମାଣ କରାଯାଇଛି କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ, ଯାହା ଦ୍ୱାରା ଜନସାଧାରଣ ମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ସାକା, ଦଦଡ଼ିମାହା ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ପଞ୍ଚାୟତର ତଲାରିମାହା, ଗଟାମାହା, ଭଞ୍ଜପଦର, ଡାଡ଼ିସାହି, କରିକାଡୁ, ପିତାଦେଇ ଗ୍ରାମରେ ମୋବାଇଲ ଟାୱାର ନଥିବାରୁ ଗ୍ରାମବାସୀମାନେ ମୋବାଇଲ୍ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି ।ତିନି ମାସ ହେଲା ଟୋପାଏ ପାଣି ପାଇଁ ତହଳବିକଳ ଘୁ ଉଦୟଗିରି ଏନଏସିର ୮ ନମ୍ବର ୱାର୍ଡ ବାସିନ୍ଦା। ଅଞ୍ଚଳବାସୀଙ୍କ ଜମି ଅଛି ହେଲେ ଚାଷ କରିବା ପାଇଁ ଜମିକୁ ଜଳ ନାହିଁ ଏଣୁ ଜମି ପଡିଆ ପଡି ରହୁଛି ।ଚାଷୀ ଚାଷ ପ୍ରତି ମୁହଁ ମୋଡି ଦାଦନ ଖଟିବାକୁ ସୁଦୂର କେରଳ,ବେଙ୍ଗାଲୁର,ସୁରଥ,ଚେନେଇ ଜାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ପଞ୍ଚାୟତର ଡୁଗୁଡ଼ି ଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନାହାନ୍ତି ଯାହା ଦ୍ୱାରା ଛାତ୍ରଛାତ୍ରୀ ମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ତଳ-ବାଲୁମାହା, ସାକା, ଗଟାମାହା, ପଧାନପଡ଼ା ଏବଂ ଡୁଙ୍ଗି ଗ୍ରାମ ବ୍ୟତୀତ ଅନ୍ୟାନ୍ୟ ଗ୍ରାମ ଗୁଡ଼ିକରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲାଗି ନାହିଁ ।ପଞ୍ଚାୟତରର ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ଗଟାମାହା ଗ୍ରାମର ସମାଜସେବୀ ରାଜେଶ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ୧୦୦ ରୁ ଉର୍ଦ୍ଧ୍ୱ ଚିଠି ପତ୍ର ଲେଖି ଅବଗତ କରିବା ପରେ ତଲାରିମାହା ଠାରୁ ରେଢ଼ାସିଙ୍ଗି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇପାରିଛି ଏବଂ ଜବେଡ଼ି, ବାଲୁମାହା, ପଧାନପଡ଼ା ଓ କାସିରିଖୋଲ ଠାରେ ମୋବାଇଲ୍ ଟାୱାର ସ୍ଥାପନ ହୋଇପାରିଛି ।

## ଆଉ ମିଳୁନି ଢ଼ିଙ୍କି କୁଟା ସ୍ୱାଦିଷ୍ଟ ଚାଉଳ

### ଆଗାମୀ ପିଢ଼ି କେବଳ ଦେଖିବେ ଚିତ୍ର

ଘୁ.ଉଦୟଗିରି : ଭାରତ ବର୍ଷରେ ଗୋଟିଏ ଡାକରା ଥିଲା 'କୁଟି ଖାଅ, କାଟି ପିନ୍ଧ'। ଅର୍ଥାତ ଅରଟରେ ସୂତା କାଟି ତାହାକୁ ବସ୍ତ୍ର ତିଆରି କରି ପିନ୍ଧିବା ଓ ଶସ୍ୟକୁ କୁଟି ତହିଁରୁ ପ୍ରସ୍ତୁତ ଖାଦ୍ୟକୁ ଗ୍ରହଣ କରିବା। କହିବାକୁ ଗଲେ ସମ୍ପୂର୍ଣ୍ଣ ଦେଶୀ। ପଦାର୍ଥକୁ ଗୁରୁତ୍ୱର ସହ ବ୍ୟବହାର କରିବା। ଓଡ଼ିଆରେ ଏକ ପ୍ରବାଦ ରହିଛି ଢ଼ିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବୟ କିନ୍ତୁ ସେଇ ଢ଼ିଙ୍କି ଆଜି ଦେଖିବା ସ୍ୱପ୍ନ। କନ୍ଧମାଳ ଜିଲ୍ଲାରେ ଘରେ ଘରେ ସ୍ଥାନୀୟ ଅଧିବାସୀମାନେ ଢ଼ିଙ୍କିରେ ଧାନ କୁଟି ଚାଉଳ ପ୍ରସ୍ତୁତ କରୁଥିଲେ। ଢ଼ିଙ୍କି କୁଟା ସ୍ୱାଦିଷ୍ଟ ଏବଂ ପୃଷ୍ଟିକର ଚାଉଳ ଘରେ ଘରେ ବ୍ୟବହାର ହେଉଥିଲାୟସ୍ଥାନୀ। ଅଞ୍ଚଳରେ କୁଟା ଚାଉଳ ନାମରେ



ବେଶ ପରିଚିତ ଏହି ଚାଉଳର ଚାହିଦା ବେଶ ରହିଥିଲା। ହେଲେ ଏବେ ଆଉ ତାହା ଦେଖିବାକୁ ମିଳୁନି। କୁଟା ଚାଉଳ ପ୍ରସ୍ତୁତ ପାଇଁ ପରିଶ୍ରମ କରୁଥିଲେ ଲୋକ ସୁସ୍ଥ ବି ରହୁଥିଲେ। ବର୍ତ୍ତମାନ ସେ ଯୁଗ ଗଲା କଳ ଯୁଗ ଆସିଲା ତା ସହ କୁଟା ଚାଉଳ ସେଇ ସ୍ୱାଦ ସେଇ ପୃଷ୍ଟିକର ଚାଉଳ ସହ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହେଉ ଥିବା ଖାଦ୍ୟ ଆମ ଚତୁଃପାର୍ଶ୍ୱରୁ ଉଭେଇ ଯାଇଛି। ଆଉ ତହିଁରେ ବ୍ୟବହୃତ ସରଞ୍ଜାମ ସଂଗ୍ରହାଳୟରେ ସ୍ଥାନ ନେଲା କିମ୍ବା ଇତିହାସ ପାଲଟିଗଲା। ଆଉ ଆଗାମୀ ପିଢି ପାଇଁ ଏହା କେବଳ ଗୋଟିଏ କାହାଣୀ ହୋଇ ରହିଯାଇଛି ।ଶସ୍ୟ ଜାତୀୟ ଖାଦ୍ୟକୁ ଖାଦ୍ୟପୋଯୋଗୀ କରିବା ପାଇଁ ଆମ ପୂର୍ବ ପିଢି ଯେଉଁ ଦେଶୀ। ପ୍ରଣାଳୀରେ ପ୍ରସ୍ତୁତ କରିଥିଲା ସେହି ଯନ୍ତ୍ରର ନାମ ହେଲା 'ଢିଙ୍କି'। ଢିଙ୍କି କୁଟା ଚାଉଳ ଯିଏ ଖାଇଛି ସିଏ ଜାଣିଛି ତାର ସ୍ୱାଦ ଓ ମୂଲ୍ୟ। ସେତେବେଳେ ସେହି ଅକାଣ୍ଡିଆ ଚାଉଳ ଶରୀରକୁ ପ୍ରଚୁର ଶକ୍ତି ଓ ଭିଟାମିନ ଯୋଗାଉଥିଲା। ବଗଡ଼ା ଚାଉଳ ଆଜି ଆଉ ନାହିଁ। ଢିଙ୍କି କୁଟା ଚାଉଳ ପ୍ରସ୍ତୁତ ସମୟରେ ଚାଉଳ ତାର ମୌଳିକ ସତ୍ତା ବା ପୌଷ୍ଟିକ ତତ୍ତ୍ୱ ହରାଇ ନଥାଏ। ଚାଉଳର ଯେଉଁ ଉପର ସ୍ତରରେ ବାଦାମୀ ରଙ୍ଗର ପରସ୍ତ ରହୁଥିଲା ସାଧାରଣତଃ ଅକ୍ଷତ ଅବସ୍ଥାରେ ରହୁଥିଲା। କିନ୍ତୁ ଧାନ କଳରେ ପେଶିବା ବେଳେ ଚାଉଳ ତାର ମୌଳିକ ତତ୍ତ୍ୱ ହରାଇ ଥାଏ ।ଆଜି ଆମେ ଆଖିକୁ ସୁନ୍ଦର ଦେଖାଯାଉଥିବା ଚିକ୍କଣ ଚାଉଳ ଖାଉଛନ୍ତି, ଯାହାକି ଆମର କେବଳ ଭୋକିଲା ପେଟ ପାଇଁ ଭୋକ ମେଣ୍ଟାଉଛି। ସେଥିରୁ ଶରୀର ପାଇଁ ଉପଯୁକ୍ତ ଶକ୍ତି ମିଳୁଥିବା ନେଇ ମନରେ ବିଶ୍ୱାସ ଆସୁନାହିଁ। ଢିଙ୍କି ସାହାଯ୍ୟରେ ସମସ୍ତ ଶସ୍ୟଜାତୀୟ ସାମଗ୍ରୀରୁ ଆମେ ଅନେକ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରୁଥିଲା। ଧାନ, ଗହମ, ମାଣ୍ଡିଆ, ମକା, କୁଇରି, ଚୁଡ଼ା ଓ ଡାଲି ଜାତୀୟ ଯଥା କାନ୍ଦୁଲ, କୋଳଥ ଭଳି ମଧ୍ୟ ଅନେକ ଏହା ସାହାଯ୍ୟରେ ପ୍ରସ୍ତୁତ ହେଉଥିଲା। ଢିଙ୍କି ଦ୍ୱାରା ପ୍ରସ୍ତୁତ ଚାଉଳ ଚୁନାରେ ଯେଉଁ ପିଠା ହେଉ ଥିଲା ତାହା କଳଦ୍ୱାରା ହୋଇ ଥିବା ଚୁନାରେ ଫରକ ଆଣୁଛି। ଯାହାବି ହେଉ ତାହାକୁ ଝୁରିବା ବ୍ୟତୀତ ଆଉ କୌଣସି ଉପାୟ ନାହିଁ। ଢିଙ୍କି ଆଜି ଆଉ କାଁ ଭାଁ ଦେଖିବାକୁ ମିଳୁଛି। ଢିଙ୍କି ଗୋଡ଼ ସାହାଯ୍ୟରେ ଓ ଆଉ ଗୋଟିଏ ହାତ ସାହାଯ୍ୟରେ କୁଟାଯାଉଥିଲା। ହାତରେ କୁଟା ଯାଉଥିବା ସରଞ୍ଜାମ 'କଡୁ ବା ପାହୁରାଣି' ନାମରେ ଜଣାଶୁଣା। ପରିବର୍ତ୍ତନଶୀଳ ଦୁନିଆରେ ଆବଶ୍ୟକତା ଅନୁସାରେ ଚାହିଦା ପୂରଣ ନ କରିପାରିବା,ଶ୍ରମ ଦାନର ଅଭାବ ଓ ଅଳସୁଆମି ପଣ ଯୋଗୁଁ ସଂସାରରୁ ଅନେକ ଜିନିଷ ହଜି ଯିବାକୁ ବସିଲାଣି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଭୋର ୪ଟାରୁ ଆସିଲା ଛଟେଇ ମେଲ୍ ଚାକିରି ହରାଇଲେ ୮ ହଜାର କର୍ମଚାରୀ

ନୂଆଦିଲ୍ଲୀ : ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ କମ୍ପାନି ''ମେଟା''। ଏବେ ଏଥିରୁ ପୁଣି ଥରେ ବଡ଼ ଧରଣର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ ହୋଇଛି । ଏହି ପଦକ୍ଷେପ ଦ୍ୱାରା କମ୍ପାନିର ବିଶ୍ୱସ୍ତରୀୟ କାର୍ଯ୍ୟବଳର ପ୍ରାୟ ୧୦ ପ୍ରତିଶତ ଅର୍ଥାତ୍ ୮,୦୦୦ କର୍ମଚାରୀ ପ୍ରଭାବିତ ହେବେ । ବ୍ଲୁମବର୍ଗର ରିପୋର୍ଟ ଅନୁଯାୟୀ, ମେଟା ନିଜର ସିଙ୍ଗାପୁର ହବ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାନୀୟ ସମୟ ଭୋର ୪ଟାରେ ଇମେଲ୍ ପଠାଇ ଏହି ସୂଚନା ଦେବା ଆରମ୍ଭ କରିଛି । ଆମେରିକା, ବ୍ରିଟେନ ସମେତ ବିଭିନ୍ନ ଅଞ୍ଚଳର କର୍ମଚାରୀଙ୍କୁ ଆଜି ଘରୁ କାମ ( ୱାର୍କ ଫ୍ରମ୍ ହୋମ୍) କରିବାକୁ କୁହାଯାଇଛି। କମ୍ପାନୀ ପକ୍ଷରୁ ପ୍ରାୟ ୬,୦୦୦ ନୂତନ ନିଯୁକ୍ତି ପଦବୀକୁ ମଧ୍ୟ ବନ୍ଦ କରିଦିଆଯାଇଛି । ବିଶେଷ କରି ଇଞ୍ଜିନିୟରିଂ ଏବଂ ପ୍ରଡକ୍ଟ ଟିମ୍ ଉପରେ ଏହାର ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି। ମେଟାର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଜାନେଲ ଗେଲଙ୍କ ଏକ ଆଭ୍ୟନ୍ତରୀଣ ସୂଚନା ଅନୁଯାୟୀ, କମ୍ପାନି ଏକ ଛୋଟ ଏବଂ ଅଧିକ ପ୍ରଭାବଶାଳୀ ''ଫ୍ଲାଟର ଷ୍ଟ୍ରକଚର'' ଗଠନ କରିବାକୁ ଲକ୍ଷ୍ୟ ରଖିଛି। ଚାକିରି କାଟିବା ସହ କମ୍ପାନି ପ୍ରାୟ ୭,୦୦୦ କର୍ମଚାରୀଙ୍କୁ ନୂତନ ''ଏଆଇ-ନେଟିଭ୍'' ଟିମରେ ସାମିଲ କରିବାକୁ ଯାଉଛି। ମାର୍କ ଜୁକରବର୍ଗଙ୍କ ନେତୃତ୍ୱରେ ମେଟା ଚଳିତ ବର୍ଷ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ୧୨୫ ବିଲିୟନରୁ ୧୪୫ ବିଲିୟନ ଡଲାର (ପ୍ରାୟ ୧୦ରୁ ୧୨ ଲକ୍ଷ କୋଟି ଟଙ୍କା) ବିନିଯୋଗ କରିବାକୁ ଯୋଜନା କରୁଛି। ଏହି ବଡ଼ ନିଷ୍ପତ୍ତି ପୂର୍ବରୁ କର୍ମଚାରୀଙ୍କ ମନୋବଳ ହ୍ରାସ ପାଇଥିବା ବେଳେ, କମ୍ପାନୀ ଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟଶୈଳୀ ଉପରେ ନଜର ରଖିବା ପାଇଁ ବ୍ୟବହୃତ ହେଉଥିବା ''ମାଉସ୍-ଟ୍ରାକିଂ ଓ କୀ-ଷ୍ଟ୍ରୋକ'' ସଫ୍ଟୱେରକୁ ନେଇ ପ୍ରାୟ ୧,୦୦୦ରୁ ଅଧିକ କର୍ମଚାରୀ ଏହା ବିରୋଧରେ ଆବେଦନ କରିଛନ୍ତି । କେବଳ ମେଟା ନୁହେଁ, ବରଂ ଓରାକଲ୍ (୩୦,୦୦୦ ଛଟେଇ), ସିସ୍କୋ, ମାଇକ୍ରୋସଫ୍ଟ ଓ ଆମାଜନ ଭଳି ବଡ଼ ଟେକ୍ କମ୍ପାନୀଗୁଡ଼ିକ ମଧ୍ୟ ଏଆଇ ଉପରେ ଅଧିକ ଫୋକସ୍ କରିବା ପାଇଁ ନିଜର କର୍ମଚାରୀ ସଂଖ୍ୟା କମାଉଛନ୍ତି।

# ବେଲୁଚିସ୍ତାନର ୧ ଟ୍ରିଲିୟନ ଡଲାରର ସୁନା ଏବଂ ବିରଳ ଧାତୁ ଭଣ୍ଡାର ଉପରେ ପାକିସ୍ତାନୀ ସେନାର ନଜର

ନୂଆଦିଲ୍ଲୀ : ବେଲୁଚିସ୍ତାନ ପ୍ରଦେଶରେ ସାମରିକ ଉପସ୍ଥିତି ବୃଦ୍ଧି କରିବାକୁ ପାକିସ୍ତାନ ନିଷ୍ପତ୍ତି ନେଇଛି । ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଖଣିଜ ସମ୍ପଦକୁ ସୁରକ୍ଷା ଦେବା ପାଇଁ ବେଲୁଚିସ୍ତାନରେ ଅର୍ଦ୍ଧସାମରିକ ବାହିନୀ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍ଥିକ ଲାଭ ପାଇଁ ପାକିସ୍ତାନ ଦ୍ୱାରା ବେଲୁଚିସ୍ତାନର ବହୁବିଧ ଡଲାରର ପ୍ରାକୃତିକ ସମ୍ପଦର ଶୋଷଣ କରୁଥିବା ଅଭିଯୋଗ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ବେଲୁଚିସ୍ତାନର ଖଣିଜ ସମ୍ପଦର ଶୋଷଣ ବିରୋଧରେ ପ୍ରଦେଶରେ ବଢୁଥିବା ଜନତାଙ୍କ ଆକ୍ରୋଶ ପାକିସ୍ତାନ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବିଏଲଏ ସମେତ ଅନେକ ବିଦ୍ରୋହୀ ଗୋଷ୍ଠୀ ଅସୀମ ମୁନିରଙ୍କ ନେତୃତ୍ୱାଧୀନ ପାକିସ୍ତାନୀ ସେନାକୁ ଟାର୍ଗେଟ କରୁଛନ୍ତି। ଆରବ ନ୍ୟୁଜ୍ ଅନୁସାରେ, ପାକିସ୍ତାନର ଦକ୍ଷିଣ-ପଶ୍ଚିମ ବେଲୁଚିସ୍ତାନ ପ୍ରଦେଶରେ ଅବସ୍ଥିତ ରାଖସନ ଡିଭିଜନରେ ସୈନ୍ଦକ ଏବଂ




ରେକୋ ଡିକ୍‌ରେ ତମ୍ବା ଏବଂ ସୁନା ଖଣି ରହିଛି। ପାକିସ୍ତାନ ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ଖଣି ଏବଂ ଅନୁସନ୍ଧାନ ପ୍ରକଳ୍ପ ଆରମ୍ଭ କରିବାକୁ ବିଦେଶୀ ଖଣି କମ୍ପାନିଗୁଡ଼ିକୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିଆସୁଛି, ଯାହାର ଲକ୍ଷ୍ୟ ହେଉଛି ଏହାର ଖଣିଜ ସମ୍ପଦକୁ ବ୍ୟବହାର କରିବା। ଶାହବାଜ ସରିଫ ମଙ୍ଗଳବାର ଦିନ ବେଲୁଚିସ୍ତାନର ପ୍ରାନ୍ତୀୟ ରାଜଧାନୀ କ୍ୱେଟାରେ ପହଞ୍ଚିଥିଲେ। ଏଠାରେ ସେ ସୁରକ୍ଷା ବିଷୟ ସମୀକ୍ଷା କରିବା ପାଇଁ ପ୍ରାନ୍ତୀୟ ଶୀର୍ଷ କମିଟିର ଏକ ବୈଠକର ଅଧ୍ୟକ୍ଷତା କରିଥିଲେ। ସରିଫଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ବେଲୁଚିସ୍ତାନର ରାଖସନ ଡିଭିଜନରେ ଫ୍ରଣ୍ଟିୟର୍ କର୍ପସ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି, ଶାହବାଜ ସରିଫ ବେଲୁଚିସ୍ତାନରେ ଖଣିଜ ପଦାର୍ଥର ସୁରକ୍ଷା ପାଇଁ ଏକ କରିଡର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସୁରକ୍ଷା କରିଡରରେ ଅର୍ଦ୍ଧସାମରିକ ଫ୍ରଣ୍ଟିୟର୍ କର୍ପସର ଅତିରିକ୍ତ ଦଳ ମୁତୟନ କରାଯିବ। ରାଜପଥରେ ସୁରକ୍ଷା ଚେକ୍ ପଏଣ୍ଟ ଏବଂ ଏକ ନିରୀକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯିବ। ଖଣିଜ ସମ୍ପଦରେ ସମୃଦ୍ଧ ବେଲୁଚିସ୍ତାନ ଦଶନ୍ଧି ଧରି ବିଦ୍ରୋହ ଯୋଗୁ ଆଶାନ୍ତ ହୋଇପଡ଼ିଛି। ବେଲୁଚି ବିଚ୍ଛିନ୍ନତାବାଦୀ ଗୋଷ୍ଠୀଗୁଡ଼ିକ ପାକିସ୍ତାନୀ ସୁରକ୍ଷା ବାହିନୀ ଏବଂ ବିଦେଶୀ କମ୍ପାନିଗୁଡ଼ିକର ସଦସ୍ୟଙ୍କ ଉପରେ ବାରମ୍ବାର ଆକ୍ରମଣ କରୁଛନ୍ତି। ଗତ ମାସରେ, ଚାଗାଇରେ ପାକିସ୍ତାନୀ କମ୍ପାନି ନ୍ୟାସନାଲ ରିସୋର୍ସ ପ୍ରାଇଭେଟ୍ ଲିମିଟେଡର ଏକ ଖଣି ପ୍ରକଳ୍ପ ସ୍ଥଳ ଉପରେ ଆକ୍ରମଣରେ ୧୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା। ବେଲୁଚିସ୍ତାନର ସଶସ୍ତ୍ର ଗୋଷ୍ଠୀଗୁଡ଼ିକ ଦାବି କରୁଛନ୍ତି, ସେମାନଙ୍କ ପ୍ରଦେଶରେ ପ୍ରଚୁର ପରିମାଣର ଖଣିଜ ପଦାର୍ଥ ରହିଛି। ଏହି ଖଣିଜ ପଦାର୍ଥ ଉପରେ ସେମାନଙ୍କ ପ୍ରଦେଶର ଲୋକଙ୍କର ପ୍ରାଥମିକ ଅଧିକାର ଅଛି, କିନ୍ତୁ ପାକିସ୍ତାନ ସରକାର ଏବଂ ସେନା ସେସବୁକୁ ଲୁଟୁଛନ୍ତି। ଏଥି ପାଇଁ ପାକିସ୍ତାନ ସରକାର ଚୀନ୍ ଏବଂ ଅନ୍ୟାନ୍ୟ ବିଦେଶୀ କମ୍ପାନିଗୁଡ଼ିକର ସାହାଯ୍ୟ ନେଉଛନ୍ତି। ସଶସ୍ତ୍ର ବେଲୁଚି ଗୋଷ୍ଠୀଗୁଡ଼ିକ ଏହା ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ବେଲୁଚିସ୍ତାନର ବିପୁଳର ପରିମାଣରେ ଖଣିଜ ସମ୍ପଦ ରହିଛି । ବିଭିନ୍ନ ରିପୋର୍ଟ ଅନୁଯାୟୀ ପ୍ରଦେଶର ମୋଟ ଭଣ୍ଡାରର ମୂଲ୍ୟ ୧ ରୁ ୬ ଟ୍ରିଲିୟନ ଡଲାର ମଧ୍ୟରେ ହେବ। ଏହା ମଧ୍ୟରେ ତମ୍ବା, ସୁନା, କୋଇଲା, କ୍ରୋମାଇଟ୍ ଏବଂ ବିରଳ ଧାତୁ ଆଦି ରହିଛି । ବେଲୁଚିସ୍ତାନର ଚାଗାଇରେ ଏକ ବଡ଼ ତମ୍ବା ଏବଂ ସୁନା ଖଣି ଅଛି, ଯେଉଁଥିରେ ୫.୯ ବିଲିୟନ ଟନ୍ ଖଣିଜ ରହିଥିବା ଆକଳନ କରାଯାଇଛି । ବେଲୁଚିସ୍ତାନ ବିଶେଷ ଭାବରେ ବ୍ୟାରିକ୍ ଗୋଲ୍ଡ କମ୍ପାନି କାରବାର କରୁଛି। କମ୍ପାନିର ରେକୋ ଡିକ୍ ପ୍ରକଳ୍ପରେ ୫୦ ପ୍ରତିଶତ ଅଂଶଧନ ରହିଛି। କମ୍ପାନି ବେଲୁଚିସ୍ତାନର ସୁରକ୍ଷା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇଛି।

## କ୍ୟାବିନେଟ୍‌ରେ ସାମିଲ ହେବେ ନାହିଁ ଏଆଇଏଡିଏମ୍‌କେର ବିଦ୍ରୋହୀ ବିଧାୟକ

ନୂଆଦିଲ୍ଲୀ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ୍ ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗମ୍ (ଟିଭିକେ) ନିଜ କ୍ୟାବିନେଟ୍‌ରେ ଏଆଇଏଡିଏମ୍‌କେର ବିଦ୍ରୋହୀ ବିଧାୟକଙ୍କୁ ସାମିଲ କରିବ ନାହିଁ । ଭିସିକେ ଓ ବାମ ଦଳ ପରି ସହଯୋଗୀ ଦଳମାନଙ୍କ ବିରୋଧ ପରେ ଟିଭିକେ ଏହି ନିଷ୍ପତ୍ତି ନେଇଛି । ବିଜୟଙ୍କ ଆସ୍ଥା ଭୋଟରେ ଏଆଇଏଡିଏମ୍‌କେର ୨୫ ବିଧାୟକ ପାର୍ଟିଲାଇନ୍ ବାହାରକୁ ଯାଇ ବିଜୟଙ୍କୁ ସମର୍ଥନ କରିଥଲେ । ଆଗାମୀ କ୍ୟାବିନେଟ୍ ବିସ୍ତାର ସମୟରେ ଟିଭିକେ ନେତୃତ୍ୱାଧୀନ ସରକାରଙ୍କୁ ସମର୍ଥନ କରୁଥିବା ଏଆଇଏଡିଏମ୍‌କେ ବିଧାୟକଙ୍କ ଏକ ଅଂଶକୁ ମନ୍ତ୍ରୀ ପଦ ଦିଆଯାଇପାରେ ବୋଲି କଳ୍ପନାଜଳ୍ପନା ପରେ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଭିସିକେ ମୁଖ୍ୟ ଥୋଲ୍ ଥିରୁମାଭାଲାଭନ୍ କହିଛନ୍ତି ଯେ, ତାଙ୍କ ଦଳ ପୂର୍ବରୁ ଟିଭିକେକୁ ନିଜର ମତ ଜଣାଇସାରିଛି ଓ ଚେତାବନୀ ଦେଇଛନ୍ତି ଯେ ବିଦ୍ରୋହୀ ଏଆଇଏଡିଏମ୍‌କ ବିଧାୟକମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ପାଇଁ ଯେକୌଣସି ପଦକ୍ଷେପ ସହଯୋଗୀମାନଙ୍କୁ ସେମାନଙ୍କର ସମର୍ଥନର ପୁନର୍ବିଚାର କରିବାକୁ ବାଧ୍ୟ କରିପାରେ। ତେବେ ଏଆଇଏଡିଏମକେ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ ନାହିଁ ବୋଲି ଟିଭିକେ ପକ୍ଷରୁ ଆଶ୍ୱାସନା ଦିଆଯାଇଥିବା ଭିସିକେ କହିଛି । ସୂତ୍ର ଅନୁଯାୟୀ ସିପିଆଇ (ଏମ୍) ମଧ୍ୟ ସମାନ ପ୍ରକାର ଦାବି ରଖିଥିଲା। ମୁଖ୍ୟମନ୍ତ୍ରୀ ବିଜୟ ମନ୍ତ୍ରିମଣ୍ଡଳ ବିସ୍ତାର ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏହି ପ୍ରତିଶ୍ରୁତି ଆସିଛି। କ୍ୟାବିନେଟ୍‌ରେ କଂଗ୍ରେସକୁ ଦୁଇଟି ମନ୍ତ୍ରିପଦ ମିଳିବାର ସମ୍ଭାବନା ରହିଛି। ଟିଭିକେ ସାଧାରଣ ସମ୍ପାଦକ ଆଧବ ଅର୍ଜୁନ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଖୁବ୍ ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଘୋଷଣା କରିବେ ଓ ଦଳ ସହଯୋଗୀମାନଙ୍କ ସହିତ କ୍ଷମତା ବାଣ୍ଟିବା ପାଇଁ ଖୋଲା ରହିଛି। ସୂତ୍ର ଅନୁଯାୟୀ, କ୍ୟାବିନେଟ୍‌ରେ ପ୍ରାୟ ୩୪ ସଦସ୍ୟଙ୍କୁ ସାମିଲ କରାଯାଇପାରେ। ଟିଭିକେ ମେଣ୍ଟ ପ୍ରତିଶ୍ରୁତି ଓ ଜାତି-ଆଞ୍ଚଳିକ ସମୀକରଣକୁ ସନ୍ତୁଳିତ କରିବା ସହିତ ଅଧିକାଂଶ ପ୍ରମୁଖ ବିଭାଗ ବଜାୟ ରଖିବ ବୋଲି ଆଶା କରାଯାଉଛି ।

# ଚନ୍ଦ୍ରପୃଷ୍ଠରେ ଚମକିଲା ଭାରତୀୟ ବିଜ୍ଞାନ ନାସାର ଆର୍ଟେମିସ୍ ମିଶନ ପାଇଁ ଖୋଲିବ ନୂଆ ବାଟ

ନୂଆଦିଲ୍ଲୀ : ଭାରତର ସଫଳ ଚନ୍ଦ୍ରଯାନ-୩ ମିଶନ ଏହାର ଅଭିଯାନ ଶେଷ କରିବାର ଦୀର୍ଘ ସମୟ ପରେ ମଧ୍ୟ ବିଶ୍ୱ ମହାକାଶ ବିଜ୍ଞାନ ଜଗତକୁ ଚକିତ କଲାଭଳି ନୂଆ ନୂଆ ତଥ୍ୟ ପ୍ରଦାନ କରିବାରେ ଲାଗିଛି। ମିଶନର ଶେଷ ସମୟରେ ବିକ୍ରମ ଲାଣ୍ଡର ଦ୍ୱାରା କରାଯାଇଥିବା ଏକ ଅପରିକଳ୍ପିତ ''ହପ୍ ଏକ୍ସପେରିମେଣ୍ଟ'' ବର୍ତ୍ତମାନ ଚନ୍ଦ୍ରର ଦକ୍ଷିଣ ମେରୁର ଭୂତତ୍ତ୍ୱକୁ ବୁଝିବାରେ ଏକ ବଡ଼ ସଫଳତା ଆଣିଦେଇଛି। ଏହି ନୂତନ ଆବିଷ୍କାର ଆମେରିକାର ମହାକାଶ ସଂସ୍ଥା ''ନାସା'' କୁ ତା'ର ଆଗାମୀ ''ଆର୍ଟେମିସ୍ ମିଶନ'' ଜରିଆରେ ଚନ୍ଦ୍ରପୃଷ୍ଠରେ ଏକ ସ୍ଥାୟୀ ବେସ୍ ସ୍ଥାପନ କରିବା ଦିଗରେ ବେଶ୍ ସହାୟକ ହେବ। ତେବେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ପରୀକ୍ଷଣର ପ୍ରଭାବ ଆହୁରି ଗଭୀର ସାବ୍ୟସ୍ତ ହୋଇଛି। ବିକ୍ରମ ଲାଣ୍ଡରର ରକେଟ୍ ପ୍ରେରଣ ଯୋଗୁଁ ଚନ୍ଦ୍ରପୃଷ୍ଠର ଉପରିଭାଗରେ ଥିବା



ପ୍ରାୟ ୩ ସେଣ୍ଟିମିଟର ମୋଟାର କୋମଳ ଓ ଛିଦ୍ରଯୁକ୍ତ ମାଟିର ଆସ୍ତରଣ ଉଡ଼ିଯାଇଥିଲା। ଏହାଫଳରେ ଲାଣ୍ଡରରେ ଥିବା ''ଚାଷ୍ଟେ'' ପେଲୋଡ୍ ପ୍ରଥମ ଥର ପାଇଁ ଚନ୍ଦ୍ରର ଭିତର ସ୍ତରର ମାଟିକୁ ସିଧାସଳଖ ଅନୁଧ୍ୟାନ କରିବାର ସୁଯୋଗ ପାଇଥିଲା। ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଚନ୍ଦ୍ରର ଦକ୍ଷିଣ ମେରୁର ମାଟି ସମାନ ନୁହେଁ, ବରଂ ଏହା ଏକ କେକ୍ ଭଳି ସ୍ତରୀୟ ଢାଞ୍ଚାରେ ରହିଛି। ଉପରିଭାଗ ଅତି କୋମଳ ହୋଇଥିବା ବେଳେ ମାତ୍ର କିଛି ସେଣ୍ଟିମିଟର ତଳେ ଥିବା ମାଟି ଅତ୍ୟନ୍ତ ଶକ୍ତ ଓ ଏହାର ତାପଜ ଓ ଯାନ୍ତ୍ରିକ ଗୁଣ ସମ୍ପୂର୍ଣ୍ଣ ଭିନ୍ନ। ଅତି କମ୍ ଦୂରତା ମଧ୍ୟରେ ମାଟିର ଏଭଳି ଦ୍ରୁତ ପରିବର୍ତ୍ତନ ବୈଜ୍ଞାନିକମାନଙ୍କୁ ଚକିତ କରିଛି। ଏହା ସହିତ ଚନ୍ଦ୍ରରେ ସୂର୍ଯ୍ୟାସ୍ତ ସମୟରେ ଏହି ମାଟି କିଭଳି ଧୀରେ ଧୀରେ ଶୀତଳ ହୁଏ ଏବଂ ବିକିରଣ ଛାଡ଼େ, ତାହା ମଧ୍ୟ ଏହି ମିଶନ ରିଅଲ-ଟାଇମରେ ରେକର୍ଡ କରିବାରେ ସଫଳ ହୋଇଛି। ବର୍ତ୍ତମାନ ସମଗ୍ର ବିଶ୍ୱର ନଜର ଚନ୍ଦ୍ରର ଦକ୍ଷିଣ ମେରୁ ଉପରେ ରହିଛି, କାରଣ ଏହି ଅଞ୍ଚଳର ଅନ୍ଧକାର ଗର୍ତ୍ତଗୁଡ଼ିକରେ ବହୁ ପରିମାଣରେ ବରଫ ସ୍ୱରୂପରେ ଜଳ ଥିବା ଅନୁମାନ କରାଯାଉଛି।

ଏଭଳି ସ୍ଥିତିରେ ଚନ୍ଦ୍ରପୃଷ୍ଠରେ ଭବିଷ୍ୟତରେ ମାନବ ବସତି ସ୍ଥାପନ, ଖନନ ଓ ମହାକାଶଚାରୀମାନଙ୍କ ସୁରକ୍ଷା ପାଇଁ ମାଟିର ଏହି ଜଟିଳ ଆଭ୍ୟନ୍ତରୀଣ ଗଠନକୁ ବୁଝିବା ନିହାତି ଜରୁରୀ ଥିଲା। ପୂର୍ବରୁ ୨୦୦୮ ମସିହାରେ ଭାରତର ଚନ୍ଦ୍ରଯାନ-୧ ମିଶନ ଚନ୍ଦ୍ରରେ ଜଳର ସନ୍ଧାନ କରି ସମଗ୍ର ବିଶ୍ୱର ଚିନ୍ତାଧାରା ବଦଳାଇ ଦେଇଥିଲା। ଏବେ ଚନ୍ଦ୍ରଯାନ-୩ର ଏହି ଅପରିକଳ୍ପିତ ସଫଳତା ସୂଚାଇ ଦେଇଛି ଯେ, ଚନ୍ଦ୍ରପୃଷ୍ଠର ସୂକ୍ଷ୍ମ ରହସ୍ୟଗୁଡ଼ିକ ଏବେ ମଧ୍ୟ ଗୋଟିଏ ପରେ ଗୋଟିଏ ସ୍ତର ଖୋଲିବା ଅପେକ୍ଷାରେ ରହିଛି, ଯାହା ଆଗାମୀ ଦିନରେ ବିଶ୍ୱ ମହାକାଶ ଅଭିଯାନକୁ ଏକ ନୂଆ ଦିଗ ଦେବ।

## ଇରାନକୁ ପରମାଣୁ ବୋମା କରିବାକୁ ଦେବନି ଆମେରିକା

ନୂଆଦିଲ୍ଲୀ : ବୁଧବାର ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ହ୍ୱାଇଟ୍ ହାଉସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ କହିଛନ୍ତି ଯେ ଇରାନକୁ କୌଣସି ପରିସ୍ଥିତିରେ ବି ପରମାଣୁ ଅସ୍ତ୍ର ହାସଲ କରିବାକୁ ଅନୁମତି ଦିଆଯିବ ନାହିଁ। ଇରାନର ପରମାଣୁ କାର୍ଯ୍ୟକ୍ରମ ସମଗ୍ର ଉପସାଗରୀୟ ଅଞ୍ଚଳ ଓ ବିଶ୍ୱରେ ଏକ ବିପଜ୍ଜନକ ଆଣବିକ ପ୍ରତିଯୋଗିତା ଆରମ୍ଭ କରିପାରେ, ଯାହା ଅସ୍ଥିରତା ବୃଦ୍ଧି କରିବ। ଭାନ୍ସ ସ୍ପଷ୍ଟ କରିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଆମେରିକା ଅତି ସଚ୍ଚୋଟତାର ସହିତ ଶାନ୍ତି ଆଲୋଚନା କରିଛି ଏବଂ ଏବେ ଆଗକୁ ବଢ଼ିବା ପାଇଁ ଦୁଇଟି ରାସ୍ତା ରହିଛି। ଯଦି ଇରାନ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବାରେ ବିଫଳ ହୁଏ, ତେବେ ଆମେରିକୀୟ ସେନା ପୁନର୍ବାର ସାମରିକ ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଯଦିଓ ଇରାନ ଏକ ଚୁକ୍ତିରେ ପହଞ୍ଚିବାକୁ ଆଗ୍ରହ ପ୍ରକାଶ କରିଥିବା ସଙ୍କେତ ମିଳିଛି, ମାତ୍ର ଚୂଡ଼ାନ୍ତ ସ୍ୱାକ୍ଷର ନହେବା ପର୍ଯ୍ୟନ୍ତ କିଛି କହିବା ଶୀଘ୍ର ହେବ ଏବଂ ଏବେ ସମ୍ପୂର୍ଣ୍ଣ ନିଷ୍ପତ୍ତି ତେହେରାନ ଉପରେ ନିର୍ଭର କରେ। ଏହି ପରିପ୍ରେକ୍ଷୀରେ ଉପରାଷ୍ଟ୍ରପତି ଭାନ୍ସ ଇରାନକୁ ଏକ ଜଟିଳ ଦେଶ ଭାବେ ବର୍ଣ୍ଣନା କରିବା ସହ ସେଠାକାର ଶୀର୍ଷ ନେତୃତ୍ୱ ଓ ଶକ୍ତିଶାଳୀ ଗୋଷ୍ଠୀଗୁଡ଼ିକ ବିଭକ୍ତ ଥିବାରୁ ଆଲୋଚନା ସମୟରେ ସେମାନଙ୍କର ପ୍ରକୃତ ଆଭିମୁଖ୍ୟ ବୁଝିବା କଷ୍ଟକର ହେଉଛି ବୋଲି ପ୍ରକାଶ କରିଛନ୍ତି । ଏହା ସହିତ ଇରାନ ନିଜର ସମୃଦ୍ଧ ୟୁରାନିୟମ୍ ଭଣ୍ଡାର ରୁଷକୁ ପଠାଉଥିବା ନେଇ ପ୍ରକାଶିତ ବିଭିନ୍ନ ଆନ୍ତର୍ଜାତୀୟ ରିପୋର୍ଟକୁ ସେ ସମ୍ପୂର୍ଣ୍ଣ ଭାବେ ଖାରଜ କରିଛନ୍ତି । ଅପରପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏକ ଦୃଢ଼ ବିବୃତ୍ତି ଜାରି କରି କହିଛନ୍ତି ଯେ, ଆମେରିକା ଇରାନ ସହିତ ଚାଲିଥିବା ଯୁଦ୍ଧକୁ ଶେଷ କରିବା ଦିଗରେ ଖୁବ୍ ଦ୍ରୁତ ଗତିରେ କାର୍ଯ୍ୟ କରୁଛି। ତେହେରାନକୁ ପରମାଣୁ ମୁକ୍ତ ରଖିବା ସହ ଏହି ଯୁଦ୍ଧକୁ ବହୁତ ଶୀଘ୍ର ଏବଂ ସଫଳତାର ସହ ସମାପ୍ତ କରାଯିବ ବୋଲି ଟ୍ରମ୍ପ ଆଶା ପ୍ରକାଶ କରିଛନ୍ତି ।

## ଦୋହଲିଗଲା ମୁଖ୍ୟମନ୍ତ୍ରୀ ବିଜୟଙ୍କ ସ୍ଥିତି, ସମର୍ଥନ ପ୍ରତ୍ୟାହାର କରିବାକୁ ଧମକ ଦେଇଛି ସିପିଆଇଏମ

ତାମିଲନାଡୁ : ତାମିଲନାଡୁରେ ନୂଆ ସରକାର ଗଠନ ହେବାର କିଛି ଦିନ ପରେ ତାମିଲନାଡୁ ରାଜନୀତିରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ଥାଲପତି ବିଜୟଙ୍କ ଝଠକ ଦଳକୁ ବାହାରୁ ସମର୍ଥନ କରୁଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଖୋଲାଖୋଲି ଭାବରେ ସମର୍ଥନ ପ୍ରତ୍ୟାହାର କରିବାକୁ ଧମକ ଦେଇଛି । ଏହାରି ମଧ୍ୟରେ ସିପିଆଇ ସ୍ପଷ୍ଟ କରିଛି ଯେ, ଯଦି ଟିଭିକେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ସହିତ କୌଣସି ବୁଝାମଣା କରେ କିମ୍ବା ସେମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାକୁ ଚେଷ୍ଟା କରେ, ତେବେ ସେମାନେ ସେମାନଙ୍କର ନିଷ୍ପତ୍ତିର ପୁନର୍ବିଚାର କରିବେ । ବରିଷ୍ଠ ସିପିଆଇ-ଏମ୍ ନେତା ପି ଶନମୁଗମ ବିଜୟଙ୍କୁ ତାଙ୍କ ପ୍ରତିଶ୍ରୁତି ମନେ ପକାଇ ଦେଇଛନ୍ତି। ଏଥିସହ ସେ ଏହି ପ୍ରସଙ୍ଗରେ କହିଛନ୍ତି ଯେ, ତାମିଲନାଡୁର ଲୋକମାନେ ଏଥର ଶାସକ ଡିଏମକେ ଏବଂ ପୂର୍ବତନ ଏଆଇଏଡିଏମକେ ଉଭୟଙ୍କ ବିରୋଧରେ ଏକ ସ୍ପଷ୍ଟ ଏବଂ ନୂତନ ଜନାଦେଶ ଦେଇଛନ୍ତି । ବାମ ଦଳ



ଏବଂ ଭିସିକେ କେବଳ ରାଜ୍ୟରେ ନିର୍ବାଚିତ ସରକାର ସୁନିଶ୍ଚିତ କରିବା ପାଇଁ ବାହାରର ସମର୍ଥନ ଯୋଗାଇବାକୁ ନିଷ୍ପତ୍ତି ନେଇଥିଲେ । ସେପଟେ ବିଜୟଙ୍କୁ ଟାର୍ଗେଟ କରି ସିପିଆଇ ଏମ୍ ନେତା କହିଛନ୍ତି ଯେ, ଶାସନକୁ ସମ୍ପୂର୍ଣ୍ଣ ସଫା କରିବାକୁ ଏବଂ ଦୁର୍ନୀତିମୁକ୍ତ ବିକଳ୍ପ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଯଦି ସେ ସରକାର ଗଠନ କରିବାକୁ ଏଆଇଏଡିଏମ୍‌କେ ଦଳକୁ ସାହାରା ଦିଅନ୍ତି କିମ୍ବା ସେମାନଙ୍କ ନେତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାଇଁ ପଦବୀ ଦିଅନ୍ତି ତେବେ ଏହା ତାମିଲନାଡୁ ଲୋକଙ୍କ ସହ ଧୋକା ଏବଂ ଜନାଦେଶର ଅପମାନ ହେବ । ଅନ୍ୟପଟେ ସେ ଏହା ମଧ୍ୟ ଆଶା କରି କହିଛନ୍ତି ଯେ, ମୁଁ ନିଶ୍ଚିତ ଟିଭିକେ ନେତୃତ୍ୱ ଏହି ସୀମାକୁ ଯିବେ ନାହିଁ । ଯଦି ସେମାନେ ଏଆଇଏଡିଏମକେ ଦଳକୁ ସରକାର ଗଠନରେ ସାମିଲ କରନ୍ତି କିମ୍ବା ସେମାନଙ୍କ ସହାୟତାରେ ସରକାର ଚଳାଇବାକୁ କୌଣସି ପ୍ରୟାସ କରନ୍ତି, ତେବେ ସିପିଆଇ(ଏମ୍) ନିଶ୍ଚିତ ଭାବରେ ଏହାର ସମର୍ଥନକୁ ପୁନର୍ବିଚାର କରିବ । ଏହି ବୟାନ ସାମ୍ନାକୁ ଆସିବା ପରେ ତାମିଲନାଡୁର ରାଜନୈତିକ କରିଡରରେ ହଇଚଇ ସୃଷ୍ଟି ହୋଇଛି ଏବଂ ସମସ୍ତଙ୍କ ନଜର ଏବେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ନିବଦ୍ଧ ।

# ଖୁବ୍‌ଶୀଘ୍ର କେନ୍ଦ୍ରରୁ ବିତାଡ଼ିତ ହେବ ବିଜେପି ସରକାର: ମମତା ବାନାର୍ଜୀ

କୋଲକାତା: ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ମମତା କହିଛନ୍ତି ଯେ ବିଜେପି ଖୁବ୍ ଶୀଘ୍ର କେନ୍ଦ୍ରରୁ କ୍ଷମତାରୁ ବିତାଡ଼ିତ ହେବାକୁ ଯାଉଛି। ମମତା ମଙ୍ଗଳବାର ତାଙ୍କ ବାସଭବନରେ ତୃଣମୂଳ କଂଗ୍ରେସ ବିଧାୟକଙ୍କୁ ସମ୍ବୋଧିତ କରି ଏହା କହିଥିବାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ରାସ୍ତାକଡ଼ର ହକର୍ ବିଜେପି ସରକାରରେ ଟାର୍ଗେଟ ଥିବା କହିଛନ୍ତି। ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ମଧ୍ୟ ବୈଠକରେ ଉପସ୍ଥିତ ଥିବାବେଳେ କୌଣସି ଧମକ ଆଗରେ ହାର ମାନିବେ ନାହିଁ ବୋଲି କହିଛନ୍ତି। ଅଭିଷେକଙ୍କୁ ବେଆଇନ ନିର୍ମାଣ ନେଇ ନିକଟରେ ନୋଟିସ ମିଳିଥିଲା।

ହକର ଷ୍ଟଲଗୁଡ଼ିକୁ ବୁଲଡୋଜର ମାଧ୍ୟମରେ ଭାଙ୍ଗି ଦିଆଯାଉଛି ବୋଲି ମମତା କହିଛନ୍ତି। ସେ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନ ପରବର୍ତ୍ତୀ ହିଂସା ଓ ଅବୈଧ ଜବରଦଖଲ



ବିରୋଧରେ କାର୍ଯ୍ୟାନୁଷ୍ଠାନର ଅଭିଯୋଗ ଆଣିଛନ୍ତି। ଶୁଭେନ୍ଦୁ ଅଧିକାରୀ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ମମତା ତୀବ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବିଜେପି ସାମ୍ବିଧାନିକ ଚିନ୍ତାଧାରା ଓ ମୂଲ୍ୟବୋଧ ସହିତ ହେରଫେର୍ କରୁଛି। । ମମତା ଆହୁରି ମଧ୍ୟ କହିଛନ୍ତି ଯେ, କେନ୍ଦ୍ରର ଶାସକ ଏନ୍‌ଡିଏ ମେଣ୍ଟର ନେତୃତ୍ୱ ନେଉଥିବା ବିଜେପି ନିକଟ ଭବିଷ୍ୟତରେ କେନ୍ଦ୍ରରେ କ୍ଷମତା ହରାଇବ। ଆଗାମୀ ଦିନରେ ଦିଲ୍ଲୀରେ ବିଜେପିକୁ କ୍ଷମତାରୁ ହଟାଇ ଦିଆଯିବ।

ମମତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟିଏମ୍‌ସିର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ଯୋଗ ଦେଇ କୋଲକାତା ମ୍ୟୁନିସିପାଲ କର୍ପୋରେସନ (କେଏମସି) ଦ୍ୱାରା ତାଙ୍କୁ ପଠାଯାଇଥିବା ନୋଟିସ ସମ୍ପର୍କରେ କହିଛନ୍ତି ଯେ, ସେମାନଙ୍କର ଯାହା ଇଚ୍ଛା ତାହା କରନ୍ତୁ। ମୋ ଘର ଭାଙ୍ଗି ଦିଅନ୍ତି କି ମୋତେ ନୋଟିସ ପଠାନ୍ତୁ, ମୁଁ ଏସବୁ ପାଇଁ ସେମାନଙ୍କ ଆଗରେ ମୁଣ୍ଡ ନୁଆଁଇବି ନାହିଁ। ବିଜେପି ବିରୋଧରେ ଲଢ଼େଇ ଜାରି ରହିବ। ତେବେ ଅଭିଷେକଙ୍କୁ ଘର ଭାଙ୍ଗିବାକୁ ନୋଟିସ ପଠାଇଥିବା କେଏମସି ଏବେବି ଟିଏମସିର ନିୟନ୍ତ୍ରଣରେ ଅଛି ଓ ମମତାଙ୍କ ଘନିଷ୍ଠ ସହଯୋଗୀ ଭାବେ ବିବେଚିତ ଦଳର ବିଧାୟକ ଫିରହାଦ ହାକିମ କୋଲକାତାର ମେୟର।

ଅଭିଷେକ ମଧ୍ୟ ମୁଖ୍ୟମନ୍ତ୍ରୀ ଅଧିକାରୀଙ୍କୁ ସମାଲୋଚନା କରି ୨୦୧୪ ମସିହାରେ ହୋଇଥିବା ବିବାଦୀୟ ନାରଦା ଷ୍ଟିଙ୍ଗ୍ ଅପରେସନ୍ ବିଷୟରେ କହିଥିଲେ। ସେତେବେଳେ ଶୁଭେନ୍ଦୁ ଅଧିକାରୀ ଟିଏମସିରେ ଥିଲେ। ଅଭିଷେକ କହିଛନ୍ତି, ଆମ ରାଜ୍ୟରେ ଅନେକ ମୁଖ୍ୟମନ୍ତ୍ରୀ ଥିଲେ କିନ୍ତୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଭଳି କେହି ନଥିଲେ। କ୍ୟାମେରା ଆଗରେ ଟଙ୍କା ନେଉଥିବାର ଦେଖାଯାଇଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଛି ବୋଲି ଟିଏମସି ସାଂସଦ କହିଛନ୍ତି। ଟିଏମସି ମେ ୨୧ ତାରିଖରେ ହକରମାନଙ୍କୁ ବଳପୂର୍ବକ ଉଚ୍ଛେଦ ବିରୋଧରେ ପ୍ରତିବାଦ କରିବାକୁ ଯୋଜନା କରୁଥିବା ବେଳେ ଏହି ବୈଠକ ଅନୁଷ୍ଠିତ ହୋଇଛି। ବାଲିଗଞ୍ଜ, ହାୱଡ଼ା ଜଙ୍କସନ ଓ ସିଆଲଦା ରେଳ ଷ୍ଟେସନ ନିକଟରେ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଉପ ଅଧିନାୟକ ପଦ ହରାଇଲେ ପନ୍ତ: ଫେରିଲେ କିଶନ, ପ୍ରିନ୍ସ ଯାଦବ ନୂଆ ମୁହଁ

ମୁମ୍ବାଇ, ୨ ୦।୫: ଉ୍ୱିକେଟ କିପର ବ୍ୟାଟର ରଷଭ ପନ୍ତଙ୍କୁ ବଡ ଝଟକା। ପ୍ରଥମେ ଭାରତୀୟ ଟିମର ଦିନିକିଆ ଓ ଟି-୨୦ ଟିମରୁ ବାଦ ପଡିଥିବା ପନ୍ତ ଏବେ ଟେଷ୍ଟ ଟିମରେ ନିଜର ଉପ ଅଧିନାୟକ ପଦ ହରାଇଛନ୍ତି। ଚଳିତ ଆଇପିଏଲରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ପନ୍ତଙ୍କ ଠାରୁ ଟେଷ୍ଟ ଉପ ଅଧିନାୟକ ପଦ ପ୍ରତ୍ୟାହାର କରି ନେଇଛି ବିସିସିଆଇ। ତାଙ୍କ ବଦଳରେ ଅଭିଜ୍ଞ କେଏଲ ରାହୁଲ ଭାରତୀୟ ଟେଷ୍ଟ ଟିମର ଉପ ଅଧିନାୟକ ପଦ ପାଇଛନ୍ତି। ଆଜି ବିସିସିଆଇ ପକ୍ଷରୁ ଜୁନ ମାସରୁ ଆରମ୍ଭ ହେବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ଓ ୩ ଟିକିଆ ଦିନିକିଆ ପାଇଁ ୧୫ ଜଣିଆ ସ୍କ୍ୱାଡ ଘୋଷଣା କରାଯାଇଛି। ଟେଷ୍ଟ ଟିମରେ ରଷଭ ପନ୍ତ ରହିଥିଲେ ହେଁ ତାଙ୍କ ଉପ ଅଧିନାୟକ କରାଯାଇ ନାହିଁ।ଟେଷ୍ଟ ଟିମର କମାଣ ପୂର୍ବଭଳି ଶୁବମନ ଗିଲ ସମ୍ଭାଳିବେ। ଦଳରେ ପନ୍ତଙ୍କ ବ୍ୟତୀତ ଧ୍ରୁବ ଜୁରେଲଙ୍କୁ ଉ୍ୱିକେଟ କିପର ଭାବେ ରଖାଯାଇଛି। ଟେଷ୍ଟ ଟିମରେ ନୂଆ ମୁହଁ ଭାବେ ଗୁରନୁର ବ୍ରାର, ହର୍ଷ ଦୁବେ ଓ ମାନବ ସୁତାରଙ୍କୁ ସାମିଲ କରାଯାଇଛି।ଏହାବାଦ ଯଶସ୍ୱୀ ଜୈସୱାଲ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକ୍କଲ, ନୀତୀଶ କୁମାର ରେଡ୍ଡୀ, ଓ୍ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ଭାରତ ଓ ଆଫଗାନିସ୍ତାନ ଜୁନ ୬ରେ ମୁଲ୍ଲାନପୁରରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ? ଖେଳିବେ।

ଏହାପରେ ଜୁନ ୧୪ରୁ ଦିନିକିଆ ସିରିଜ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ? ଧର୍ମଶାଳାରେ ଖେଳା ଯିବାକୁ ଥିବା ବେଳେ ଦ୍ୱିତୀୟ ଦିନିକିଆ ଜୁନ ୧୭ରେ ଲକ୍ଷ୍ନୌ ଓ ଜୁନ ୨୦ରେ ଶେଷ ଦିନିକିଆ ଚେନ୍ନାଇରେ ଅନୁଷ୍ଠିତ ହେବ।

୩ ଟିକିଆ ଦିନିକିଆ ସିରିଜ ପାଇଁ ମଧ୍ୟ ଖେଳାଳିଙ୍କ



ନାଁ ଘୋଷଣା କରାଯାଇଛି। ଯଶପ୍ରୀତ ବୁମ୍ରା ଓ ରବୀନ୍ଦ୍ର ଜାଡେଜାଙ୍କୁ ଉଭୟ ଟେଷ୍ଟ ଏବଂ ଦିନିକିଆରେ ବିଶ୍ରାମ ଦିଆଯାଇଥିବା ବେଳେ ନୂଆ ମୁହଁ ଭାବେ ପ୍ରିନ୍ସ ଯାଦବଙ୍କୁ ପ୍ରଥମ ଥର ପାଇଁ ଦିନିକିଆ ଟିମରେ ସୁଯୋଗ ମିଳିଛି।

ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଖେଳୁଥିବା ପ୍ରିନ୍ସ କ୍ରମାଗତ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଘରୋଇ କ୍ରିକେଟରେ ମଧ୍ୟ ସେ ଦିଲ୍ଲୀ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ତେଣୁ ତାଙ୍କୁ ଭାରତୀୟ ସିନିୟର ଟିମରେ ସୁଯୋଗ ମିଳିଛି। ତାଙ୍କ ବ୍ୟତୀତ ଗୁରନୁର ବ୍ରାର ଓ ହର୍ଷ ଦୁବେଙ୍କୁ ମଧ୍ୟ ପ୍ରଥମଥର ପାଇଁ ଦିନିକିଆ ଟିମରେ ସାମିଲ କରାଯାଇଛି।

ଦିନିକିଆରେ ଗିଲ ଅଧିନାୟକ ଦାୟିତ୍ୱ ପାଇଥିବା ବେଳେ ଶ୍ରେୟସ ଆୟରଙ୍କୁ ପୁଣି ଉପ ଅଧିନାୟକ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଆହତ ହେବା ପରେ ଆୟର ଭାରତୀୟ ଟିମରୁ ଦୂରରେ ରହିଥିଲେ। ଏବେ ତାଙ୍କର କମବ୍ୟାକ ହୋଇଛି। ସେହିପରି ୨୦୨୩ ପରେ ପ୍ରଥମଥର ଭାରତୀୟ ଦିନିକିଆ ସେଟ ଅପକୁ ଫେରିଛନ୍ତି ଈଶାନ କିଶନ।

ଦଳରେ ଦୁଇ ବରିଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ମଧ୍ୟ ରହିଛନ୍ତି। ଏମାନଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସ୍କ୍ୱାଡରେ ରଖାଯାଇଛି। ହେଲେ ଏବେ ଆହତ ସମସ୍ୟା ଦେଇ ଗତି କରୁଥିବା ହାର୍ଦ୍ଦିକ ଫିଟ ହେବା ପରେ ହିଁ ଆଫଗାନିସ୍ତାନ ବିପକ୍ଷ ସିରିଜରେ ନଜର ଆସିବେ। ରୋହିତଙ୍କ ସାମିଲ ମଧ୍ୟ ତାଙ୍କ ଫିଟନେସ ଉପରେ ନିର୍ଭର କରେ ବୋଲି ବିସିସିଆଇ କହିଛି।

ହାର୍ଦ୍ଦିକଙ୍କ ବ୍ୟତୀତ ଅଲରାଉଣ୍ଡର ଭାବେ ଦିନିକିଆ ଟିମରେ ନୀତୀଶ କୁମାର ରେଡ୍ଡୀ ଓ ଓ୍ୱାଶିଂଟନ ସୁନ୍ଦରଙ୍କୁ ରଖା ଯାଇଛି। କିନ୍ତୁ ଯଶସ୍ୱୀ ଜୈସୱାଲଙ୍କୁ ଦିନିକିଆ ଟିମରୁ ବାଦ ଦିଆଯାଇଛି। ସେହିପରି ମହମ୍ମଦ ସିରାଜ କିମ୍ବା ମହମ୍ମଦ ଶାମିଙ୍କୁ ମଧ୍ୟ ଦିନିକିଆରେ ସୁଯୋଗ ମିଳିନି।

ଦିନିକିଆ ଟିମ: ଶୁବମନ ଗିଲ, ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ, ଈଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ଓ୍ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର ଓ ହର୍ଷ ଦୁବେ।

ଟେଷ୍ଟ ଟିମ: ଶୁବମନ ଗିଲ, ଯଶସ୍ୱର ଜୈସୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ରଷଭ ପନ୍ତ, ଦେବଦତ୍ତ ପାଡିକ୍କଲ, ନୀତୀଶ କୁମାର ରେଡ୍ଡୀ, ଓ୍ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର, ମାନବ ସୁତାର, ଧ୍ରୁବ ଜୁରେଲ ଓ ହର୍ଷ ଦୁବେ।

### ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ଟେବୁଲ

# ଭାରତକୁ ପଛରେ ପକାଇଲା ବାଂଲାଦେଶ

ନୂଆଦିଲ୍ଲୀ, ୨ ୦।୫ :ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜରେ ବାଂଲାଦେଶର ଐତିହାସିକ ବିଜୟ ଯୋଗୁଁ ଭାରତୀୟ କ୍ରିକେଟ ଦଳକୁ ବଡ଼ କ୍ଷତି ସହିବାକୁ ପଡ଼ିଛି। ଆଇସିସି ପକ୍ଷରୁ ଜାରି ସଦ୍ୟତମ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ମାନ୍ୟତାରେ ଭାରତୀୟ ଦଳ ଷଷ୍ଠ ସ୍ଥାନକୁ ଖସି ଯାଇଛି। ଅପରପକ୍ଷରେ, ପାକିସ୍ତାନକୁ ତାରି ମାଟିରେ ଧୂଳି ଚଟାଇ ବାଂଲାଦେଶ ପଏଣ୍ଟ ଟେବୁଲରେ ଭାରତକୁ ପଛରେ ପକାଇ ଦେଇଛି।

ଘରୋଇ ମାଟିରେ ଖେଳାଯାଇଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ବାଂଲାଦେଶ ୨-୦ରେ ଜିତି ନେଇଛି। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ?ରେ ବାଂଲାଦେଶ ଭ୍ରମଣକାରୀ ପାକିସ୍ତାନ ଦଳକୁ ୭୮ ରନ୍ ?ରେ ପରାସ୍ତ କରିଛି। ଏହାପୂର୍ବରୁ ମୀରପୁରଠାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ବାଂଲାଦେଶ ୧୦୪ ରନର ବଡ଼ ବ୍ୟବଧାନରେ ଜିତିଥିଲା। ଏହି ଚମତ୍କାର ପ୍ରଦର୍ଶନ ବଳରେ ବାଂଲାଦେଶ ଏବେ ଡବଲ୍ୟୁଟିସି ତାଲିକାରେ ଭାରତକୁ ପଛରେ ପକାଇଛି।

ଡବ୍ଲୁଟିସି ନିୟମ ଅନୁଯାୟୀ, ଦଳଗୁଡ଼ିକର ର୍ୟାଙ୍କିଙ୍ଗ ମୋଟ ପଏଣ୍ଟ ବଦଳରେ ପଏଣ୍ଟ ପ୍ରତିଶତ ଆଧାରରେ ସ୍ଥିର କରାଯାଏ। ବାଂଲାଦେଶ ୪ଟି ଟେଷ୍ଟରୁ ୨ଟି ବିଜୟ, ୧ଟି ପରାଜୟ ଏବଂ ୧ଟି ଡ୍ର ସହ ୫୮.୩୩% ଅଙ୍କ ପାଇ ଉପରକୁ ଉଠିଛି। (ମୋଟ ପଏଣ୍ଟ: ୨୮)। ଭାରତ ୯ଟି ଟେଷ୍ଟରୁ ୪ଟି ବିଜୟ, ୪ଟି ପରାଜୟ ଏବଂ ୧ଟି ଡ୍ର ସହ ୪୮.୧୫% ଅଙ୍କ ସହ ଷଷ୍ଠ ସ୍ଥାନରେ ରହିଛି। (ମୋଟ ପଏଣ୍ଟ: ୫୨)। ପୂର୍ବ ଦୁଇଟିଯାକ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ?ର ଫାଇନାଲରେ ସ୍ଥାନ ପକ୍କା କରିଥିବା ଭାରତୀୟ ଦଳ ଚଳିତ ବର୍ଷ ଏପର୍ଯ୍ୟନ୍ତ କୌଣସି ଟେଷ୍ଟ ମ୍ୟାଚ୍ ଖେଳିନାହିଁ। ଶୁଭମନ ଗିଲ୍ ?ଙ୍କ ନେତୃତ୍ୱରେ ଭାରତୀୟ ଦଳ ଆସନ୍ତା ଜୁନ୍ ୬ ତାରିଖରୁ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ, କିନ୍ତୁ ଏହା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଅଂଶ ବିଶେଷ ନୁହେଁ।

# ଚମକିଲେ ବୈଭବ ସୂର୍ଯ୍ୟବଂଶୀ

## ଲକ୍ଷ୍ନୌକୁ ୭ ଉ୍ୱିକେଟ୍‌ରେ ପରାସ୍ତ କଲା ରାଜସ୍ଥାନ

ଜୟପୁର, ୨୦।୫: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୪ତମ ମ୍ୟାଚ୍‌ରେ ରାଜସ୍ଥାନ ବିଜୟୀ ହୋଇଛି। ଲକ୍ଷ୍ନେ ସୁପର ଜାଏଣ୍ଟସ୍‌କୁ ରାଜସ୍ଥାନ ୭ ଉ୍ୱିକେଟ୍‌ରେ ପରାସ୍ତ କରିଛି। ରାଜସ୍ଥାନ ରୟାଲ୍ସ ୨୨୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୯.୧



ଓଭରରେ ୩ଟି ଉ୍ୱିକେଟ ହରାଇ ୨୨୫ ରନ୍ କରିଛି।

ଦଳର ପ୍ରାରମ୍ଭିକ ବ୍ୟାଟିଂ ମଧ୍ୟ ଭଲ ରହିଥିଲା। ପ୍ରାରମ୍ଭିକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ପ୍ରଥମ ଉ୍ୱିକେଟ୍ ପାଇଁ ୭୫ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ଜୟସ୍ୱାଲ ୪୩ ରନ୍ ସଂଗ୍ରହ କରିଥିଲେ। ସେ ୨୩ଟି ବଲ୍ ଖେଳି ୮ଟି ଚେକା ଏବଂ ଗୋଟିଏ ଛକା ମାରିଥିଲେ। ରାଜସ୍ଥାନ ପାଇଁ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୮ଟି ବଲ୍ ଖେଳି ୭ଟି ଚେକା ଏବଂ ୧୦ଟି ଛକା ମାରିଥିଲେ। ମୋହସି ଖାନଙ୍କ ବଲ୍ ଅବଦୁଲ ସାମଦଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଧ୍ରୁବ ଜୁରେଲ ଅର୍ଦ୍ଧଶତକ ମାରିଥିଲେ। ସେ ୩୮ ଟି ବଲ୍ ଖେଳି ୩ଟି ଚେକା ଏବଂ ୩ଟି ଛକା ବଳରେ ଅପରାଜିତ ୫୩ ରନ୍ କରିଥିଲେ।

ଜୟପୁରସ୍ଥିତ ସୱାଇ ମାନସିଂହ ଷ୍ଟାଡିୟମରେ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅତିଥି ଦଳ ବ୍ୟାଟିଂ କରିଥିଲା। ରଷଭ ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ନେ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ଉ୍ୱିକେଟ୍ ହରାଇ ୨୨୦ ରନ୍ ସଂଗ୍ରହ କରିଥିଲା। ଲକ୍ଷ୍ନେ ପାଇଁ ମିଚେଲ ମାର୍ଶ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଶତକ ଠାରୁ ୪ ରନ୍ ଦୂରରେ ରହି ଆଉଟ୍ ହୋଇଛନ୍ତି।

ରାଜସ୍ଥାନର ପ୍ରାରମ୍ଭିକ ବ୍ୟାଟିଂ ଶକ୍ତିଶାଳୀ ଥିଲା। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ଶ ଏବଂ ଜୋଶ ଇଂଲିଶ ଶତକୀୟ ଭାଗିଦାରୀ କରିଥିଲେ। ଉଭୟ ବ୍ୟାଟର ପ୍ରଥମ ଉ୍ୱିକେଟ୍ ପାଇଁ ୧୦୯ ରନ୍ ଯୋଡିଥିଲେ। ଏଥିରୁ ଜୋଶ ଇଂଲିଶ ଏକାକୀ ୬୦ ରନ୍ ସଂଗ୍ରହ କରିଥିଲେ। ସେ ସେ ଯଶ ରାଜ ପୁଞ୍ଜାଙ୍କ ହାତରେ ଆଉଟ୍ ହେବା ପୂର୍ବରୁ ୨୯ଟି ବଲ୍ ଖେଳିଥିଲେ। ଏଥିରୁ ସେ ୭ଟି ଚେକା ଏବଂ ୩ଟି ଛକା ମାରିଥିଲେ। ଦଳ ୧୫୧ ରନ୍‌ରେ ଦ୍ୱିତୀୟ ଉ୍ୱିକେଟ୍ ଭାବେ ନିକୋଲାସ ପୂରନଙ୍କୁ ହରାଇଥିଲା। ସେ ୧୧ଟି ବଲ୍ ଖେଳି ୨ଟି ଛକା ବଳରେ ୧୬ ରନ୍ ସଂଗ୍ରହ କରିଥିଲେ। ରାଜସ୍ଥାନର ତୃତୀୟ ଉ୍ୱିକେଟରେ ଲକ୍ଷ୍ନେର ଅଧିନାୟକ ରଷଭ ପନ୍ତ ଆଉଟ୍ ହୋଇଥିଲେ। ସେ ୨୩ଟି ବଲ୍ ଖେଳି ୨ଟି ଚେକା ଏବଂ ୨ଟି ଛକା ବଳରେ ୩୫ ରନ୍ ସଂଗ୍ରହ କରିଥିଲେ। ମିଚେଲ ମାର୍ଶ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଶତକ ପୂରଣ ପାଇଁ ଲଢ଼ କରିଥିଲେ। ୫୭ଟି ବଲ୍ ଖେଳି ୧୧ଟି ଚେକା ଏବଂ ୫ଟି ଛକା ବଳରେ ୯୬ ରନ୍ ସଂଗ୍ରହ କରିଥିଲେ। ରାଜସ୍ଥାନ ପାଇଁ ଯଶ ରାଜ ପୁଞ୍ଜା ୨ଟି ଏବଂ ଜୋଫ୍ରା ଆର୍ଚ୍ଚର ଗୋଟିଏ ଉ୍ୱିକେଟ୍ ଅକ୍ତିଆର କରିଥିଲେ।

### ୬ ବଲ୍‌ରୁ ୬ ଉଇକେଟ୍

ନୂଆଦିଲ୍ଲୀ, ୨୦।୫: କ୍ରିକେଟରେ ହ୍ୟାଟ୍ରିକ ନେବା ଏକ ପ୍ରମୁଖ ସଫଳତା ବୋଲି ବିବେଚନା କରାଯାଏ। କିନ୍ତୁ ଦୁଇ ଜଣ ଅଷ୍ଟ୍ରେଲିୟ ବୋଲର ଏପରି ଏକ ସଫଳତା ହାସଲ କରିଥିଲେ ଯାହାକୁ ଆଜି ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ କେହି ପୁନରାବୃତ୍ତି କରିପାରି ନାହାଁନ୍ତି। ଆଲେଡ କେରି ଏବଂ ଗାରେଥ ମୋର୍ଗାନ ଲଗାତାର ୬ଟି ବଲରେ ୬ଟି ଉଇକେଟ ନେଇ କ୍ଲବ କ୍ରିକେଟରେ ଇତିହାସ ରଚିଥିଲେ। ଏହି ରେକର୍ଡ କ୍ରିକେଟ ଜଗତର ସବୁଠାରୁ ଅନନ୍ୟ ଏବଂ ଆଶ୍ଚର୍ଯ୍ୟଜନକ ସଫଳତା ମଧ୍ୟରୁ ଗୋଟିଏ। ଏହି ଅସାଧାରଣ ସଫଳତା ଅନ୍ତର୍ଜାତୀୟ କ୍ରିକେଟରେ ଘଟି ନ ଥିଲା, ବରଂ କ୍ଲବ କ୍ରିକେଟ କ୍ଷେତ୍ରରେ ପ୍ରକାଶିତ ହୋଇଥିଲା। ଅଷ୍ଟ୍ରେଲିଆର ଆଲେଡ କେରି ଜାନୁଆରୀ ୨୧, ୨୦୧୭ରେ ଇତିହାସରେ ନିଜ ନାମ ଲେଖିଥିଲେ। ସେ ଗୋଲଡେନ ପଏଣ୍ଟ କ୍ରିକେଟ କ୍ଲବ ପାଇଁ ଖେଳୁଥିଲେ। ମ୍ୟାଚ ଭିକ୍ଟୋରିଆରେ ଅନୁଷ୍ଠିତ ହୋଇଥିଲା।

# ଗମ୍ଭୀର ଆସିବା ପରେ ବିରାଟଙ୍କ ସ୍ଥିତି ବଦଳିଗଲା: ମଞ୍ଜରେକର

ନୂଆଦିଲ୍ଲୀ, ୨୦।୫: ଟେଷ୍ଟରୁ ଅବସର ଓ ୨୦୨୭ ଦିନିକିଆ ବିଶ୍ୱକପ୍ ? ଖେଳିବା ନେଇ ବିରାଟ କୋହଲି ରଖିଥିବା ସର୍ତ୍ତକୁ ନେଇ ଚର୍ଚ୍ଚା ଜାରି ରହିଛି। ଏବେ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ କ୍ରିକେଟର୍ ସଂଜୟ ମଞ୍ଜରେକର। ସେ କହିଛନ୍ତି ଯେ ବିରାଟ ଯେଉଁ 'ପରିବେଶ' କଥା କହୁଛନ୍ତି, ତାହା ହେଉଛି 'ଅଜିତ ଅଗରକର ଓ ଗୌତମ ଗମ୍ଭୀର'।

ଗମ୍ଭୀରଙ୍କ ସହ ବିରାଟଙ୍କ ମତଭେଦକୁ ସ୍ୱୀକାର କରିବା ସହ ସେ କହିଛନ୍ତି ଯେ ବିରାଟ ଟେଷ୍ଟ୍ ?ରୁ ଅବସର ଲାଗି ଏହି ପରିବର୍ତ୍ତିତ ପରିବେଶକୁ ଦାୟୀ କରୁଛନ୍ତି। କିନ୍ତୁ ସେ ନିଜେ ନିଜର ବିଗତ ପାଞ୍ଚ ବର୍ଷର ଟେଷ୍ଟ



ପ୍ରଦର୍ଶନକୁ ବିଚାରକୁ ନେବା ଆବଶ୍ୟକ। ୨୦୦୦ରୁ ୨୦୨୫ ମଧ୍ୟରେ ବିରାଟଙ୍କ ଟେଷ୍ଟ ହାରାହାରି ୬୦ ପ୍ରତିଶତରୁ ୪୬.୮୫ ପ୍ରତିଶତକୁ ଖସିଆସିଥିଲା। ଅଫ୍ ?ଷ୍ଟମ୍ପ୍ ବାହାର ବଲ୍ ?କୁ ଖେଳିବାରେ ତାଙ୍କ ଦୁର୍ବଳତା ଜାରି ରହିଥିଲା। ସେ ଶତକ ମାରିପାରୁନଥିଲେ।ଯେତେବେଳେ ସେ ରବି ଶାସ୍ତ୍ରୀଙ୍କ ପ୍ରଶିକ୍ଷଣରେ ଖେଳୁଥିଲେ ସ୍ଥିତି ଅଲଗା ଥିଲା। ସବୁ କ୍ଷେତ୍ରରେ ଶାସ୍ତ୍ରୀ ତାଙ୍କୁ ସମର୍ଥନ କରୁଥିଲେ। ଶାସ୍ତ୍ରୀଙ୍କ ପରେ ରାହୁଲ ଦ୍ରାବିଡ଼ ଆସିଲେ ଓ ବିଦାୟ ନେଲେ। କିନ୍ତୁ ଗୌତମ ଆସିବା ପରେ ସ୍ଥିତି ବଦଳିଗଲା। ତାଙ୍କ ଅଧିନରେ ବିରାଟ ପୂର୍ବପରି ସହଜ ଅନୁଭବ କରିପାରିନଥିଲେ। ପୁଣି ଜଣେ ନୂଆ ମୁଖ୍ୟ ଚୟନକର୍ତ୍ତା ଆସିଲେ। ଦଳ ପାଇଁ ତାଙ୍କର ଯୋଜନା ବି ଅଲଗା ଥିଲା। ଏଣୁ ଏହି 'ପରିବେଶ' ସଂପର୍କରେ ହିଁ ବିରାଟ କହୁଛନ୍ତି।

# ଆଇପିଏଲ୍‌ରେ ପୁଳାପୁଳା ଟଙ୍କା ରୋଜଗାର କରୁଛନ୍ତି କୋହଲି

ମୁମ୍ବାଇ, ୨୦।୫: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୮ ବର୍ଷ ଇତିହାସରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ତରଫରୁ ଖେଳିଆସୁଥିବା ବିରାଟ କୋହଲିଙ୍କ ଆୟ ଅନ୍ୟ ଖେଳାଳିମାନଙ୍କଠାରୁ ଯଥେଷ୍ଟ ଅଧିକ। ଏପର୍ଯ୍ୟନ୍ତ ସୁଦ୍ଧା ତାଙ୍କର ମୋଟ ଆୟ ପ୍ରାୟ ୨୩୦କୋଟି ଟଙ୍କା। ଫ୍ରାନାଟିକ୍ ସ୍ପୋଟର୍ସ ଆଣ୍ଡ୍ ହୁରୁନ ନାମକ ଏକ ସଂସ୍ଥା ଦ୍ୱାରା ପ୍ରକାଶିତ ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ଆଇପିଏଲ୍‌ର ସମସ୍ତ ୧୦ ଫ୍ରାଞ୍ଚାଇଜର ମୋଟ ମୂଲ୍ୟ ୧.୬୩ଲକ୍ଷ କୋଟି। ମୂଲ୍ୟାୟନରେ ଶାହାରୁଖ ଖାନ୍‌ଙ୍କ ମାଲିକାନାରେ ରହିଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର)ମୂଲ୍ୟ ୧୯,୦୦୦ କୋଟି ଟଙ୍କା ଏହା ପଛକୁ ରହିଛନ୍ତି ଅମ୍ବାନୀ ପରିବାର ମାଲିକାନାରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ (୧୮,୪୦୦ କୋଟି ଟଙ୍କା) ଏବଂ ଚେନ୍ନାଇ ସୁପର କିଙ୍ଗ୍ସ (୧୮,୪୦୦ କୋଟି ଟଙ୍କା)। କୌତୂହଳର କଥା ଏହିକି ଯେ, ଏକ ଆଇପିଏଲ୍ ଟିମ୍‌ର ହାରାହାରି ମୂଲ୍ୟାୟନ ବର୍ତ୍ତମାନ ୧.୮ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ୨୦୩୨ ବେଳକୁ ଏହାର ପରିମାଣ ୧୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଯାଇଥିବ।



ସର୍ବକାଳୀନ ଆଇପିଏଲ୍ ଆୟରେ କୋହଲିଙ୍କ ପଛକୁ ରୋହିତ ଶର୍ମା (୨୨୭.୨ କୋଟି ଟଙ୍କା ) ଏବଂ ଏମ୍‌ଏସ୍ ଧୋନି (୨୦୦କୋଟି ଟଙ୍କା) ବୋଲି ରିପୋର୍ଟରେ କୁହାଯାଇଛି। ସେ ତୁଳନାରେ ମହିଳା କ୍ରିକେଟରମାନଙ୍କ ମଧ୍ୟରେ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ରେ ଏପର୍ଯ୍ୟନ୍ତ ସୁଦ୍ଧା ସବୁଠାରୁ ଅଧିକ ଆୟ ୧୩.୭ କୋଟି ଟଙ୍କା ସ୍ମୃତି ମନ୍ଧାନା କରିଛନ୍ତି। ଶ୍ରେଷ୍ଠ ୧୦ ମହିଳା ଖେଳାଳି ଏପର୍ଯ୍ୟନ୍ତ ସୁଦ୍ଧା ମାତ୍ର ୧୦ କୋଟି ଟଙ୍କା ଆୟ କରିଛନ୍ତି। ହକି କଥା ଯଦି କୁହାଯାଏ ତେବେ ଡିଫେଣ୍ଡର ହରମନପ୍ରୀତ୍ ସିଂ (୭୮ଲକ୍ଷ ଟଙ୍କା) ହେଉଛନ୍ତି ସର୍ବାଧିକ ଆୟ କରୁଥିବା ଖେଳାଳି। ତାଙ୍କ ପଛକୁ ରହିଛନ୍ତି ଫରଓ୍ୱାର୍ଡ ଅଭିଷେକ ନାଇନ୍ (୭୦ ଲକ୍ଷ ଟଙ୍କା) ଏବଂ ହାର୍ଦ୍ଦିକ ସିଂ (୭୦ ଲକ୍ଷ ଟଙ୍କା)। ହକିରେ ୧୪ ବର୍ଷୀୟ କେତନ କୁଶ୍ୱାହା ଏବଂ ଦୁଇ ୧୫ବର୍ଷୀୟ ପୂର୍ତ୍ତି ଆଶିଷ ତାନି ଓ ରାହୁଲ ଯାଦବଙ୍କ ଭଳି ଯୁବ ପ୍ରତିଭା ସୃଷ୍ଟି ହୋଇଛନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ଦେଖିଲେ ଯେଉଁ ଖେଳ ଭାରତକୁ ଅଲିମ୍ପିକ୍ସରେ ବଡ଼ ଗୌରବ ଆଣି ଦେଇଛି।

# ଅନ୍ତିମ ମ୍ୟାଚରେ ପଡିଆକୁ ଓହ୍ଲାଇବେ ଧୋନି ?

ଚେନ୍ନାଇ, ୨୦।୫: ଆଇପିଏଲ୍ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲେ ବି ମହେନ୍ଦ୍ର ସିଂ ଧୋନି ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଖେଳିନାହାନ୍ତି। ସୋମବାର ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍ ସେ ଖେଳିବେ ବୋଲି ଆଶା କରାଯାଉଥିଲେ ବି ସେ ଖେଳିନଥିଲେ। ଏହାପରେ ପୁଣିଥରେ ତାଙ୍କ ଅବସରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏ ସଂପର୍କରେ ତାଙ୍କର ଏକ ବୟାନ ମଧ୍ୟ ଏହି ଚର୍ଚ୍ଚାକୁ ବଳ ଯୋଗାଇଛି। ସୋମବାର ମ୍ୟାଚ୍ ମଧ୍ୟାନ୍ତରରେ ପରେ ଧୋନି ସିଏସ୍‌କେର ଅନ୍ୟ ଖେଳାଳିଙ୍କ ସହ ପଡ଼ିଆକୁ ଆସି ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ। ସେମାନଙ୍କ ସହ ଫଟୋ ଉଠାଇଥିଲେ। ଏହି ସମୟରେ ଧୋନିଙ୍କ ମୁଖମଣ୍ଡଳ ଉଦାସ ଉଦାସ ଲାଗୁଥିଲା। ଯାହାକି ତାଙ୍କ ଅବସର



ଆଭାସ ଥିଲା ବୋଲି ବିବେଚନା କରାଯାଉଛି।

ତେବେ ଏସବୁ ମଧ୍ୟରେ ପୂର୍ବତନ ଭାରତୀୟ ଦଳ ଓ ସିଏସ୍‌କେ ସଦସ୍ୟ ସୁରେଶ ରାଇନାଙ୍କ ଏକ ପ୍ରଶ୍ନ ଓ ଧୋନି ଦେଇଥିବା ଉତ୍ତର ଅବସର ଚର୍ଚ୍ଚାକୁ ଆହୁରି ବଢାଇଦେଇଛି। ଧୋନିଙ୍କୁ ଏକ କଥାବାର୍ତ୍ତା ସମୟରେ ରାଇନା ପଚାରିଥିଲେ, ''୨୦୨୬ ଆଇପିଏଲ୍ ଆଗି ଖେଳିନଥିବାରୁ ତାହାକୁ ଗଣାଯିବ ନାହିଁ। ଆପଣ ୨୦୨୭ରେ ଖେଳିବେ କି '' ଏହାର ଜବାବରେ ଧୋନି କହିଥିଲେ ଯେ ତାଙ୍କ ଶରୀର ଦୁର୍ବଳ ହୋଇଯାଇଛି। ଧୋନିଙ୍କ ଏହି ବୟାନ ପରେ ଅନୁମାନ କରାଯାଉଛି ଯେ ସେ ଅବସର ନେବାକୁ ଯାଉଛନ୍ତି ଓ ଆସନ୍ତା ବର୍ଷ ଖେଳିବାର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ଦଳର ମୁଖ୍ୟ ପ୍ରଶିକ୍ଷକ ଷ୍ଟିଫେନ୍ ଫ୍ଲେମିଂ କହିଛନ୍ତି ଯେ ଧୋନି ଖେଳୁନଥିଲେ ବି ଡ୍ରେସିଂ ରୁମ୍‌ରେ ତାଙ୍କର ପ୍ରଭାବ ଅକ୍ଷୁଣ୍ଣ ରହିଛି। ତାଙ୍କ ଉପସ୍ଥିତି ଦଳ ପାଇଁ ବେଶ ମୂଲ୍ୟବାନ।

ସୂଚନାଯୋଗ୍ୟ ଯେ ଚଳିତ ଋତୁ ଆରମ୍ଭରୁ ଧୋନିଙ୍କ ଖେଳିବା ନେଇ ଦୃ ଆଶା ସୃଷ୍ଟି ହୋଇଥିଲା। ଚେନ୍ନାଇ ଆସି ସେ ଅଭ୍ୟାସ ମଧ୍ୟ ଆରମ୍ଭ କରି ଦେଇଥିଲେ। ହେଲେ ଧୋନି ଅସମୟରେ ଆହତ ହେବା ପ୍ରଶଂସକଙ୍କ ସହ ଦଳଗତ ଭାବେ ଚେନ୍ନାଇ ପାଇଁ ଶକ୍ତ ଝଟକା ଥିଲା। ସେଥିପାଇଁ ସେ ଗୋଟିଏ ବି ମ୍ୟାଚ୍ ଖେଳି ପାରି ନଥିଲେ। ଏଣୁ ଆଇପିଏଲ୍‌ରୁ ତାଙ୍କ ଅବସର ଚର୍ଚ୍ଚା ପୁଣି ଆରମ୍ଭ ହୋଇଯାଇଥିଲା। ଧୋନି ସୋମବାର ମ୍ୟାଚ୍ ଖେଳିବା ପରିବର୍ତ୍ତ କେବଳ ଷ୍ଟାଡିୟମ୍ ଆସି ଫଟୋ ଉଠାଇବା ପରେ ଚଳିତ ଋତୁରେ ସେ ଖେଳିବା ସମ୍ଭାବନା ପ୍ରାୟ ଶେଷ ହୋଇଯାଇଛି। କେବଳ ଯାହା ଚେନ୍ନାଇ ଓ ତାଙ୍କ ପକ୍ଷରୁ ଆନୁଷ୍ଠାନିକ ଘୋଷଣା ବାକି ରହିଛି। ଧୋନି ଫିଟ୍ ନଥିବାରୁ ଚଳିତ ଋତୁରେ ଖେଳିବା ସମ୍ଭବ ହେଲାନି ବୋଲି ଅଧିନାୟକ ଗାଏକାଡ଼ କହିଛନ୍ତି।

# ଏମ୍ ଇଲେଭେନ୍‌କୁ ହରାଇ ଗୁମାବାହାଲଙ୍କ ବିଜେତା

ଥୁଆମୂଳ ରାମପୁର, ୨୦।୫ : କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଡ୍ରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଢୋଲପାସ ପଡ଼ିଆଠାରେ ଚାଲିଥିବା ପ୍ରତିଷ୍ଠିତ ଜିଲାସ୍ତରୀୟ 'ରାଧାଗୋବିନ୍ଦ ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ' (ସିଜନ-୧) ମଙ୍ଗଳବାର ଭବ୍ୟ ସମାରୋହ ମଧ୍ୟରେ ଉଦଯାପିତ ହୋଇଯାଇଛି। ଏହି ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ କଳମପୁର ବ୍ଲକର ଗୁମାବାହାଲ ଟିମ୍ ପଡୋଶୀ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଅଞ୍ଚଳର ଏମ୍ ଇଲେଭେନ୍ (ଗ-ଡଓ) ଦଳକୁ ୩୧ ରନ୍‌ରେ ପରାସ୍ତ କରି ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି।

ମେଗା ଫାଇନାଲରେ ଗୁମାବାହାଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ୍ ହରାଇ ୧୨୬ ରନ୍‌ର ଏକ ସମ୍ମାନଜନକ ସ୍କୋର ଛିଡ଼ା କରିଥିଲା। ଜବାବରେ ୧୨୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଇଥିବା ଏମ୍ ଇଲେଭେନ୍ ଟିମ୍ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୯୫ ରନ୍‌ରେ ସୀମିତ ରହିଥିଲା। ଫଳରେ ଗୁମାବାହାଲ ଦଳ ୩୧ ରନ୍‌ରେ ଚିତ୍ତାକର୍ଷକ ବିଜୟ ହାସଲ କରି ଟ୍ରଫି ଆପଣେଇ ନେଇଥିଲା। ଫାଇନାଲ ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ ପାଇଁ ଗୁମାବାହାଲ ଦଳର ରମେଶଙ୍କୁ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଏବଂ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଏମ୍ ଇଲେଭେନ୍ ଦଳର ରାଜ୍‌ଙ୍କୁ 'ମ୍ୟାନ୍ ଅଫ୍ ଦ ସିରିଜ୍' ପୁରସ୍କାର ପ୍ରଦାନ କରାଯାଇଥିଲା।

ଗତ ମେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ବୃହତ କ୍ରିକେଟ ମହାକୁମ୍ଭରେ ମୋଟ ୧୬ଟି ପ୍ରତିଷ୍ଠିତ ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲରେ ମଣ୍ଟୁ ଇଲେଭେନ୍‌କୁ ପରାସ୍ତ କରି ଏମ୍ ଇଲେଭେନ୍ ଫାଇନାଲ ଟିକେଟ ହାସଲ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ପ୍ରବଳ ପ୍ରତାପୀ ବେନ୍ଦାଝୋଲା ଦଳକୁ ଧୂଳି ଚଟାଇ ଗୁମାବାହାଲ ଫାଇନାଲରେ ନିଜ ସ୍ଥାନ ସୁରକ୍ଷିତ କରିଥିଲା।

ଉଦଯାପନୀ ଉତ୍ସବରେ ଆୟୋଜକ କମିଟି ପକ୍ଷରୁ ଏକ ବିଶେଷ ପୁରସ୍କାର ବିତରଣୀ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ଏସ୍‌ସି ସେଲ୍ ସଭାପତି ବିଷ୍ଣୁ ନାଏକ, ବିଶିଷ୍ଟ ଯୁବ ନେତା ସୁଜାନ ନାଏକ, ଆଲୋକ ନାଏକ, ଅଡ୍ରି ପଞ୍ଚାୟତର ସରପଞ୍ଚ ନନ୍ଦାଇ ମାଝୀ ଓ ସମିତି ସଭ୍ୟ ରାମ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe lk